


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-165 ♦THURSDAY ♦11 DECEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୬୫ ♦ଗୁରୁବାର ♦୧୧ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ମହାନଦୀ ପାଇଁ ଉଚ୍ଚସ୍ତରୀୟ କମିଟି

## ଉପମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ, ୩ ମନ୍ତ୍ରୀ ଓ ୪ ବିଧାୟକ ସଦସ୍ୟ

■ ଭୁବନେଶ୍ୱର, ୧୦।୧୨ (ସମିସ): ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି କମିଟିରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ଜୟନାରାୟଣ ମିଶ୍ର ଓ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।



### ଛତିଶଗଡ଼ ସହ ଜଳବିବାଦ

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ୨୦ ତାରିଖରେ ମହାନଦୀ ଜଳବିବାଦ ମାମଲାର ୪୭ତମ ଶୁଣାଣି ହେବ। ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଜୋର୍ ଦେଇ ଆସୁଛନ୍ତି। ଏଥିପାଇଁ ଉଭୟ ରାଜ୍ୟ ମଧ୍ୟ ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ତେବେ ଏହି ଆପୋସ ବୁଝାମଣାର ମୂଳ ସର୍ତ୍ତ କଣ ଏବଂ କେଉଁ ବିଷୟବସ୍ତୁ ଉପରେ ଆଧାରିତ, ତାହାକୁ ସାର୍ବଜନୀନ କରିବାକୁ ଦାବି କରି ଆସୁଛନ୍ତି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ସାମାଜିକ ସଂଗଠନ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ କମିଟି ଗଠନ ପଦକ୍ଷେପକୁ ନେଇ ସେମାନେ ମତାମତ ରଖିଛନ୍ତି। ଏପରି ଏକ ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ବହୁଦିନ ▶ପୃଷ୍ଠା-୭

# ନକଲି ଘିଅ ପରେ ତିରୁମାଲାରେ ରେଶମ ଦୁପଟ୍ଟା ଦୁର୍ନୀତି



■ ତିରୁପତି, ୧୦।୧୨ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିରରେ ଏବେ ଏକ ନୂଆ ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି। ପ୍ରସାଦ ଭାବେ ଦିଆଯାଉଥିବା ନକଲି ଘିଅର ଲଡ୍ଡୁ ପରେ ଅଙ୍ଗବସ୍ତ୍ର ଅର୍ଥାତ ଦୁପଟ୍ଟା ନେଇ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ଜଣେ ଠିକାଦାର ନିରନ୍ତର ଭାବେ ଶୁଦ୍ଧ ସିଲ୍‌କ ଦୁପଟ୍ଟା ବଦଳରେ ଶତ ପ୍ରତିଶତ ପଲିଷ୍ଟର ଦୁପଟ୍ଟା ଯୋଗାଇଥିଲେ। ସିଲ୍‌କ ଦୁପଟ୍ଟା ନାମରେ ହିଁ ବିଲିଂ କରାଯାଇଛି।

**ପଲିଷ୍ଟରକୁ ସିଲ୍‌କ କହି ବିକ୍ରି କାରାଯାଉଥିଲା**

**୧୦ ବର୍ଷରେ ୫୪ କୋଟିର ଦୁର୍ନୀତି**

ଏହି ପିଲିଷ୍ଟର ଦୁପଟ୍ଟାର ପ୍ରକୃତ ମୂଲ୍ୟ ୩୫୦ ଟଙ୍କା ଥିଲା। କିନ୍ତୁ ଏହାକୁ ମନ୍ଦିର ପରିଚାଳନା କରୁଥିବା ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ୧,୩୦୦ ଟଙ୍କାରେ କିଣୁଥିଲା। ଦୁର୍ନୀତିର ଏହି ପ୍ରକ୍ରିୟା ୨୦୧୫ରୁ ଆରମ୍ଭ ହୋଇ ୨୦୨୫ ପର୍ଯ୍ୟନ୍ତ ଚାଲିଥିଲା ବୋଲି କୁହାଯାଇଛି। ଏହି ସମୟ ମଧ୍ୟରେ ଟିଟିଡି ସମ୍ପୃକ୍ତ ଠିକାଦାରଙ୍କୁ ୫୪ କୋଟି ଟଙ୍କା ପ୍ରଦାନ କରିଥିଲା। ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ ତଦନ୍ତ ଆରମ୍ଭ କରିଥିଲେ ଓ ଏହାପରେ ସମ୍ପୂର୍ଣ୍ଣ ମାମଲା ସାମ୍ନାକୁ ଆସିଥିଲା।

ନାଇଡୁଙ୍କ କହିବା ଅନୁଯାୟୀ ମନ୍ଦିରରେ ଦାନ ଦେଉଥିବା ବଡ଼ ଦାନକର୍ତ୍ତା ପ୍ରସାଦ ଭାବେ ସିଲ୍‌କ ଦୁପଟ୍ଟା ଚଢ଼ାଇଥାନ୍ତି। ଏହା ବ୍ୟତୀତ ବେଦାଶୀର୍ବଚନମ ଭଳି ପୂଜା- ଅନୁଷ୍ଠାନରେ ସିଲ୍‌କ ଦୁପଟ୍ଟାର ବ୍ୟବହାର ହୋଇଥାଏ। ▶ପୃଷ୍ଠା-୭

# ଶୀତ ଲହରୀ ଆଉ ୨ ଦିନ



■ ଭୁବନେଶ୍ୱର, ୧୦।୧୨ (ସମିସ): ସାରା ରାଜ୍ୟରେ ଜାରି ରହିଛି ଥଣ୍ଡାର ପ୍ରଭାବ। ତାପମାତ୍ରା ତଳ ମୁହାଁ ହେତୁ ବିଭିନ୍ନ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୫ ଡିଗ୍ରୀକୁ ଖସିଛି। ସେହିପରି ସେମିଳିଗୁଡ଼ାରେ ମଧ୍ୟ ସମାନ ଅର୍ଥାତ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୬.୫, ଝାରସୁଗୁଡାରେ ୭, ଭବାନୀପାଟଣାରେ ୮.୮, ଦାରିଙ୍ଗବାଡିରେ ୯, ଅନୁଗୁଳରେ ୯, ରାଉରକେଲାରେ ୯.୧, ସୁନ୍ଦରଗଡ଼ ୯.୨, ନବରଙ୍ଗପୁରରେ ୯.୮, ବଲାଙ୍ଗିରରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱର ପାଣିପାଗ ବିଭାଗ ସୂଚନା ଅନୁସାରେ ଝାରସୁଗୁଡ଼ାର ▶ପୃଷ୍ଠା-୭

# ୟୁନେସ୍କୋ ବିଶ୍ୱ ଐତିହ୍ୟ ସୂଚୀରେ ଦୀପାବଳି

■ ଜାକର୍ତ୍ତା, ୧୦।୧୨ (ଏଜେନ୍ସି): ସନାତନ ପରମ୍ପରାର ସବୁଠାର ବଡ଼ ପର୍ବ ଦୀପାବଳିକୁ ୟୁନେସ୍କୋର ବିଶ୍ୱ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରାଯାଇଛି। ବୁଧବାର ୟୁନେସ୍କୋ ଜାତିସଙ୍ଘ ଶିକ୍ଷା, ବୈଜ୍ଞାନିକ ତଥା ସଂସ୍କୃତିକ ସଂଗଠନର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକା ଘୋଷଣା କରିଛି। ଏହି ତାଲିକାରେ ଦୀପାବଳି ସହିତ ଘାନା, ଜର୍ଜିଆ, କଙ୍ଗୋ, ଇଥିଓପିଆ ଓ ଇଜିପ୍ଟ ସହିତ ବହୁ ଦେଶର ସଂସ୍କୃତିକ ପ୍ରତୀକକୁ ସାମିଲ କରାଯାଇଛି। ଏହି ତାଲିକାରେ ଭାରତ ୧୫ଟି ଐତିହ୍ୟ ସାମିଲ ରହିଛି। ଏଥିରେ ଦୁର୍ଗାପୂଜା, କୁମ୍ଭମେଳା, ବୈଦିକ ମନ୍ତ୍ରୋଚାର, ରାମଲୀଳା, ଛଉନୃତ୍ୟ ମଧ୍ୟ ରହିଛି। ଦିଲ୍ଲୀରେ ୟୁନେସ୍କୋର ଅମୂଲ୍ୟ ଐତିହ୍ୟ ପାଇଁ ଆନ୍ତଃସରକାରୀ କମିଟିର ବିଂଶତମ ବୈଠକ ଚାଲୁଥିବା ବେଳେ ଏହି ନିଷ୍ପତ୍ତି ନିଆଯାଇଛି।




ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି, ଦୀପାବଳି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆତ୍ମା। ଏହି ପର୍ବକୁ ୟୁନେସ୍କୋ ଐତିହ୍ୟରେ ସାମିଲ ▶ପୃଷ୍ଠା-୭

**କଂଗ୍ରେସରେ ବିଦ୍ରୋହ**


# ବିଗୁଲ ଫୁଙ୍କିଲେ ମୋକିମ୍

- ସୋନିଆଙ୍କୁ ଲେଖିଲେ ପାଞ୍ଚ ପୃଷ୍ଠାର ଚିଠି
- ଭକ୍ତଙ୍କ ନେତୃତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ
- ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାର ପ୍ରସ୍ତାବ
- ବାଦ ପଡ଼ିଲେ ନାହିଁ ପୂର୍ବ ସଭାପତି ଶରତ



■ ଭୁବନେଶ୍ୱର, ୧୦।୧୨ (ସମିସ): ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ କଂଗ୍ରେସରେ କୁହୁଳୁଥିବା ନିଆଁ ଏବେ ହୁତହୁତ ଜଳିବା ଆରମ୍ଭ ହୋଇଛି। ଦଳର ନେତାମାନେ ଖୋଲାଖୋଲି ନିର୍ବାଚନ ପରିଚାଳନାକୁ ସମାଲୋଚନା କରୁଥିବା ବେଳେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଫୁଙ୍କିଛନ୍ତି ବିଦ୍ରୋହର ବିଗୁଲ। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଓ ବର୍ତ୍ତମାନର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ସେ ଚାଲେଞ୍ଜ କରିଛନ୍ତି। ରାଜ୍ୟରୁ ଜାତୀୟସ୍ତରରେ ଦଳରେ ଚାଲିଥିବା ବ୍ୟବସ୍ଥା ସମ୍ପର୍କରେ ସେ ଦଳର ସର୍ବମାନ୍ୟ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ୫ ପୃଷ୍ଠା ଚିଠି ଲେଖି କଂଗ୍ରେସର ଆମୂଳଚୂଳ ପରିବର୍ତ୍ତନ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି।

ମୋକିମ୍ ତାଙ୍କ ଚିଠିରେ ନିଜକୁ ଜଣେ ସଚ୍ଚା କଂଗ୍ରେସୀ ବୋଲି ଅଭିହିତ କରି ପିସିସି ସଭାପତି ରୂପେ ଶରତ ପଟ୍ଟନାୟକ ଓ ପରେ ଭକ୍ତ ଦାସଙ୍କ ନିଯୁକ୍ତି ଦ୍ୱାରା ଦଳ କିପରି ଓଡ଼ିଶାରେ ପ୍ରଭାବିତ ହୋଇଛି ତାହା ଉଲ୍ଲେଖ କରିଛନ୍ତି। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ▶ପୃଷ୍ଠା-୭




# ସାମ୍ବାଦିକାଙ୍କୁ ଆଖିମାରିଲେ ପାକ୍ ସେନା ଅଧିକାରୀ



ଇସଲାମାବାଦ, ୧୦।୧୨ (ଏଜେନ୍ସି): ପାକିସ୍ତାନର ଜଣେ ସେନା ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ଜଣେ ମହିଳା ସାମ୍ବାଦିକାଙ୍କୁ ଆଖି ମାରିବା ଭଳି ଲଜ୍ଜାଜନକ କାର୍ଯ୍ୟ କରିଛନ୍ତି। ଫଳରେ ପାକ୍ ସେନା ଆଉଏକ ନୂଆ ବିବାଦରେ ଫସିଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଅଧିକାରୀ ହେଉଛନ୍ତି ଇଣ୍ଟର-ସର୍ଭିସ ପବ୍ଲିକ ରିଲେସନ (ଆଇଏସ୍‌ପିଆର)ର ଡାଇରେକ୍ଟର ଜେନେରାଲ ତଥା ମୁଖପାତ୍ର ଅହମ୍ମଦ ସରିଫ ଚୌଧୁରୀ। ସାମ୍ବାଦିକା ଅବ୍‌ସା କୋମାନ ପୂର୍ବତନ ପ୍ରଧାମନନ୍ତ୍ରୀ ତଥା ପିଟିଆଇ ମୁଖ୍ୟ ଇମ୍ରାନ ଖାନଙ୍କୁ ନେଇ ପ୍ରଶ୍ନ ପଚାରିଥିଲେ। ଇମ୍ରାନଙ୍କ ବିରୋଧରେ ଜାତୀୟ ସୁରକ୍ଷା ବିପଦ, ରାଷ୍ଟ୍ର ବିରୋଧୀ ଧମକ ଓ ଦିଲ୍ଲୀ ନିର୍ଦ୍ଦେଶରେ କାର୍ଯ୍ୟକରିବା ଭଳି ଅଭିଯୋଗ ପୂର୍ବ ଅଭିଯୋଗଗୁଡିକଠାରୁ କିପରି ଭିନ୍ନ ଏବଂ ତାଙ୍କ ବିରୋଧରେ କୌଣସି ନୂତନ କର୍ଯ୍ୟାନୁଷ୍ଠାନ ଆଶା କରାଯାଉଛି କି ବୋଲି ପ୍ରଶ୍ନ କରିଥିଲେ। ଚୌଧୁରୀ କିନ୍ତୁ ଏହାର ଏକ ବ୍ୟଙ୍ଗାତ୍ମକ ଉତ୍ତର ଦେବାସହ ଇମ୍ରାନ ଜଣେ ମାନସିକ ରୋଗୀ ବୋଲି କହିଥିଲେ। ଏଥିସହ ସେ ଟିକେ ହସି ସାମ୍ବାଦିକାଙ୍କୁ ଆଖି ମାରିଥିଲେ। ଏହା ଦ୍ୱାରା ଦେଶ ଲଜ୍ଜିତ ହେଉଛି ଓ ପାକିସ୍ତାନ ପରିହାସର ପାତ୍ର ହୋଇଛି ବୋଲି କେତେଜଣ ୟୁଜର ଲେଖିଛନ୍ତି।

# ଲେଭିଟ୍‌ଙ୍କ ମୁଖ ସୁନ୍ଦର, ଓଠ ମେସିନଗନ୍ ଭଳି: ଟ୍ରମ୍ପ



ନ୍ୟୁୟର୍କ, ୧୦।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଟି ପୁଣି ଥରେ ଖସିଛି। ଡିସେମ୍ବର ୯ରେ ପେନସିଲଭାନିଆର ଏକ ରାଲିରେ ବକ୍ତବ୍ୟ ଦେଉଥିବା ବେଳେ ସେ ମୂଳ ପ୍ରସଙ୍ଗ ଛାଡି ୨୮ ବର୍ଷୀୟା ହ୍ୱାଇଟ୍ ହାଉସ ସଚିବ କାରୋଲିନ ଲେଭିଟ୍‌ଙ୍କ ସୌନ୍ଦର୍ଯ୍ୟର ପ୍ରଶଂସାରେ ଶତମୁଖ ହୋଇଥିଲେ। ୫ ପିଲାର ବାପା ୭୯ ବର୍ଷୀୟ ଟ୍ରମ୍ପଙ୍କ ପାଟିରୁ ଏହି କଥା ଶୁଣି ହାସ୍ୟରୋଳ ସୃଷ୍ଟି ହୋଇଥିଲା। ଟ୍ରମ୍ପ କହିଥିଲେ ଯେ ଲେଭିଟ୍‌ଙ୍କ ମୁଖ ବହୁତ ସୁନ୍ଦର ଓ ଓଠ ମେସିନଗନ ଭଳି ଚାଲୁଛି । ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ହଇଚଇ ସୃଷ୍ଟି କରିଛି। ଏହି ରାଲିରେ ଟ୍ରମ୍ପ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆର୍ଥିକ ସଫଳତା, ଦରଦାମ ଉପରେ ନିୟନ୍ତ୍ରଣ, ନିଯୁକ୍ତି ସୃଷ୍ଟି ନେଇ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେ କହିଥିଲେ ଯେ, ଆଜି ଆମେ ନିଜର ସୁପରଷ୍ଟାର ଲେଭିଟ୍‌ଙ୍କୁ ସାଙ୍ଗରେ ଆଣିଛୁ। ଏହାପରେ ସେ ତାଙ୍କର ପ୍ରଶଂସା କରିଥିଲେ। ଲେଭିଟ ଟ୍ରମ୍ପଙ୍କଠାରୁ ୫୧ ବର୍ଷ ଛୋଟ। ଲେଭିଟ ଟେଲିଭିଜନରେ କହୁଥିବା ବେଳେ ଚମତ୍କାର ଲାଗନ୍ତି। ଗତ ଅଗଷ୍ଟରେ ମଧ ସେ ଲେଭିଟ୍‌ଙ୍କୁ ନେଇ ନ୍ୟୁଜମ୍ୟାକ୍ସରେ ଏହି ଭଳି ମନ୍ତବ୍ୟ ଦେଇଥିଲେ। ଲେଭିଟଙ୍କୁ ଶ୍ରେଷ୍ଠ ପ୍ରେସ ସଚିବ ବୋଲି ସେ କହିଥିଲେ। ଉଲ୍ଲେଖଥାଉ କି, ଲେଭିଟି ଟ୍ରମ୍ପ ପ୍ରଶାସନରେ ପ୍ରଥମେ ୨୦୧୯ ରୁ ୨୦୨୧ ମଧ୍ୟରେ ଉପ ପ୍ରେସ ସଚିବ ଭାବେ କାର୍ଯ୍ୟ କରିଥିଲେ। ଲେଭିଟ୍‌ଙ୍କ ସ୍ୱାମୀ ୬୦ ବର୍ଷୀୟ ନିକୋଲାସ ରିକ୍କୋ ଜଣେ ରିୟଲ ଇଷ୍ଟେଟ୍ ଡେଭଲପର। ତାଙ୍କର ଜଣେ ପୁଅ ନିକୋ ଅଛନ୍ତି।

## କେନ୍ଦ୍ରକୁ ଦିଲ୍ଲୀ ହାଇକୋର୍ଟଙ୍କ ପ୍ରଶ୍ନ: ଇଣ୍ଡିଗୋ ଫେଲ୍, ସରକାର କ'ଣ କରୁଥିଲେ

# ୪ ହଜାର ଟିକଟ୍‌ର ଦାମ୍ ୪୦ ହଜାର ?



**ଇଣ୍ଡିଗୋ ସିଇଓଙ୍କୁ ସମନ କଲା ଡିଜିସିଏ**

**ଇଣ୍ଡିଗୋ ଜାଣିଶୁଣି ଭୁଲ୍ କରିଛି: ମନ୍ତ୍ରୀ**

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଇଣ୍ଡିଗୋ ସଙ୍କଟକୁ ନେଇ ଦିଲ୍ଲୀ ହାଇକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଶତାଧିକ ବିମାନ ବାତିଲ ହେଉଥିବାବେଳେ ଭଡ଼ା ବୃଦ୍ଧି ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିଲେ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣ ମଧ ମାରିଛନ୍ତି। କୋର୍ଟ ପଚାରି ଥିଲେ ଯେ ଏୟାରଲାଇନ ବିଫଳ ହେବା ପରେ ସରକାର କ'ଣ କରିଥିଲେ? ଏଭଳି ସଙ୍କଟରେ ସ୍ଥିତିର ଲାଭ ଉଠାଇବାକୁ ଅନ୍ୟ ଏୟାରଲାଇନ ଗୁଡ଼ିକୁ କାହିଁକି ଦିଆଗଲା? ୪ ହଜାର ଟଙ୍କାର ଟିକଟ ମୂଲ୍ୟ ୩୫-୩୯ ହଜାର ଟଙ୍କା ପର୍ଯ୍ୟନ୍ତ କେମିତି ପହଞ୍ଚି ଗଲା? ଏୟାରଲାଇନ ଗୁଡ଼ିକ ଏତେ ଟଙ୍କା କେମିତି ନେଇପାରିବେ? ଏ ସବୁ କିପରି ହୋଇପାରିଲା? ଏ ନେଇ ସରକାର କି କାର୍ଯ୍ୟାନୁଷ୍ଠାନ ନେଲେ? ସରକାରଙ୍କ ହିଁ ଏଭଳି ସ୍ଥିତି ସୃଷ୍ଟି ହେବାକୁ ଦେଲେ ବୋଲି ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ କହିଛନ୍ତି। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି।

ଇଣ୍ଡିଗୋ ସଙ୍କଟର ନିରପେକ୍ଷ ନ୍ୟାୟିକ ଯାଞ୍ଚ ଦାବି ଏବଂ ବିମାନ ବାତିଲ ହେବା ଯୋଗୁଁ ବିମାନବନ୍ଦରରେ ଫସିଥିବା ଯାତ୍ରୀଙ୍କୁ ଆର୍ଥିକ କ୍ଷତିପୂରଣ ଦେବା ନିମନ୍ତେ ଏହି ଆବେଦନରେ ଦାବି କରାଯାଇଥିଲା। ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ଏହା କେବଳ ବ୍ୟକ୍ତିଗତ ଯାତ୍ରୀଙ୍କ ମାମଲା ନୁହେଁ, ବରଂ ଆର୍ଥିକ କ୍ଷତି ମଧ ହୋଇଛି। ଭବିଷ୍ୟତରେ ଯେଭଳି ଏପରି ସ୍ଥିତି ସୃଷ୍ଟି ନ ହେବ ତାହା ସରକାରଙ୍କୁ ସୁନିଶ୍ଚିତ କରିବାକୁ ହେବ। ମୁଖ୍ୟ ବିଚାରପତି କହିଥିଲେ ଯେ ଏୟାରଲାଇନର କର୍ମଚାରୀ ଯାତ୍ରୀଙ୍କ ସହ ସଠିକ ବ୍ୟବହାର କରିବା ପାଇଁ କି ପଦକ୍ଷେପ ନିଆଯାଇଛି? ପାଇଲଟଙ୍କ କାର୍ଯ୍ୟ ନିର୍ଘଣ୍ଟ ନିୟମାବଳୀକୁ ଠିକ୍ ସମୟରେ କାହିଁକି କାର୍ଯ୍ୟକାରୀ କରାଗଲାନି ବୋଲି ପଚାରି ଥିଲେ। ସ୍ଥିତିର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) କୋର୍ଟଙ୍କୁ ସୂଚନା ଦେଇଥିଲେ। ତେବେ ହାଇକୋର୍ଟ କହିଥିଲେ ଯେ ସଙ୍କଟ ସୃଷ୍ଟି ହେବା ପରେ ସରକାର ଏହି ପଦକ୍ଷେପ ନେଇଥିଲେ। କିନ୍ତୁ ପ୍ରଶ୍ନ ଏହା ନୁହେଁ। ଏଭଳି ସ୍ଥିତି କାହିଁକି ସୃଷ୍ଟି ହେଲା? ଆଉ ସରକାର କ'ଣ କରୁଥିଲେ? ପାଇଲଟଙ୍କୁ କାହିଁକି ଅଧିକ କାମ କରିବାକୁ ଦିଆଗଲା? ଏହାକୁ ରୋକିବା ପାଇଁ କି କାର୍ଯ୍ୟାନୁଷ୍ଠାନ ନିଆଯିବ? ଜବାବରେ ଏଏସଜି କୋର୍ଟଙ୍କୁ ଜଣାଇ ଥିଲେ ଯେ ଇଣ୍ଡିଗୋକୁ ଡିଜିସିଏ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଇଣ୍ଡିଗୋ କ୍ଷମା ମାଗିବା ସହ ଏହାର ଜବାବ ଦେଇଛି। ଏହାକୁ ନେଇ କୋର୍ଟ ସ୍ଥିତି ସମ୍ଭାଳିବା ପ୍ରୟାସକୁ ପ୍ରଶଂସା କରିଥିଲେ, କିନ୍ତୁ ସ୍ଥିତି ଏଭଳି ହେବାକୁ କାହିଁକି ଦିଆଗଲା ବୋଲି ପଚାରି ଥିଲେ। ଏହା ହିଁ ଚିନ୍ତାର ବିଷୟ। ବିନା ସହାୟତାରେ ଲକ୍ଷାଧିକ ଯାତ୍ରୀ ବିମାନବନ୍ଦରରେ ଫସି ରହିଥିଲେ। ଏହା କେବଳ ଯାତ୍ରୀଙ୍କ ପାଇଁ ନୁହେଁ, ସମଗ୍ର ଅର୍ଥ ବ୍ୟବସ୍ଥାକୁ ମଧ ପ୍ରଭାବିତ କରିଥିଲା। ସରକାରଙ୍କ ହସ୍ତକ୍ଷେପ ସତ୍ତ୍ୱେ ଇଣ୍ଡିଗୋ ସମସ୍ୟା କମ୍ ହେବାର ନା ଧରୁନି। ଇଣ୍ଡିଗୋ ସଙ୍କଟ ବୁଧବାର ନବମ ଦିନରେ ପହଞ୍ଚିଛି। ପରିଚାଳନା ଗତ ସମସ୍ୟାରୁ ଇଣ୍ଡିଗୋ ବାହାରି ପାରୁନି କି ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳୁନାହିଁ। ଆଜି ଏହି ଏୟାରଲାଇନ ୨୨୦ରୁ ଅଧିକ ବିମାନକୁ ବାତିଲ କରିଦେଇଛି।

ଏହା ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ (ଡିଜିସିଏ) ଇଣ୍ଡିଗୋ ସିଇଓ ପିଟର୍ସ ଏଲବର୍ସଙ୍କୁ ସମନ ଜାରି କରିଛି। ତାଙ୍କୁ ଗୁରୁବାର ହାଜର ହେବା ପାଇଁ କୁହାଯାଇଛି। ଏବେ ଇଣ୍ଡିଗୋ ସଙ୍କଟକୁ ନେଇ ଡିଜିସିଏ ବି କେନ୍ଦ୍ର ସରକାରଙ୍କ ଯାଞ୍ଚ ରାଡାରରେ ରହିଛି।

# ସଂସଦରେ ଏସ୍‌ଆଇଆର ଝଡ଼: ଶାହ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଲୋକସଭାରେ ନିର୍ବାଚନ ସଂସ୍କାର ତଥା ଏସ୍‌ଆଇଆର ଉପରେ ବିତର୍କ ସମୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ମୁହାଁମୁହିଁ ହୋଇଛନ୍ତି। ଭୋଟର ତାଲିକାରେ ଅନିୟମିତତାକୁ ନେଇ ରାହୁଲ ସାମ୍ବାଦିକ ସମ୍ମିଳନୀ କରି ଲଗାଇଥିବା ଅଭିଯୋଗ ଉପରେ ଶାହାଙ୍କୁ ଖୋଲା ବିତର୍କର ଆହ୍ୱାନ ଦେଇଛନ୍ତି। ଏହାର ଜବାବରେ ଶାହା କହିଥିଲେ ଯେ, ମୁଁ କ'ଣ କହିବି ଏବଂ କେଉଁ କ୍ରମରେ କହିବି ତାହା କେହି ନିର୍ଦ୍ଦେଶ ଦେଇପାରିବେ ନାହିଁ। ମାତ୍ର ରାହୁଲ ଏଇଠି ଅଟକି ଯାଇ ନ ଥିଲେ। କଥାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଭୟଭୀତ ହୋଇ ଯାଇଥିବା ଜଣାପଡୁଛି। ଭୟରେ ଏପରି ପ୍ରତିକ୍ରିୟା ଦେଉଛନ୍ତି ବୋଲି ରାହୁଲ କହିଥିଲେ। ଜବାବରେ ଶାହା କହିଥିଲେ ଯେ, ତାଙ୍କ ଉସୁକାଇବାରେ ମୁଁ ଆସିଯିବି ନାହିଁ। ଭାଷଣ କ'ଣ ଦେବି ତାହା ନିଜେ ସ୍ଥିର କରିବି। ବିରୋଧୀ ନେତା ମିଛ କହୁଛନ୍ତି ବୋଲି ଆମେ କହୁନୁ। ଭୋଟର ତାଲିକାରେ ଥିବା ଅନିୟମିତତା ଦୂର କରିବା ପାଇଁ ଏସଆଇଆର ଜାରି ରହିଛି। କେବଳ ଉପଯୁକ୍ତ ଭୋଟରଙ୍କୁ ମତଦାନ ଅଧିକାର ଦେବା ଏହାର ଉଦ୍ଦେଶ୍ୟ। ଯେତେବେଳେ ବିରୋଧୀ ଜିତୁଛନ୍ତି ସେତେବେଳେ ଭୋଟର ତାଲିକା ଠିକ୍ ଅଛି। ଆଉ ନୂଆ ପୋଷାକ ପିନ୍ଧି ଶପଥ ନେଇ ଯାଉଛନ୍ତି। କିନ୍ତୁ ବିହାର ଆଦିରେ ହାରିଗଲେ ଭୋଟର ତାଲିକାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଏଭଳି ଦୋମୁହାଁ ନୀତି ଚଳିବ ନାହିଁ।

ଶାହା ନିର୍ବାଚନ ସଂସ୍କାର, ଇଭିଏମ, ମୁଖ୍ୟ ନିର୍ବାଚନ କମିସନର (ସିଇସି) ନିଯୁକ୍ତି, ନେହେରୁ, ଇନ୍ଦିରା, ପଶ୍ଚିମବଙ୍ଗ, ବାଂଲାଦେଶୀ ଅନୁପ୍ରବେଶକାରୀ ଏବଂ କଂଗ୍ରେସର ଭୋଟ ଚୋରି ଉପରେ ଟିପ୍ପଣୀ ଦେଇଥିଲେ। ରାହୁଲ ପଚାରି ଥିବା ତିନି ପ୍ରଶ୍ନର ମଧ ଉତ୍ତର ରଖିଥିଲେ। ଏହି ସମୟରେ ୭ ଥର

**■ ଭୋଟ ଚୋରି ଉପରେ ମୋ ସହ ବିତର୍କ କର: ରାହୁଲ**

**■ ଗୃହରେ କ'ଣ କହିବି ତାହା ମୋ ଉପରେ ନିର୍ଭର କରେ: ଶାହା**



ହଙ୍ଗାମା ହୋଇଥିଲା। ଶେଷରେ କଂଗ୍ରେସ ସଦସ୍ୟ ଗୃହତ୍ୟାଗ କରିଥିଲେ। ଏହାକୁ ନେଇ ଶାହା କହିଥିଲେ, ଆମେ ବାଂଲାଦେଶୀଙ୍କୁ ଦେଶରୁ ବାହାରି କରିବାକୁ ଚାହୁଁଛୁ। ୨୦୦ ଥର କକ୍ଷତ୍ୟାଗ କଲେ ମଧ ଅନୁପ୍ରବେଶକାରୀଙ୍କୁ ଭାରତରେ ପଶିବାକୁ ଦିଆଯିବନି। ସାମ୍ବିଧାନିକ ପ୍ରକ୍ରିୟାରେ ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ।

ରାହୁଲଙ୍କ ହାଇଡ୍ରୋଜେନ ବୋମାକୁ ତାଚ୍ଛଲ୍ୟ କରି ଶାହା କହିଥିଲେ ଯେ ବିରୋଧୀ ନେତା ଭୋଟ ଚୋରି ପ୍ରସଙ୍ଗ ଉଠାଉଛନ୍ତି। କିନ୍ତୁ କିଛି ପରିବାର ପିଢ଼ି ପରେ ପିଢ଼ି ଭୋଟ ଚୋରି କରି ଆସିଛନ୍ତି। ସେ ନେହେରୁ-ଗାନ୍ଧୀ ପରିବାରକୁ ଆକ୍ଷେପ କରି ଏହି ଟିପ୍ପଣୀ ଦେଇଥିଲେ। ସ୍ୱାଧୀନତା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ହେବା ପାଇଁ ପ୍ରଥମେ ଭୋଟ ଚୋରି ହୋଇଥିଲା। ସେହିପରି ଇନ୍ଦିରା ଗାନ୍ଧୀ ରାୟବରେଲିରେ ଭୋଟ ଚୋରି କରିଥିଲେ। ଏହାକୁ ଲୁଚାଇବା ପାଇଁ ସେ ଏକ ଆଇନ ଆଣିଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ ହେବାର ନିୟମ ଥିଲା। ସିଇସିଙ୍କୁ ଇମ୍ୟୁନିଟି ଦେବା ପ୍ରସଙ୍ଗ ରାହୁଲ ଉଠାଉଛନ୍ତି। ତେବେ ଏହା କ'ଣ ଥିଲା ବୋଲି ଶାହା ପ୍ରଶ୍ନ କରିଥିଲେ। ଆଜି କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ସେହି ଇଭିଏମ ଉପରେ ପ୍ରଶ୍ନ ଉଠାଉଛନ୍ତି ଯାହାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଣିଥିଲେ ବୋଲି ଶାହା କହିଥିଲେ।

# ଇସ୍ତଫା ଦେଇପାରନ୍ତି ଆମେରିକା ପ୍ରତିରକ୍ଷା ମନ୍ତ୍ରୀ

ୱାସିଂଟନ, ୧୦।୧୨(ଏଜେନ୍ସି): ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗ୍‌ସେଥ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି। କାରଣ ତାଙ୍କ ବିରୋଧରେ କାରିବିୟାନ ସାଗରରେ ଦୁଇଜଣ ନିରସ୍ତ୍ର ବ୍ୟକ୍ତିଙ୍କୁ ଡ୍ରୋନ ଆକ୍ରମଣରେ ହତ୍ୟା କରିଥିବା ଅଭିଯୋଗ ଲାଗିଛି। ଏହାକୁ ନେଇ ତାଙ୍କ ପଦ ଏବେ ବିପଦରେ। ଡ୍ରୋନ ଆକ୍ରମଣ ନେଇ ୪୦ ମିନିଟ୍‌ର ଭିଡିଓକୁ ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏବେ ଡେମୋକ୍ରାଟିକ ପାର୍ଟି ହେଗସେଥଙ୍କ ଇସ୍ତଫା ଦାବି କରୁଛି। ଫଳରେ ତାଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରମ୍ପଙ୍କ ଉପରେ ଚାପ ବୃଦ୍ଧି ପାଉଛି। ଡ୍ରଗ୍ସ ଚୋରା ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା। ସେପ୍ଟେମ୍ବର ୨ରେ ଆମେରିକୀୟ ସେନା କାରବିୟାନ ସାଗରରେ ଏକ ନୌକା ଉପରେ ଆକ୍ରମଣ କରିଥିଲା। ହେଗ୍‌ସେଥ ସମସ୍ତଙ୍କୁ ମାରିବାକୁ ଆଦେଶ ଦେଇଥିଲେ। ଏହି ନୌକାରେ ୧୧ ଜଣ ଥିଲେ। ଡ୍ରୋନ ଆକ୍ରମଣରେ ୯ ଜଣ ମୃତ୍ୟୁବରଣ କରିଥିଲେ ଓ ୨ ଜଣ ଆହତ ହୋଇଥିଲେ। କିନ୍ତୁ ଏହାପରେ ଦ୍ୱିତୀୟଥର ପାଇଁ ଡ୍ରୋନ ଆକ୍ରମଣ ହୋଇଥିଲା। ଫଳରେ ଆହତ ହୋଇଥିବା ଦୁଇଜଣ ମୃତ୍ୟୁବରଣ କରିଥିଲେ। ଏହି ଦୁଇଜଣ ଲୋକ ନିରସ୍ତ୍ର ଥିଲେ ଓ ସାହାଯ୍ୟ ଚାହୁଁଥିବା ବେଳେ ମଧ ତାଙ୍କ ଉପରେ ଆକ୍ରମଣ କରାଯିବାକୁ ହେଗସେଥ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୃତ୍ୟୁବରଣ କରିଥିବା ଏହି ଲୋକମାନଙ୍କ ସହ ନିଶାଦ୍ରବ୍ୟ ଚୋରା ଚାଲାଣ ନେଇ କୌଣସି ସମ୍ପର୍କ ଥିବା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ମଧ ହେଗସେଥ କେତୋଟି ବିବାଦୀୟ ନିଷ୍ପତ୍ତି ନେଇ ଚର୍ଚ୍ଚିତ ହୋଇଥିଲେ।

# ସୁରତ ଟେକ୍ସଟାଇଲ୍ ମାର୍କେଟ୍‌ରେ ଅଗ୍ନିକାଣ୍ଡ

ସୁରତ, ୧୦।୧୨(ଏଜେନ୍ସି): ସୁରତର ପରଭାତ ପଟିୟା ଅଞ୍ଚଳରେ ଥିବା ରାଜ ଟେକ୍ସଟାଇଲ୍ ମାର୍କେଟ୍‌ରେ ବୁଧବାର ସକାଳ ୭ଟାରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ସୂଚନା ପାଇବା ମାତ୍ରେ ୧୫ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁ ଲାଗିବା ପରେ ମାର୍କେଟକୁ ଖାଲି କରାଯାଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି ବୋଲି କୁହାଯାଇଛି। ନିଆଁକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟରେ ପଖାପାଖି ୧୦୦ରୁ ୧୨୫ ଜଣ ଅଗ୍ନିଶମ ଅଧିକାରୀ ଲାଗି ପଡ଼ିଛନ୍ତି। କପଡ଼ାର ମାର୍କେଟ ହୋଇଥିବାରୁ ନିଆଁ ଉପରେ ନିୟନ୍ତ୍ରଣ ପାଇବା ପାଇଁ ସମୟ ଲାଗିଥିଲା। ତେବେ ନିଆଁ ଲାଗିବା କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

# ପିଏମ୍‌ଓରେ ମୋଦୀ-ରାହୁଲ ୮୮ ମିନିଟ ଚର୍ଚ୍ଚା



ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନ ଜାରି ରହିଥିବାବେଳେ ପିଏମଓରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ୮୮ ମିନିଟ ପର୍ଯ୍ୟନ୍ତ ଚର୍ଚ୍ଚା ହୋଇଛି। ଏହାକୁ ନେଇ ସଂସଦୀୟ କରିଡରରେ ନାନା କଳ୍ପନାଜଳ୍ପନା କରାଯାଉଛି। ତେବେ ମୁଖ୍ୟ ସୂଚନା କମିଶନର ପ୍ରାର୍ଥୀ ବାଛିବା ପାଇଁ ଏହି ବୈଠକ ହୋଇଥିଲା। ଏହି ବୈଠକ ପାଇଁ ରାହୁଲ ୧ଟାରେ ପିଏମଓରେ ପହଞ୍ଚି ଥିଲେ। ତେବେ ଏହା ୧ଟା୦୭ରେ ଆରମ୍ଭ ହୋଇଥିଲେ। ଏଥିରେ ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ରାହୁଲ ବିଭିନ୍ନ ନିଯୁକ୍ତି ନେଇ ଚର୍ଚ୍ଚା କରିଥିଲେ। ୮୮ ମିନିଟ ପରେ ରାହୁଲ ବାହାରି ସିଆଇସିଙ୍କ ସମେତ ୮ ଜଣ ସୂଚନା କମିଶନର ଏବଂ ଭିଜିଲାନ୍ସ କମିଶନରଙ୍କ ନିଯୁକ୍ତି ଉପରେ ଆଲୋଚନା ହୋଇଥିବା କହିଥିଲେ। ସେ ଏହି ନିଯୁକ୍ତିକୁ ନେଇ ଲିଖିତ ଆକାରରେ ଆପତ୍ତି ପ୍ରକାଶ କରିଥିଲେ।ତେବେ ୮୮ ମିନିଟ ପର୍ଯ୍ୟନ୍ତ ଏଭଳି କେଉଁ ଚର୍ଚ୍ଚା ହୋଇଥିଲା ବୋଲି ପ୍ରଶ୍ନ ଉଠୁଛି। ଏବେ ସିଆଇସିରେ ୮ଟି ଖାଲି ପଦବୀ ରହିଛି। ସେପ୍ଟେମ୍ବର ୧୩ରେ ହୀରାଲାଲ ସମରିଆ ଅବସର ଗ୍ରହଣ କରିବା ଦିନଠାରୁ ସିଆଇସି ପଦ ଖାଲି ରହିଛି। ଏବେ ସୂଚନା କମିଶନର ଆନନ୍ଦୀ ରାମଲିଙ୍ଗମ ଏବଂ ବିନୋଦ କୁମାର ତିୱାରୀ କାର୍ଯ୍ୟ ସମ୍ଭାଳୁଛନ୍ତି। ସିଆଇସି ୱେବସାଇଟ ଅନୁଯାୟୀ,ଏବେ ୩୦, ୮୩୮ ମାମଲା ପଡ଼ି ରହିଛି।

# ଦୁର୍ନୀତିଗ୍ରସ୍ତ ଦେଶ: ୯୬ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ବିଶ୍ୱ ଅନେକ ଦେଶରେ ଦୁର୍ନୀତି ଏକ ପ୍ରମୁଖ ସମସ୍ୟା ରହିଛି। ସାଧାରଣ ଲୋକେ ଗୁଜରାଣ ମେଣ୍ଟାଇବା ପାଇଁ ସଂଘର୍ଷ କରୁଥିବାବେଳେ ଅଧିକାଂଶ ନେତା, ଅଧିକାରୀ, ମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଏହା ଜୀବନ, ଅର୍ଥନୀତି ଏବଂ ସାର୍ବଜନୀନ ବ୍ୟବସ୍ଥା ଉପରେ ପ୍ରଭାବ ପକାଉଛି। ଏପରି ସମୟରେ ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ କରପସନ ପ୍ରିସେପସନ ଇଣ୍ଡେକ୍ସ (ସିପିଆଇ) ଜାରି ହୋଇଛି। ୨୦୨୪ର ଏହି ତାଲିକା ସାରା ବିଶ୍ୱରେ ଦୁର୍ନୀତି ବ୍ୟାପିଥିବା ଦର୍ଶାଯାଇଛି। ନିର୍ଭର ସୂତ୍ର, ସର୍ଭେ, ଅଧ୍ୟୟନ ଏବଂ ବ୍ୟାବସାୟିକ ନେତୃତ୍ୱଙ୍କ ମତ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏହି ଦୁର୍ନୀତି ଗ୍ରସ୍ତ ଦେଶ ତାଲିକାରେ ସାଉଥ ସୁଦାନ ଶୀର୍ଷରେ ରହିଛି। ଶହେ ମାର୍କ ମଧ୍ୟରୁ ଏହା ମାତ୍ର ୮ ମାର୍କ ପାଇଛି। ଏହା ଦୁର୍ନୀତିର ଭୟଙ୍କର ରୂପକୁ ଦର୍ଶାଉଛି। ସେହିପରି ଦ୍ୱିତୀୟ ସ୍ଥାନରେ ସୋମାଲିଆ, ତୃତୀୟରେ ଭେନଜୁଏଲା ଏବଂ ଚତୁର୍ଥରେ ସିରିଆ ରହିଛି। ଗତ ବର୍ଷ ବିଶ୍ୱରେ ଦୁର୍ନୀତି ସ୍ତର ସବୁଠାରୁ ଉଚ୍ଚରେ ଥିଲା ବୋଲି କୁହାଯାଇଛି। ତେବେ ୨୦୧୨ ତୁଳନାରେ ୩୨ ଦେଶରେ ସ୍ଥିତି ସୁଧୁରିଛି। କିନ୍ତୁ ୧୪୮ ଦେଶରେ ସ୍ଥିତି ସମାନ କିମ୍ବା ଅଧିକ ଖରାପ ରହିଛି।

ଭାରତ ଏହି ସିପିଆଇ ତାଲିକାରେ ୯୬ତମ ସ୍ଥାନରେ ରହିଛି। ଶହେରୁ ଭାରତ ୩୮ ମାର୍କ ପାଇଛି। ପୂର୍ବାପେକ୍ଷା ଭାରତର ସ୍ଥିତିରେ ସୁଧାର ଆସିଥିଲେ ବି ଦୁର୍ନୀତି ଜାରି ରହିଛି। ଅନେକ କ୍ଷେତ୍ରରେ ଏହା ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି। ଏଥିଯୋଗୁ ବିକାଶ ଗତି ମନ୍ଥର ରହିଛି। ସାର୍ବଜନୀନ ସେବାକୁ ଦୁର୍ବଳ ଏବଂ ପ୍ରତିଷ୍ଠାନ ପ୍ରତି ଲୋକଙ୍କ ଭରସାକୁ ହ୍ରାସ କରୁଛି। ଦୁର୍ନୀତିର ମୁକାବିଲା ପାଇଁ ଅଧିକ ପ୍ରୟାସ ଜରୁରୀ ବୋଲି କୁହାଯାଇଛି। ଏଥିପାଇଁ କଠୋର ନିୟମ ଏବଂ କଡ଼ା ପ୍ରବର୍ତ୍ତନ ବ୍ୟବସ୍ଥା ଜରୁରୀ। ସେହିପରି ଭାରତର ପଡ଼ୋଶୀ ପାକିସ୍ତାନ ୧୩୫ତମ, ଶ୍ରୀଲଙ୍କା ୧୨୧ତମ, ବାଂଲାଦେଶ ୧୪୯ତମ ଏବଂ ଚୀନ୍ ୭୬ତମ ସ୍ଥାନରେ ରହିଛି।

# ୧୨ଟି ରାଜ୍ୟରେ ବିଭକ୍ତ ହେବ ପାକିସ୍ତାନ



ଇସ୍‌ଲାମାବାଦ୍, ୧୦।୧୨(ଏଜେନ୍ସି): ପାକିସ୍ତାନକୁ ଏବେ ୧୨ଟି ରାଜ୍ୟରେ ବିଭକ୍ତ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦେଶର ସୂଚନା ମନ୍ତ୍ରୀ ଅବଦୁଲ ଅଲିମ ଖାନ୍ କହିଛନ୍ତି ଯେ, ଦେଶକୁ ଏବେ ଛୋଟ ଛୋଟ ୧୨ଟି ରାଜ୍ୟର ବିଭକ୍ତ କରିବା ନିଶ୍ଚିତ ହୋଇଛି। ଏହା ଦ୍ୱାରା ଶାସନ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ସେ କହିଛନ୍ତି। ଏହି କ୍ରମରେ ସିନ୍ଧ ଓ ପଞ୍ଜାବକୁ ୩ଟି ଲେଖାଏ ରାଜ୍ୟରେ ବିଭକ୍ତ କରାଯାଇପାରେ। ଏହିଭଳି ବେଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱାକୁ ମଧ ୩ଟି ଲେଖାଏ ରାଜ୍ୟରେ ବଣ୍ଟା ଯାଇପାରେ। ଆମ ପଡୋଶୀ ଦେଶଗୁଡିକରେ ଏକାଧିକ ଛୋଟ ଛୋଟ ରାଜ୍ୟ ରହିଛି। ତେଣୁ ପାକିସ୍ତାନରେ ମଧ ଏଭଳି ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ତେବେ ବିଲାୱଲ ଭୁଟ୍ଟୋଙ୍କ ପିପିପି ଏହାକୁ ଦୃଢ଼ ବିରୋଧ କରିଛି। କେବଳ ଭଗବାନଙ୍କୁ ବାଦ୍ ଦେଲେ ସିନ୍ଧ୍‌କୁ କେହି ଭାଗ କରିପାରିବେ ନାହିଁ ବୋଲି ସିନ୍ଧ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହା କହିଛନ୍ତି। ତେବେ ଏ ନେଇ ପାକିସ୍ତାନ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ମାନଚିତ୍ର ଜାରି କରାଯାଇନାହିଁ। କିନ୍ତୁ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପଞ୍ଜାବକୁ ଉତ୍ତର, ମଧ୍ୟ ଓ ଦକ୍ଷିଣ ପଞ୍ଜାବ, ସିନ୍ଧକୁ କରାଚୀ ସିନ୍ଧ, ମଧ୍ୟ ସିନ୍ଧ ଓ ଉପର ସିନ୍ଧ, ଖାଇବର ପଖତୁନଖ୍ୱା (କେପି)କୁ ଉତ୍ତର କେପି, ଦକ୍ଷିଣ କେପି ଓ ଆଦିବାସୀ କେପ୍/ଫାଟା ଅଞ୍ଚଳ ଏବଂ ବେଲୁଚିସ୍ତାନକୁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଭାଗରେ ବିଭକ୍ତ କରାଯିବ ବୋଲି ଚର୍ଚ୍ଚା ହେଉଛି।

# ଦିଲ୍ଲୀରେ ମୁତୟନ ହେବ ସ୍ୱଦେଶୀ ଡିଫେନ୍ସ ସିଷ୍ଟମ

ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): ଏବେ ରାଜଧାନୀ ଦିଲ୍ଲୀ ଓ ଏନସିଆରକୁ ସୁରକ୍ଷିତ କରିବା ପାଇଁ ନୂଆ ଯୋଜନ ପ୍ରସ୍ତୁତ କରାଯାଉଛି। ମିସାଇଲ, ଡ୍ରୋନ ଓ ଲଢୁଆ ବିମାନ ଆକ୍ରମଣର ବିପଦକୁ ଏଡାଇବା ପାଇଁ ଏହି ଅଞ୍ଚଳରେ ବହୁସ୍ତରୀୟ ଏୟାର ଡିଫନ୍ସ ସିଷ୍ଟମକୁ ନିୟୋଜନ କରାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଦ୍ରୁତଗତିରେ ଆଗକୁ ବଢ଼ାଉଛି। ବରିଷ୍ଠ ପ୍ରତିରକ୍ଷା ବିଭାଗ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନୂଆ ଇଣ୍ଟିଗ୍ରେଟେଡ ଏୟାର ଡିଫେନ୍ସ ୱିପନ ସିଷ୍ଟମ (ଆଇଏଡବ୍ଲ୍ୟୁଡିଏସ୍) ସମ୍ପୂର୍ଣ୍ଣ ଭାବେ ଦେଶରେ ତିଆରି ହୋଇଥିବା ଅସ୍ତ୍ର ଓ ବୈଷୟିକ ପ୍ରାଣାଳୀ। ଅର୍ଥାତ ଏହି ଡିଫେନ୍ସ ସିଷ୍ଟମ ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ରାଣକୌଶଳରେ ତିଆରି ହେବ। ଏହି ପ୍ରଣାଳୀ ସବୁଠାରୁ ବଡ଼ ଅଂଶ ହେବ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା

**■ ଡ୍ରୋନ୍, ମିସାଇଲ ଓ ଜେଟ୍ ଆକ୍ରମଣ ହେବ ନିଷ୍କ୍ରିୟ**

**■ ଅଗଷ୍ଟରେ ହୋଇଛି ସଫଳ ପରୀକ୍ଷଣ**

(ଡିଆରଡିଓ) ଦ୍ୱାର ତିଆରି ହୋଇଥିବା କ୍ୱିକ ରିଆକସନ ସର୍ଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍ଏମ୍) ଓ ମ୍ୟାନ ପୋର୍ଟେବଲ ଏୟାର ଡିଫେନ୍ସ ସିଷ୍ଟମ (ଏମ୍ଏଏନପିଏଡିଏସ୍)। ଏଥିସହ ଏକାଧିକ ସେନସର, ରାଡାର ଓ ଏକ ଅତ୍ୟାଧୁନିକ କଣ୍ଟ୍ରୋଲ ସିଷ୍ଟମକୁ ଜଡିତ କରାଯିବ। ଏହା ଦ୍ୱାର ସବୁ ବିପଦ ଉପରେ ତୁରନ୍ତ ଦୃଷ୍ଟି ରଖାଯିବ। ଏହି ପୂରା ପ୍ରଣାଳୀକୁ ଭାରତୀୟ ବାୟୁସେନା ହିଁ ନିୟନ୍ତ୍ରଣ କରିବ। ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୨୩ରେ ଆଇଏଡବ୍ଲ୍ୟୁଏସ୍‌ର ସଫଳ ପରୀକ୍ଷଣ ହୋଇଥିଲା। ଆଇଏଡବ୍ଲ୍ୟୁଏସ୍ ଏକ ମିଲିଟାରୀ ଏୟାର ଡିଫେନ୍ସ ସିଷ୍ଟମ। ଏହା ଶତ୍ରୁର ଆକ୍ରମଣକୁ ନିଷ୍କ୍ରିୟ କରିବାର କ୍ଷମତା ରଖୁଛି। ଏହାକୁ ସୁଦର୍ଶନ ଚକ୍ର ମିଶନର ଏକ ଅଂଶ ବୋଲି କୁହାଯାଉଛି।

# ସାବରକର ପୁରସ୍କାର ନେବାକୁ ମନା କଲେ ଥରୁର

ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର 'ବିଆର ସାବରକର ପୁରସ୍କାର' ନେବାକୁ ମନା କରିଦେଇଛନ୍ତି। ଫଳରେ ଏ ନେଇ ବିବାଦ ସୃଷ୍ଟି ହୋଇଛି। ଥରୁରୁ 'ଏକ୍ସ'ରେ ପୋଷ୍ଟ କରି ସ୍ପଷ୍ଟୀକରଣ ଦେଇଛନ୍ତି। ମୋତେ ସୂଚନା ଦିଆ ନ ଯାଇ ପୁରସ୍କାର ପାଇଁ ନାମ ଘୋଷଣା କରାଯାଇଥିଲା ବୋଲି ସେ କହିଛନ୍ତି। ତେଣୁ ଏଭଳି



ସ୍ଥିତିରେ ଦିଲ୍ଲୀରେ ଆୟୋଜନ ହେବାକୁ ଥିବା ସମାରୋହରେ ଯୋଗ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କେରଳରେ ରହୁଥିଲେ ମଧ ଏହି ପୁରସ୍କାର ସଂକ୍ରାନ୍ତରେ ମୋତେ ଗଣମାଧ୍ୟମରୁ ହିଁ ସୂଚନା ମିଳିଥିବା ସେ କହିଛନ୍ତି। ସେପଟେ ପୁରସ୍କାର ପ୍ରଦାନ କରୁଥିବା ଏନଜିଓ ଥରୁରଙ୍କ ଏହି ଦାବିକୁ ଭୁଲ୍ ବୋଲି କହିଛି। ଏହି ପୁରସ୍କାର ନେବାକୁ ଥରୁରୁ ପୂର୍ବରୁ ସହମତି ପ୍ରକାଶ କରିଥିଲେ ବୋଲି ହିଙ୍ଗ୍ରେସ ଗ୍ରାମୀଣ ବିକାଶ ସମାଜ (ଏଚ୍ଆର୍‌ଡିଏସ୍) ଇଣ୍ଡିଆର ପ୍ରତିଷ୍ଠାତା ଅଜି କ୍ରଷ୍ଣନ ଦାବି କରିଛନ୍ତି। ସେ ମାସେ ତଳେ ଥରୁରୁଙ୍କୁ ତାଙ୍କ ଘରେ ଭେଟିଥିଲେ ବୋଲି କହିଛନ୍ତି। ବୁଧବାର ଦିଲ୍ଲୀରେ 'ବୀର ସାବରକର ଇଣ୍ଟରନ୍ୟାସନାଲ ଇମ୍ପାକ୍ଟ ପୁରସ୍କାର-୨୦୨୫' ସମାରୋହ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ଜମ୍ମୁ-କଶ୍ମୀର ରାଜ୍ୟପାଳ ମନୋଜ ସିହ୍ନା ଏହି ଅବସରରେ ଉପସ୍ଥିତ ହୋଇଥାଆନ୍ତେ। ଥରୁରଙ୍କୁ ପୁରସ୍କାରର ପ୍ରଥମ ସଂସ୍କରଣରେ ସମ୍ମାନୀତ କରାଯାଇଥାନ୍ତା। ଏହି ସ୍ଥିତି ପାଇଁ ଥରୁର ଆୟୋଜକଙ୍କୁ ଦାୟୀ କରିଛନ୍ତି।

■ ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ସମନ୍ୱୟ ସମିତିର ଆନ୍ଦୋଳନ

## ସରକାରଙ୍କ ଆଭିମୁଖ୍ୟକୁ ନେଇ ଉଠିଲା ପ୍ରଶ୍ନ



ଭୁବନେଶ୍ୱର, ୧୦ ।୧୨(ସମିସ): ଶିକ୍ଷା ସମସ୍ୟା ଓ ଶିକ୍ଷକଙ୍କ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଜି ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରାଯାଇଛି । ଏକାଧିକ ଶିକ୍ଷକ ଓ ଅଧ୍ୟାପକ ସଂଘ ଏକତ୍ରିତ ହୋଇ ନିଜର ଦାବି ପୂରଣ କରିବା ପାଇଁ ଦାବି କରିଛନ୍ତି । ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବା ପାଇଁ ସରକାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ପୂରଣ କରି ନ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ସରକାର ଶିକ୍ଷକଙ୍କ ଦାବି ପୂରଣ ନ କରି କମିଟି ଗଠନର ମନୋନିବେଶ କରିବା ଦୁର୍ଭାଗ୍ୟଜନକ । ପୂର୍ବରୁ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରି ଶିକ୍ଷକଙ୍କ ସମସ୍ୟା ଆଲୋଚନା କରାଯାଇଛି । ଏହା ସତ୍ତ୍ୱେ ସରକାର ଆଉ ଏକ କମିଟି ଗଠନ କରିବା କେବଳ ବିଳମ୍ବ କରିବା ପାଇଁ ଉଦ୍ଦିଷ୍ଟ । ସରକାର ଏଥିରୁ ନିବୃତ୍ତ ରହି ସେମାନଙ୍କ ଦାବି ପୂରଣ କରିବା ପାଇଁ ଗୁରୁତ୍ୱ ଦିଅନ୍ତୁ । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି କହି ପରବର୍ତ୍ତୀ ସମୟରେ ତାହାକୁ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ମଧ୍ୟ ଶିକ୍ଷକ ନେତାମାନେ ଅଭିଯୋଗ କରିଛନ୍ତି । ଏହି ଆନ୍ଦୋଳନରେ ବହୁ ଶିକ୍ଷକ ସଂଗଠନ ସାମିଲ ହୋଇଥିବାବେଳେ ସମିତିର ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବିଧାନସଭା ଆଗରେ ଗର୍ଜିଲେ କନିଷ୍ଠ ଶିକ୍ଷକ

## ‘ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଘୋଷଣାକୁ କାର୍ଯ୍ୟକାରୀ କରାଯାଉ’

ଭୁବନେଶ୍ୱର,୧୦ ।୧୨(ସମିସ): ବିଧାନସଭା ଅଧିବେଶନ ଶେଷ ହୋଇଥିଲେ ମଧ୍ୟ ଶିକ୍ଷକ ଆନ୍ଦୋଳନ ଥମିବାର ନା ନେଉନି । ଦୀର୍ଘ ୫ଦିନ ଅହୋରାତ୍ର ଧାରଣା ପରେ ପ୍ରାଥମିକ ଶିକ୍ଷକ ମହାସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଥିବା ବେଳେ ବୁଧବାର ପୁଣି ବିଧାନସଭା ସମ୍ମୁଖରେ ଏକାଧିକ ସଂଗଠନ ସରକାରଙ୍କ ବିରୋଧରେ ବର୍ଷିଛନ୍ତି । ତନ୍ମଧ୍ୟରୁ କନିଷ୍ଠ ଶିକ୍ଷକ ସଂଘ ଏକ ବିଶାଳ ଆନ୍ଦୋଳନ କରିଛି । ଚାକିରି

■ ଘୋଷଣାର ୩ ମାସ ପରେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନ ଥିବାରୁ କ୍ଷୋଭ

■ ଆନ୍ଦୋଳନ ନକରି ଧୈର୍ଯ୍ୟ ରଖନ୍ତୁ, ଦାବି ପୂରଣ ହେବ: ଗଣଶିକ୍ଷା ମନ୍ତ୍ରୀ



ସ୍ଥାୟୀ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି ।

ରାଜ୍ୟରୁ ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ କରି ସେମାନଙ୍କୁ ନିୟମିତ କରାଯାଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଅଗଷ୍ଟ ୨୨ ତାରିଖରେ ଘୋଷଣା କରିଥିଲେ । ଚୁକ୍ତିଭିତ୍ତିକ ପ୍ରଥାର ମୂଳୋତ୍ପାଟନ କରାଯାଉଛି ବୋଲି ବ୍ୟାପକ ପ୍ରଚାରପ୍ରସାର କରିଥିଲେ । ହେଲେ, ଘୋଷଣାକୁ ୩ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରାଯାଉନଥିବାରୁ କନିଷ୍ଠ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ସାମାଜିକ ଗଣମାଧ୍ୟରେ କରିଥିବା ପୋଷ୍ଟକୁ ପ୍ରଦର୍ଶନ କରି ସେମାନଙ୍କୁ ତ୍ୱରିତ ନିୟମିତ କରିବା ପାଇଁ ଦାବି କରିଛନ୍ତି । ରାଜ୍ୟ ଶାସନର ମୁଖ୍ୟଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେଉନାହିଁ, ତାହେଲେ ସରକାର କିପରି ଚାଲୁଛି ବୋଲି ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ତ୍ୱରିତ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ କରିବାକୁ ସଂଘ ଦାବି କରିଛି ।

ଅପରପକ୍ଷରେ କନିଷ୍ଠ ଶିକ୍ଷକଙ୍କ ଆନ୍ଦୋଳନକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି କରାଯିବା ସହ ନିୟମିତ କରିବାକୁ ଘୋଷଣା କରାଯାଇଛି । ଦାବି ସମ୍ପର୍କରେ ସରକାର ସଚେତନ ଅଛନ୍ତି ଓ କାର୍ଯ୍ୟ ଆରମ୍ଭ କରିଛନ୍ତି । ସମସ୍ତ ପ୍ରକ୍ରିୟା ପୂରଣ କରିବା ପାଇଁ ସମୟ ଆବଶ୍ୟକ । ଏଣୁ ଅଯଥାରେ ଆନ୍ଦୋଳନ ନ କରି ଶିକ୍ଷାଦାନରେ ମନୋନିବେଶ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି । ମନ୍ତ୍ରୀଙ୍କ ମନ୍ତବ୍ୟ ସମ୍ପର୍କରେ ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ କହିଛନ୍ତି ଯେ ପ୍ରକ୍ରିୟା କେବେ ସୁଦ୍ଧା ପୂରଣ କରିବେ ମନ୍ତ୍ରୀ ସ୍ପଷ୍ଟୋକ୍ତି ରଖନ୍ତୁ । ଫଳରେ ଶିକ୍ଷାଦାନ ସ୍ୱାଭାବିକ ହୋଇପାରିବ । ଏହି ଆନ୍ଦୋଳନରେ ସଂଘର ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ସମେତ ବିଶ୍ୱଜିତ ବସ୍ତିଆ, ମନୋଜ କୁମାର ସେଠୀଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ଦ୍ୱିତୀୟ ସହ ମିଶି ପ୍ରଥମ ପ୍ରେମିକକୁ ମାରିଦେଲା

### ପ୍ରେମିକା ସହ ଦୁଇଜଣ ୨୦ଥର ଛୁରି ଭୁସିଥିଲେ

ସମ୍ବଲପୁର, ୧୦।୧୨(ସମିସ): ତୋତେ ମୋର୍ କିରିଆ । ଯଦି ସତେ ମୋତେ ଭଲ ପାଉଥିବୁ, ତାହାଲେ ଇତାକେ ଆଜି ଯେନ୍ତା ହେଲା ମାରିବୁ । ମୋର ଆଉ ଟେନ୍‌ସନ୍ ନେବାର ନାଇନ, ଇତାକେ ମାର୍ ମୋର କଥା ଚିନ୍ତା କର । ଏ ହେଉଛି ପ୍ରଥମ ପ୍ରେମିକକୁ ହତ୍ୟା କରିବା ପାଇଁ ଜଣେ ନାବାଳିକା ପ୍ରେମିକାର ଦ୍ୱିତୀୟ ପ୍ରେମିକକୁ



ଆହ୍ୱାନ । ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ରେ ଗତକାଲି ଘଟିଥିବା ଅଭୟ କୁମାର ଦାସ (୨୦) ହତ୍ୟା ଘଟଣାରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଏହି ଘଟଣାରେ କ୍ଷେତରାଜପୁର ପୁଲିସ ନାବାଳିକା ପ୍ରେମିକାକୁ ଅଟକ ରଖିବା ସହ ସୋନପୁରର ଆଶୁତୋଷ ମିଶ୍ରକୁ ଗିରଫ କରିଛି । ଅନ୍ୟ ଜଣେ ଅଭିଯୁକ୍ତ ହୀରାକୁଦ ଷ୍ଟେସନ୍‌ପଡ଼ାର ସନି ବିଭାର ଓରଫ୍ ରୋହିତ ଫେରାର୍ ରହିଛି । ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ସେ କହିଛନ୍ତି ।

ସୂଚନାନୁସାରେ, ହୀରାକୁଦ ଗୁଜାତଳ ବାସିନ୍ଦା ଅଭୟଙ୍କ ସହ ବୁର୍ଲା ଅଞ୍ଚଳର ଜଣେ ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିଲା । ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନାବାଳିକା ଆଶୁତୋଷ ମିଶ୍ରଙ୍କୁ ଭଲ ପାଇଥିଲେ । ଏହି ସମ୍ପର୍କରେ ଅଭୟ କଣ୍ଟା ସାଜିଥିଲେ । ତେଣୁ ଅଭୟଙ୍କୁ ରାସ୍ତାରୁ ହଟାଇବା ପାଇଁ ନାବାଳିକା ଓ ଆଶୁତୋଷ ଷଡ଼୍‌ଯନ୍ତ୍ର କରିଥିଲେ । ଗତ ୮ ତାରିଖରେ ଆଶୁତୋଷ ଓ ନାବାଳିକା ଅଭୟଙ୍କୁ ବୁର୍ଲା ଡାକିଥିଲେ । ବୁର୍ଲା ପହଞ୍ଚିବା ପରେ ନାବାଳିକାଜଣଙ୍କ ଏକ ମୃଦୁ ପାନୀୟ ଅଭୟଙ୍କୁ ପିଇବାକୁ ଦେଇଥିଲେ । ସେଥିରେ ଆଶୁତୋଷ ନିଶ୍ଚେତକ ଔଷଧ ମିଶାଇ ଦେଇଥିଲେ । ଆଶୁତୋଷ ସମ୍ବଲପୁର ଏକ ବେସରକାରୀ ମେଡିକାଲରେ ନର୍ସିଂରେ ଇଣ୍ଟର୍ଣ୍ଣସିପ୍ କରୁଥିଲେ । ତେଣୁ ଔଷଧପତ୍ର ଉପରେ ତାଙ୍କର କିଛି କିଛି ଜ୍ଞାନ ଅଛି । ଅଭୟଙ୍କୁ ନିଶା ହେବା ପରେ ସେମାନେ ତାଙ୍କୁ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼କୁ ଆଣିଥିଲେ । ସେଠାକୁ ଆଶୁତୋଷର ସାଙ୍ଗ ସନି ବି ଆସିଥିଲା । ୩ଜଣ ଯାକ ମିଶି ଏକ ସର୍ଜିକାଲ ଛୁରିରେ ଅଭୟଙ୍କୁ ଛୁରି ଭୁସିଥିଲେ । ପ୍ରାୟ ୨୦ରୁ ଅଧିକଥର ସେମାନେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିବା ପୁଲିସ କହିଛି । ଏହି ସମୟରେ ଅଭୟ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବା ବେଳେ ଆଶୁତୋଷ ଓ ନାବାଳିକା ମଧ୍ୟ ଆହତ ହୋଇଥିଲେ ।

## ଗୋରୁ ବ୍ୟବସାୟରୁ ଯୁବକଙ୍କ ହତ୍ୟା

ମନମୁଣ୍ଡା/ଶଗଡ଼ା,୧୦ ।୧୨(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଖଲିଆପାଲି(ପୁରୁମୁଣ୍ଡା) ପଞ୍ଚାୟତ ଗୁଦୁଗୁଦା ସାପ୍ତାହିକ ବଜାରରେ ବୁଧବାର ଏକ ଆପରାଧିକ ଘଟଣା ଘଟିଛି । ଗୋରୁ ବ୍ୟବସାୟକୁ ନେଇ ହୋଇଥିବା ବଚସାରୁ ଜଣେ ଯୁବକଙ୍କ ମୁଣ୍ଡ



ଗଡ଼ିଛି । ମୃତକ ହେଲେ, ବାଉଁଶୁଣୀ ଥାନା ତାଲୁପାଲି ଗ୍ରାମର ରମଣୀ ମହାକୁଡ଼(୪୦) । ଏହି ଘଟଣାରେ ଗାଁର ରତ୍ନାକର ମହାକୁଡ଼(୪୮) ଗୁରୁତର ଆହତ ହୋଇଛନ୍ତି । ଘଟଣା ପରେ ହତ୍ୟାକାରୀ ଫେରାର୍ ହୋଇଯାଇଛନ୍ତି । ସେମାନଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି । ଲୋକଙ୍କୁ ପଚରାଉଚରା କରିବା ସହ ଉଦ୍ୟମ ଚଳାଇଛି । ଏ ନେଇ ମନମୁଣ୍ଡା ପୁଲିସ ତଦନ୍ତ ଚଳାଇଛି । ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ୍ କହିଛି । ଗୁଦୁଗୁଦା ସାପ୍ତାହିକ ବଜାରର ଗୋରୁ ବଜାରରେ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଗୋରୁ ବ୍ୟବସାୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଗୋଟିଏ ଗୋଷ୍ଠୀର ପ୍ରାୟ ୩/୪ଜଣ ବ୍ୟକ୍ତି ଶାବଳ ଓ ଅନ୍ୟ ମାରଣାସ୍ତ୍ରରେ ଅପରଗୋଷ୍ଠୀର ୨ଜଣଙ୍କୁ ଆକ୍ରମଣ କରିଥିଲେ । ଏଥିରେ ରମଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ରତ୍ନାକର ଗୁରୁତର ହୋଇଥିଲେ । ରମଣୀଙ୍କୁ ପୁଲିସ ମନମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଗୁରୁତର ରତ୍ନାକରଙ୍କୁ ପ୍ରଥମେ ବାଉଁଶୁଣୀ ଓ ପରେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

■ ଜମି ଅଧିଗ୍ରହଣ କ୍ଷତିପୂରଣ ଟଙ୍କା ନ ଦେବାରୁ

## ତହସିଲଦାରଙ୍କ ଗାଡ଼ି, ଅଫିସ୍ ଆସବାବପତ୍ର ଜବତ

ଢେଙ୍କାନାଳ, ୧୦ ।୧୨(ସମିସ): ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ଟଙ୍କା ନଦେବାରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାରଙ୍କ ଗାଡ଼ି ଓ ଅଫିସ୍ ଆସବାବପତ୍ର ଜବତ । ଆଜି ଢେଙ୍କାନାଳ ତହସିଲଦାରଙ୍କ ଅଫିସ୍‌ରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି ।

ସ୍ଥାନୀୟ ବାଜିଚୌକଠାରେ ରେଳ ବିଭାଗ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ୨୦୧୩ରେ ଜମି ଅଧିଗ୍ରହଣ କରିଥିଲା । ଏଥିରେ ଜୟଗୋପାଳ ସାହିର ସତ୍ୟବାଦୀ ବେହେରାଙ୍କର ୦.୧୨ଡିସିମିଲ ଜମି ଅଧିଗ୍ରହଣ ହୋଇଥିଲା । ଜମି ଯିବା ପରେ କ୍ଷତିପୂରଣ ବାବଦ ୬ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା । ମାତ୍ର କ୍ଷତିଗ୍ରସ୍ତ ପରିବାର ବାରମ୍ବାର ତହସିଲଦାରଙ୍କୁ ଜଣାଇବା ସତ୍ତ୍ୱେ ସେ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ । ଫଳରେ କ୍ଷତିଗ୍ରସ୍ତ



ପରିବାର ଢେଙ୍କାନାଳ ସିଭିଲ ଜଜ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ୨୦୨୩ ଅକ୍ଟୋବର ୩୧ରେ ମାମଲାର ଶୁଣାଣି କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ସହ ସୁଧ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ତହସିଲଦାର କ୍ଷତିପୂରଣ ଟଙ୍କା ପ୍ରଦାନ ନକରିବାରୁ ପୁଣିଥରେ ମାମଲାର ବିଚାର ପାଇଁ କୋର୍ଟରେ ଆବେଦନ କରାଯାଇଥିଲା । ଏହି ମାମଲାର ବିଚାର କରି କୋର୍ଟ ସତ୍ୟବାଦୀଙ୍କ ବଂଶଧରଙ୍କୁ ସୁଧ ସହ ୧୩ ଲକ୍ଷ ୧୬ ହଜାର ୫୯୩ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଅଦ୍ୟାବଧି ଟଙ୍କା ଦିଆଯାଇ ନଥିବାରୁ କୋର୍ଟ ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାରଙ୍କ ଦ୍ୱାରା ବ୍ୟବହୃତ

**କୋର୍ଟରେ ୧୨ଲକ୍ଷ ଟଙ୍କା ପ୍ରଦାନ ପରେ ଜବତ ସମ୍ପତ୍ତି ମୁକ୍ତ**

ବୋଲେରୋ ଗାଡ଼ି, ଅଫିସ୍ ଆଲମିରା, କମ୍ପ୍ୟୁଟର, ଟେବୁଲ, ଚେୟାର ଓ ଅନ୍ୟାନ୍ୟ ଆସବାବପତ୍ର ଜବତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏ ସଂପର୍କରେ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ଅନ୍ୟପଟେ ତହସିଲଦାର କୋର୍ଟ ମାଧ୍ୟମରେ ୧୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିବା ପରେ ଗାଡ଼ି ଓ ଅନ୍ୟାନ୍ୟ ଆସବାବପତ୍ର ମୁକ୍ତ କରାଯାଇଥିବା ସୂଚନା ମିଳିଛି ।

**ମାଓ ଆକ୍ରମଣ ଯୋଜନା ପଣ୍ଡ**

## ୧୮ ଜିଲୋଟିନ୍, ୮ ଡିଟୋନେଟର ଜବତ

ବାଲିଗୁଡ଼ା,୧୦।୧୨(ସମିସ): ମାଓବାଦୀଙ୍କ ବଡ଼ଧରଣର ଏକ ଆକ୍ରମଣ ଯୋଜନା ପଣ୍ଡ କରିଛନ୍ତି ବିଏସ୍‌ଏଫ୍ ଯବାନ । ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ସୋଲାଗୁଡ଼ା ପଞ୍ଚାୟତ ସିଲକିସୁଗାର ଘଞ୍ଚ ଜଙ୍ଗଲରେ ବିସ୍ଫୋରକ ବିଛାଇଥିଲେ । ବିଏସଏଫ୍ ଗୁଇନ୍ଦା ରିପୋର୍ଟ ଆଧାରରେ ବିଏସଏଫ୍-୧୩୬ ବାଟାଲିଅନ୍‌ର ଯବାନମାନେ ସିଲକିସୁଗା ଜଙ୍ଗଲରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରିଥିଲେ । ଯବାନଙ୍କ ଗତିବିଧିକୁ ଦେଖି ମାଓବାଦୀମାନେ ଜଙ୍ଗଲରୁ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରୁ ୧୮ ଜିଲୋଟିନ, ୮ ଡିଟୋନିଟର୍, ୧୭ବ୍ୟାଟେରୀ ସହ ସୋଲାର୍ ପ୍ଲେଟ୍ ଜବତ ହୋଇଛି ।



## ପାରୋଲରେ ଯାଇ ଜେଲ୍ ଫେରୁନାହାନ୍ତି କଏଦୀ

କଟକ,୧୦।୧୨(ସମିସ): ଭୁବନେଶ୍ୱର ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ(କାରାଗାର)ରୁ ଫେରାର୍ ଅଭିଯୁକ୍ତଙ୍କ ସମ୍ପର୍କରେ ହାଇକୋର୍ଟ ଜେଲ୍ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି । ଏହି ଅଭିଯୁକ୍ତଙ୍କ ସମ୍ପର୍କିତ ସମସ୍ତ ବିବରଣୀ ସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କି' କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସଂକ୍ରାନ୍ତରେ ଜେଲ ବିଭାଗର ଡିଜି ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମୁନସି ଭୁଇଁଙ୍କ ତରଫରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରରୁ ୧୭ଜଣ ଅଭିଯୁକ୍ତ

**ଜେଲ୍ ଡିଜିଙ୍କୁ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଫେରାର୍ ଥିବା ଓ ୧୫ଜଣ ପାରୋଲ ଅବଧି ଶେଷ ପରେ ଆଉ ଫେରି ନଥିବା ନେଇ ଉପସ୍ଥାପନ ହୋଇଥିବା ଏକ ରିପୋର୍ଟକୁ ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିବା ସହ ସବିଶେଷ ସତ୍ୟପାଠ ଦାଖଲ ପାଇଁ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶଥାଉକି, ଆବେଦନକାରୀ ଅଭିଯୁକ୍ତ ପକ୍ଷରୁ ନିମ୍ନ ଅଦାଲତଙ୍କ ଦ୍ୱାରା ଆଜୀବନ ଜେଲଦଣ୍ଡାଦେଶ ବିରୋଧରେ ହାଇକୋର୍ଟରେ ଗତ ୨୦୦୭ ମସିହାରୁ ଏକ ଅପିଲ ବିଚାରାଧୀନ ରହିଛି । ଏହି ଆବେଦନର ଶୁଣାଣି ବେଳେ ସମ୍ପୃକ୍ତ ଅଭିଯୁକ୍ତର ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ । ଜେଲ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଆବେଦନକାରୀ ଅଭିଯୁକ୍ତ ଗତ ୨୦୧୮ ଜୁନ୍ ୧୯ ରୁ ଫେରାର୍ ଥିବା ଜଣାପଡ଼ିଥିଲା । ପରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଆବେଦନକାରୀଙ୍କ ବିରୋଧରେ ଚନ୍ଦକା ଥାନାରେ ଏନେଇ ଏକ ଏତଲା ଦିଆଯାଇଥିବା କୁହାଯାଇଥିଲା । ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଅଭିଯୁକ୍ତକୁ ଠାବ କରାଯାଇପାରିନଥିବା ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ଉକ୍ତ କାରାଗାରରୁ ପାରୋଲରେ ଯାଇ ଫେରିନଥିବା ତଥା ଫେରାର୍ ଅଭିଯୁକ୍ତଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୨୨କୁ ଧାର୍ଯ୍ୟ କରିଛନ୍ତି ଅଦାଲତ ।










# ସନ୍ଦେହ ଘେରରେ ଯୁବ ଡାକ୍ତରଙ୍କ ମୃତ୍ୟୁ


**କଟକ,୧୦।୧୨(ସମିସ):** ଯୁବ ଡାକ୍ତର ପ୍ରିୟରଞ୍ଜନ ସାମଲଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ଘଟଣା ଦିନ ଅଚେତ ଅବସ୍ଥାରେ ଉଦ୍ଧାର ସମୟରେ ତାଙ୍କ ପକେଟରେ ମନିପର୍ସ, ଏଟିଏମ କାର୍ଡ ନଥିଲା। ଯଦିଓ ସେ କିଛି ସମୟ ପୂର୍ବରୁ କ୍ଲିନିକରୁ ରୋଗୀ ଦେଖି ପ୍ରାପ୍ୟ ନେଇ ଆସିଥିଲେ। ଯେଉଁ ସ୍ଥାନରେ ସେ ପଡିଥିଲେ ସେଠାରେ ସିସିଟିଭି କାମ କରୁ ନଥିଲା। ଏଣୁ ପୁଅକୁ ଯୋଜନାବଦ୍ଧ ହତ୍ୟା କରାଯାଇଛି ବୋଲି ମୃତକଙ୍କ ବାପା ପୁରୀଘାଟ ଥାନାରେ ଏତଲା ଦେଇଛନ୍ତି। ଦିନକ ପରେ ଘଟଣାକୁ ଦୁଇ ସପ୍ତାହ ହେବ। ମାତ୍ର ଏଯାବତ ପୁଲିସ ରହସ୍ୟ ଉପରୁ ପରଦା ହଟାଇପାରିନାହିଁ।

ଘଟଣାରୁ ପ୍ରକାଶ ଯେ ବଙ୍ଗାଳିସାହି ଅଞ୍ଚଳର ୩୪ ବର୍ଷୀୟ ପ୍ରିୟରଞ୍ଜନ ଚର୍ମ ରୋଗ ବିଭାଗର ଡାକ୍ତର ଥିଲେ। ଗତ ନଭେମ୍ବର ୨୬ ତାରିଖ ରାତିରେ ହଠାତ ତାଙ୍କ ମୃତ୍ୟୁ ଘଟିଥିଲା। ସେମିନାରୀ ଛକସ୍ଥିତ ବିଦେଶୀ ମଦ ଦୋକାନ ପାଖରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଏସସିବି ମେଡିକାଲ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପୂର୍ବର ଏବଂ ପରର ପାରିପାର୍ଶ୍ୱିକ ସ୍ଥିତି ଦେଖି ପୁଅକୁ ହତ୍ୟା କରାଯାଇଛି ବୋଲି ବାପା ପ୍ରତାପ ଚନ୍ଦ୍ର ସାମଲ ଅଭିଯୋଗ କରିଛନ୍ତି। ଶ୍ରୀ ସାମଲଙ୍କ ଅଭିଯୋଗ ଅନୁସାରେ, ୨୬ ତାରିଖ ଅପରାହ୍ନ ସାଢେ ୩ଟାରୁ ପ୍ରାୟ ୫ଟା ଯାଏ ପ୍ରିୟରଞ୍ଜନ ବିଜୁ ପଟ୍ଟନାୟକ ଛକସ୍ଥିତ କ୍ଲିନିକରେ ରୋଗୀ ଦେଖି ଘରକୁ ଫେରିଥିଲେ। ସନ୍ଧ୍ୟା ପରେ ଘରୁ ବାହାରିବା ସମୟରେ ପରିବାର ସଦସ୍ୟଙ୍କ ସହିତ ସ୍ୱାଭାବିକ ଭାବେ କଥାବାର୍ତ୍ତା ମଧ୍ୟ ହୋଇଥିଲେ। ଏମିତିକି ରାତି ୮ଟା ବେଳେ ମାଆଙ୍କୁ ଫୋନ କରି ଖାଇବା ଲାଗି ସେ ରୁଟି, ଭଜା ତିଆରି କରିବାକୁ କହିଥିଲେ। ଏହାର ମାତ୍ର କିଛି ମିନିଟ ପରେ ପ୍ରିୟରଞ୍ଜନ ଅଚେତ ହୋଇପଡିଥିବା ସମ୍ପର୍କରେ ତାଙ୍କୁ ଖବର ମିଳିଥିଲା। ପ୍ରିୟରଞ୍ଜନଙ୍କ ସ୍କୁଟି ଗାଡି ଉକ୍ତ ମଦ ଦୋକାନ ପାଖର୍ ପାର୍କିଂରେ ରହିଥିଲା। ତେବେ ଗାଡିର ଚାବି ଥିଲା ବେଳେ ପକେଟରୁ ମନିପର୍ସ ଏବଂ ଏଟିଏମ କାର୍ଡ ଗାୟବ ଥିଲା। ଉକ୍ତ ଠିପି ବନ୍ଦ ମଦ ଦୋକାନକୁ ଲାଗି ପଛପଟେ ଏକ ଆବଦ୍ଧ ସ୍ଥାନ ରହିଛି। ସେହିଠାରେ ଲୋକେ ଦୋକାନରୁ ମଦ କିଣିଆଣି ପିଅନ୍ତି। ଠିକ ସେହି ସ୍ଥାନର ବାଟ ମୁହଁରେ ପ୍ରିୟରଞ୍ଜନ ପଡିଥିଲେ ବୋଲି ଉପସ୍ଥିତ ଲୋକେ କହିଥିଲେ। ଏହି ସବୁ ଘଟଣାକୁ ତର୍ଜମା କରିବା ପରେ ପ୍ରିୟରଞ୍ଜନଙ୍କ ମୃତ୍ୟୁ ଆକସ୍ମିକ ନୁହେଁ ବୋଲି ଶ୍ରୀ ସାମଲ ଆଶଙ୍କା କରୁଛନ୍ତି।

## ବାରବାଟୀ ଟି-୨୦

# ଲଗାମ୍‌ଛଡ଼ା ଲୁଟ୍

### ମନଇଚ୍ଛା ଦରରେ ଖାଦ୍ୟ, ପାନୀୟ ବିକିଲେ ଭେଣ୍ଡର
### କାମରେ ଲାଗିଲା ପୁରୁଣା ସର୍ଭିସ ପ୍ରୋଭାଇଡର ପାସ୍



**କଟକ,୧୦।୧୨(ସମିସ):**

ଟି-୨୦ ଫର୍ମାଟରେ ବାରବାଟୀରେ ବିଜୟଧାରା ଅବ୍ୟାହତ ରଖିଥିବା ଦକ୍ଷିଣଆଫ୍ରିକା ଉପରେ ବ୍ରେକ୍ ଲାଗିଲା। ଭାରତଠାରୁ ଦଳ ଏଠାରେ ଶୋଚନୀୟ ଭାବେ ପରାଜୟ ବରଣ କଲା। ଖେଳରେ ବିଶୃଙ୍ଖଳା ହେବା ଭଳି କୌଣସି ଅବ୍ୟବସ୍ଥା ଲୋକଲୋଚନକୁ ଆସି ନଥିଲେ ସୁଦ୍ଧା ବିଭିନ୍ନ ଗ୍ୟାଲେରୀରେ ଲୋକଙ୍କଠାରୁ ଭେଣ୍ଡରମାନେ ଲୁଟ୍ କରିଥିବା ଅଭିଯୋଗ ଆସିଛି। ଖାଦ୍ୟ ଓ ମୃଦୁ ପାନୀୟ ମନଇଚ୍ଛା ଦରରେ ବିକ୍ରି ହୋଇଥିଲା। କେବଳ ସେତିକି ନୁହେଁ, ଭେଣ୍ଡରମାନଙ୍କ ଦୁର୍ବ୍ୟବହାରର ଶିକାର ହୋଇଥିବା ନେଇ କିଛି ଦର୍ଶକ ମଧ୍ୟ ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି। ପୁଲିସ ଉପସ୍ଥିତିରେ ଗ୍ୟାଲେରୀଗୁଡିକରେ ବେନିୟମ କାର୍ଯ୍ୟ ଜାରି ରହୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା। ଏ ଦିଗରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ବାରବାଟୀରେ ପୂର୍ବରୁ ଦକ୍ଷିଣଆଫ୍ରିକା ଦଳ ଦୁଇଟି ଟି-୨୦ ମ୍ୟାଚ୍ ଖେଳିଛି। ଭାରତ ବିପକ୍ଷରେ ଖେଳିଥିବା ଦୁଇଟି ଯାକ ମ୍ୟାଚ୍‌ରେ ଦଳକୁ ବିଜୟ ମିଳିଥିଲା। ହେଲେ ମଙ୍ଗଳବାର ମ୍ୟାଚ୍‌ରେ ଭାରତ ଘରୋଇ ପଡ଼ିଆରେ ଭ୍ରମଣକାରୀ ଦକ୍ଷିଣଆଫ୍ରିକାକୁ ଧୂଳି ଚଟାଇଥିଲା। ମ୍ୟାଚ୍ ସମୟରେ ପ୍ରାୟ ୪୨ହଜାର ଦର୍ଶକ ଉପସ୍ଥିତ ଥିଲେ ବୋଲି କୁହାଯାଉଥିଲେ ସୁଦ୍ଧା ଏହାର ପରିମାଣ ଅଧିକ ହେବ। ଗ୍ୟାଲେରୀ ନଂ-୬ରେ ସିଟ୍ ତୁଳନାରେ ଅଧିକ ଦର୍ଶକ ଉପସ୍ଥିତ ଥିବାର ଅଭିଯୋଗ ମଧ୍ୟ ହୋଇଛି। ଏହି ଗ୍ୟାଲେରୀର ଟିକଟ ବିକ୍ରି ନୁହେଁ। କମ୍ପ୍ଲିମେଣ୍ଟାରୀ ଜରିଆରେ ସମସ୍ତ ସିଟ୍ ଭର୍ତ୍ତି ହୁଏ। ତେବେ ସିଟ୍ ତୁଳନାରେ ଅଧିକ ପାସ୍ ଛପାଯାଇଛି ବୋଲି କିଛି କ୍ରିକେଟପ୍ରେମୀ ଅଭିଯୋଗରେ ଜଣାଇଛନ୍ତି। ଅନ୍ୟପକ୍ଷରେ ଗ୍ୟାଲେରୀଗୁଡିକରେ ଭେଣ୍ଡରମାନେ ଦର୍ଶକଙ୍କୁ ଲୁଟିଛନ୍ତି। ଦୋଳମୁଣ୍ଡାଇ ଅଞ୍ଚଳର ଜଣେ ଯୁବକ ଅଭିଯୋଗରେ କହିଛନ୍ତି ଯେ ମୃଦୁ ପାନୀୟ ମୂଲ୍ୟ ୫୦ଟଙ୍କା ଲେଖା ଯାଇଥିଲା। ହେଲେ ଏହାକୁ କିଛି ଜଣ ୮୦ଟଙ୍କାରେ ବିକ୍ରି କରୁଥିବା ବେଳେ କିଛି ଜଣ ୧୦୦ଟଙ୍କାରେ ମଧ୍ୟ ବିକ୍ରି କରିଥିଲେ। ଖାଦ୍ୟ ସାମଗ୍ରୀ ମୂଲ ଉପରେ ମଧ୍ୟ ଲଗାମ ନଥିଲା। ମନଇଚ୍ଛା ଦରରେ ଏହା ବିକ୍ରି କରାଯାଇଥିଲା। ଏହାକୁ ନେଇ କିଛି କ୍ରିକେଟପ୍ରେମୀ ଅଭିଯୋଗ କରିବା ପରେ ଭେଣ୍ଡରମାନଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ଏତଦବ୍ୟତୀତ ପୁରୁଣା ସର୍ଭିସ ପ୍ରୋଭାଇଡର ପାସ୍‌ରେ କିଛି ଯୁବକ ମଙ୍ଗଳବାର ମ୍ୟାଚ୍ ଦିନ ଷ୍ଟାଡିୟମରେ ପ୍ରବେଶ କରିଥିବାର ନଜିର ମଧ୍ୟ ରହିଛି। ୧୦ମାସ ପୂର୍ବେ ତଥା ଫେବୃୟାରୀ ୯ ତାରିଖରେ ବାରବାଟୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ଖେଳାଯାଇଥିଲା। ଉକ୍ତ ମ୍ୟାଚ୍‌ରେ ସର୍ଭିସ ପ୍ରୋଭାଇଡର ପାସ୍ ପାଇଥିବା କିଛି ଯୁବକ ମଙ୍ଗଳବାର ଖେଳାଯାଇଥିବା ଭାରତ-ଦକ୍ଷିଣଆଫ୍ରିକା ମ୍ୟାଚ୍ ସମୟରେ ମଧ୍ୟ ପୁରୁଣା ପାସ୍ ବ୍ୟବହାର କରି ଷ୍ଟାଡିୟମ ଭିତରକୁ ପଶିଥିଲେ।

### ପୁଣି ଉଠିଲା ଷ୍ଟାଡିୟମ ନବକଳେବର ପ୍ରସଙ୍ଗ

କଟକର ଗୌରବ ତଥା ଓଡ଼ିଶାର ଏକମାତ୍ର ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍ ବାରବାଟୀର କଳେବର ହେବ। ଏହାର ସଂପ୍ରସାରଣ ଓ ନବୀନକରଣ ପ୍ରସ୍ତାବ ଉପରେ ବିଚାର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିବା ପରେ ପୁଣି ଥରେ ପୁରୁଣା ପ୍ରସଙ୍ଗ ସତେଜ ହୋଇଛି। ପୁରୁଣା ସରକାର ଅମଳରେ ବାରବାଟୀକୁ ନୂଆ ରୂପ ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ୮୦୦ କୋଟି ଟଙ୍କା ବ୍ୟୟରେ ବାରବାଟୀକୁ ବିଶ୍ୱସ୍ତରୀୟ ରୂପ ଦିଆଯିବ ବୋଲି ପ୍ରସ୍ତାବ ରହିଥିଲା। ମାତ୍ର ରାଜ୍ୟରେ ସରକାର ବଦଳିବା ପରେ ଏହି ଯୋଜନା ବାଟବଣା ହୋଇଗଲା।

## 'ସ୍ୱା' ପକ୍ଷରୁ ଉତ୍କଳ ଫ୍ୟାସନ ଦ ୱିଭ୍ କଲେକ୍ସନ୍

# ପୁରାତନ ହସ୍ତତନ୍ତ ବସ୍ତ୍ରରେ ଆଧୁନିକତାର ଛାପ




**କଟକ,୧୦।୧୨(ସମିସ):** ଓଡ଼ିଶାର ଐତିହ୍ୟପୂର୍ଣ୍ଣ କଳା, ସଂସ୍କୃତି ଏବଂ ପ୍ରାଚୀନ ହସ୍ତତନ୍ତ ବସ୍ତ୍ର ଶୈଳୀକୁ ନୂତନ ଡିଜାଇନ୍ ମାଧ୍ୟମରେ ପରିବେଷଣ କରିବା ଉଦ୍ଦେଶ୍ୟରେ ଫ୍ୟାସନ ଡିଜାଇନିଂ ସଂସ୍ଥା 'ସ୍ୱା' ପକ୍ଷରୁ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏକଦିବସୀୟ କାର୍ଯ୍ୟକ୍ରମ 'ଉତ୍କଳ ଫ୍ୟାସନ ଦ ୱିଭ୍ କଲେକ୍ସନ୍' ସିଜିନ- ୨ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆମାନେ ପୂର୍ବରୁ ବ୍ୟବହାର କରୁଥିବା ବିଭିନ୍ନ କିସମର ହସ୍ତତନ୍ତ ପୋଷାକକୁ ଆଧୁନିକ ଫ୍ୟାସନ୍‌ର ରୂପ ଦେଇ ପ୍ରଦର୍ଶନ କରିବା। ଏହି ନିଆରା ଉଦ୍ୟମ ମାଧ୍ୟମରେ ଓଡ଼ିଶାର ସଂସ୍କୃତି ଓ ପାରମ୍ପରିକ ବସ୍ତ୍ରଶିଳ୍ପକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାକୁ ପ୍ରୟାସ କରାଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୬ ଜଣ ପ୍ରତିଷ୍ଠିତ ଡ୍ରେସ୍ ଡିଜାଇନର୍ ଏବଂ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏହି ଫ୍ୟାସନ ଶୋ' ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। କଟକ ସିଏମ୍‌ସି ମେୟର ସୁବାସ ସିଂହ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସିଡବ୍ଲ୍ୟୁସି ସଦସ୍ୟା ପ୍ରତିଭା ତ୍ରିପାଠୀ, ଅନ୍ତର୍ଜାତୀୟ ଡିଜାଇନର ଜିତ୍ ଜଗଜିତ୍ ଓ ସ୍ଥାନୀୟ କର୍ପୋରେଟର ପ୍ରଦୀପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଶିଷ୍ଟ ଚିତ୍ରଶିଳ୍ପୀ ରବି ରଥ, ସାହିତ୍ୟିକା ଡା. ଜ୍ୟୋତ୍ସ୍ନାମୟୀ ପାଣି, ଡାକ୍ତର ଅଜୟ ମହାପାତ୍ର, ଯୁବ ସମାଜସେବୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ସମାଜସେବୀ ଶ୍ରୀଗୁଣ ଦାସମହାପାତ୍ର, ଆଇନଜୀବୀ ସୁଜିତ ସ୍ୱାଇଁ, ଯୁବ ସମାଜସେବୀ ସନ୍ଦୀପ ବିଶ୍ୱାଳ, ଓଡ଼ିଶା ରକ୍‌ଷ୍ଟାର୍ ସିଙ୍ଗର୍ ଅଂଶୁମାନ ନାୟକ ଏବଂ ଅଭିନେତ୍ରୀ ପିହୁ ମହାପାତ୍ର ମଧ୍ୟ ଯୋଗଦେଇଥିଲେ। 'ସ୍ୱା'ର ପରିଚାଳନା ନିର୍ଦ୍ଦେଶିକା ସ୍ୱାତୀ ମହାପାତ୍ରଙ୍କ ଦକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅତିଥିମାନେ 'ସ୍ୱା'ର ଏହି ନିଆରା ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଭବିଷ୍ୟତରେ ଏହି କାର୍ଯ୍ୟକ୍ରମକୁ ଜାତୀୟସ୍ତରରେ ପ୍ରଦର୍ଶନ କରିବା ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଭଗବତୀ ପଟ୍ଟନାୟକ, ପୁତୁଲ ବିଶ୍ୱାଳ ସହଯୋଗ କରିଥିଲେ।

# ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କଟକ,୧୦।୧୨(ସମିସ):** କଟକ ସଦର ଥାନା ଅନ୍ତର୍ଗତ ଉରାଳୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଶ୍ୱଜିତା ବେହେରାଙ୍କ ସଭାପତିତ୍ୱରେ ତିନିଦିନ ଧରି ଅନୁଷ୍ଠିତ ପୁରସ୍କାର ବିତରଣରେ ମୁଖ୍ୟଅତିଥି ଭାବେ ଉରାଳୀ ପଞ୍ଚାୟତ ସରପଞ୍ଚ ଇଂ ଅଭିଷେକ ବେହେରା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ ଲେଙ୍କା, ଶିକ୍ଷୟିତ୍ରୀ ସୁନିତା ବେହୁରା, ସୁପ୍ରିତ ନନ୍ଦୀ, ପ୍ରାକ୍ତନ ଶିକ୍ଷକ ବିପିନ ବିହାରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ବେଜ ଧନ୍ୟବାଦ ଦେଇଥିଲେ।




# ବିଶିଷ୍ଟ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



**କଟକ,୧୦।୧୨(ସମିସ):** ବିଶିଷ୍ଟ ଚିତ୍ରଶିଳ୍ପୀ ବିଭୂତି ଭୂଷଣ କାନୁନ୍‌ଗୋଙ୍କ ଶହେତାରିତମ ଜୟନ୍ତୀ ଉତ୍ସବ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍‌ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରୁପ୍‌ର ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ଓ ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ସେ କହିଥିଲେ ଯେ କୋଲକାତା ସରକାରୀ କଳା ମହାବିଦ୍ୟାଳୟରୁ ଶିକ୍ଷା ସମାପ୍ତ ପରେ ଶିଳ୍ପୀ ବିଭୂତି କାନୁନ୍‌ଗୋ କଟକରେ କର୍ମମୟ ଜୀବନ ଆରମ୍ଭ କରି ଚିତ୍ର ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସାରା ଜୀବନକୁ କଳା ପାଇଁ ଉତ୍ସର୍ଗ କରିଥିଲେ। ଚିତ୍ରକଳାର କୌଣସି ଆଦର ନ ଥିବା ସମୟରେ ମହମ୍ମଦିଆ ବଜାରରେ ନିଜ ଘରେ ଏକ ଚିତ୍ରକଳା ମହାବିଦ୍ୟାଳୟ ଆରମ୍ଭ କରି ସେ ବର୍ଷ ବର୍ଷ ଧରି ଓଡ଼ିଆ ଶିଳ୍ପୀଙ୍କୁ ଶିକ୍ଷାଦାନ ଦେଇ ଓଡ଼ିଶା ବାହାରେ ପରିଚିତ କରାଇଥିଲେ। ମୁଖ୍ୟବକ୍ତା ଡକ୍ଟର ବୈଜୟନ୍ତୀ ମିଶ୍ର ବିଭୂତି କାନୁନ୍‌ଗୋଙ୍କୁ ଓଡ଼ିଶାରେ ମୁଦ୍ରଣକଳାର ଜନକ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଡକ୍ଟର ସୁରଞ୍ଜନ ଲେଙ୍କା ତାଙ୍କ ରାମାୟଣ ଚିତ୍ରକଳା ସିରିଜ୍‌ର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ନିଜ ଘରେ ଛୋଟ ଚିତ୍ରଟିଏ ସାଇତି ରଖି କଳାକାରଙ୍କୁ ଉତ୍ସାହିତ କରିବାକୁ ସମାଜକୁ ଆହ୍ୱାନ କରିଥିଲେ। ଗ୍ରୁପ୍‌ର ସମ୍ପାଦକ ଶଶିକାନ୍ତ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୀତିକବି ମନୋଜ ପଟ୍ଟନାୟକ, ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ପ୍ରକାଶକ ଉମେଶ ପ୍ରସାଦ ସାହୁ, ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ଆଇନଜୀବୀ ଅଜିତ ମହାପାତ୍ର ଚିତ୍ରଶିଳ୍ପୀ କାନୁନ୍‌ଗୋଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୁନିକୁନି ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରଶିଳ୍ପୀ ପ୍ରମିତା ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।

# ହୋପ୍‌ଏଜ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା

**କଟକ,୧୦।୧୨(ସମିସ):** ହୋପ ଏଜ ଟ୍ରଷ୍ଟ ପକ୍ଷରୁ ଆଜି ଅପରାହ୍ନରେ ମର୍କତ ନଗରସ୍ଥିତ ଆଶ୍ରୟ ଦି ସେଲଟରଠାରେ ଚକ୍ଷୁ ରୋଗର କାରଣ ଓ ନିରାକରଣ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଡା. ଅଶୋକ ମିଶ୍ର କହିଲେ ଯେ ୪୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିୟମିତ ଭାବେ ନିଜର ଚକ୍ଷୁ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶକ୍ରମେ



ଆବଶ୍ୟକସ୍ଥଳେ ଚଷମା ବ୍ୟବହାର କରିବା ସହ ଔଷଧ ସେବନ କରିବା ଉଚିତ। ଅରବିନ୍ଦ ଦାସଙ୍କ ସହାୟତାରେ ସଭ୍ୟଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସଭାପତି କିଶୋର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟି ସତ୍ୟ ରାୟ, ସଂପାଦକ ରଞ୍ଜିତ ସାହୁ, ଉପସଭାପତି ବିଜୟ ପୃଷ୍ଟି, ଯୁଗ୍ମ ସଂପାଦକ ସୁଜାତା ପଟ୍ଟନାୟକ, ସି କସ୍ତୁରୀ, ରବୀନ୍ଦ୍ର ନାଥ ମିଶ୍ର, ହିମାଂଶୁବାଳା ପଟ୍ଟନାୟକ, ପୁଷ୍ପଲତା ପତି, ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇଥିଲେ।

# ଜନତା ରଙ୍ଗମଞ୍ଚରେ ନାଟକ 'ମୋକ୍ଷ' ମଞ୍ଚସ୍ଥ

**କଟକ,୧୦।୧୨(ସମିସ):** ଜନତା ରଙ୍ଗମଞ୍ଚ ପକ୍ଷରୁ ନାଟକ 'ମୋକ୍ଷ' ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସକଦ୍ୱୟ ଡ.ରଞ୍ଜନ ଘୋଷ ମୁଖ୍ୟଅତିଥି ଭାବେ ଏବଂ ଡ. ଦେବାନନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜନତା ରଙ୍ଗମଞ୍ଚର ସମ୍ପାଦକ ବିନୋଦ କୁମାର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲା ବେଳେ କାର୍ଯ୍ୟକାରୀ ସଭ୍ୟ ବାପୁ ଲେଙ୍କା ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସାଂଗଠନିକ ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଅବସରରେ ଉପସଭାପତି ଇନ୍ଦ୍ରଜିତ ଘୋଷ, କାର୍ଯ୍ୟକାରୀ କମିଟି ସଦସ୍ୟ ଶିବାନୀ ପ୍ରସାଦ ମହାପାତ୍ର, ଡ଼. ଅନଙ୍ଗ ଦ୍ୱିବେଦୀ, ସୁରେନ୍ଦ୍ର ସାହୁ, ଅନନ୍ତ ଦାସ, ଗୌରବ ମହାନ୍ତି, ଅଶୋକ ଚୌଧୁରୀ, ଅଭୟ ଦାସ, ସାଜିଦ୍ ମନିହାର, ଚାନ୍ଦ ମନିହାର ଏବଂ କୋଷାଧ୍ୟକ୍ଷ ସୁକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚସ୍ଥ ହୋଇଥିବା ନାଟକ 'ମୋକ୍ଷ'ର



ନାଟ୍ୟକାର ସରୋଜ ସାମଲ ଉପସ୍ଥିତ ଥିଲେ। ଉମେଶ ଦାସ ନାଟକର ନିର୍ଦ୍ଦେଶନା ଭାର ତୁଲାଇଥିବା ବେଳେ କାବୁ ବୋଷ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଆଲୋକ ଓ ଶବ୍ଦ ପରିଚାଳନାରେ ବବି (ରେଡ଼ିଓ ଲାଇଟ୍) ଏବଂ ମଞ୍ଚ ରୂପାରେ ମନୋରଞ୍ଜନ ସୁନ୍ଦରରାୟ ସହଯୋଗ କରିଥିଲେ। କଳାକାର ସନ୍ଦୀପ ପାଣି, ବିଭୁ ପ୍ରସାଦ, ମନୋଜ ସାହୁ, ତପନ ଆଚାର୍ଯ୍ୟଙ୍କ ସହିତ ନାରୀ ଭୂମିକାରେ ଆଦ୍ୟାଶା ଓ ସୋମ୍ୟା ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।






# ଘରକୁ ଫେରିଲେ ରାଜକିଶୋର


### ଆତ୍ମହତ୍ୟା କରିବାକୁ କାଠଯୋଡ଼ିକୁ ଡେଇଁଥିଲେ
### ଉଦ୍ଧାର କରି ଏସ୍‌ସିବିରେ ଭର୍ତ୍ତି କରିଥିଲେ ଅଭିମନ୍ୟୁ

**କଟକ,୧୦।୧୨(ସମିସ):**

କଥାରେ ଅଛି, ରଖିଲେ ହରି ମାରିବ କିଏ? ଯାହାର ମୃତ୍ୟୁ ଯୋଗ ନାହିଁ, ତାହାର ଅକାଳରେ ବାହୁଡିବା ଯଥାର୍ଥ ହୋଇନପାରେ। ଏଭଳି ଏକ ଦୃଷ୍ଟାନ୍ତମୂଳକ ଘଟଣାକୁ ନେଇ କଟକରେ ଏବେ ଚର୍ଚ୍ଚା ଜୋର୍ ଧରିଛି। ଗତ ଗୁରୁବାର କାଠଯୋଡ଼ିକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ୭୦ବର୍ଷୀୟ ରାଜକିଶୋର ପାଇକ ପୁନର୍ଜୀବନ ପାଇ ଆଜି ଘରକୁ ଫେରିଛନ୍ତି। ବଳ, ବୟସ ନଥିବା ଯୋଗୁଁ ଦୀର୍ଘ ସମୟ ମୃତପ୍ରାୟ ହୋଇ ସେ କାଠଯୋଡ଼ି ପାଣିରେ ପଡ଼ି ରହିଥିଲେ। ସାମାଜିକକର୍ମୀ ଅଭିମନ୍ୟୁ ଦାସ ତାଙ୍କୁ ଉଦ୍ଧାର କରି ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଆଜି ପରିବାର ଲୋକେ କଟକ ଆସି ସୁସ୍ଥ ରାଜକିଶୋରଙ୍କୁ ଘରକୁ ଧରି ଫେରିଛନ୍ତି।




ଘଟଣାରୁ ପ୍ରକାଶ ଯେ ଗତ ଗୁରୁବାର ସକାଳ ପ୍ରାୟ ୭.୩୦ ହେବ। କାଠଯୋଡ଼ି ନଦୀରେ ଜଣେ ବୃଦ୍ଧ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହ ପଡ଼ିଥିବା ଭାବି ଶହ ଶହ ଲୋକ ଖାନନଗର ଆମିଷ ବଜାର ନିକଟରେ ଛିଡ଼ା ହୋଇ ରହିଥିଲେ। କୂଳ ଠାରୁ ପ୍ରାୟ ୧୦୦ମିଟର ଦୂରରେ ବୃଦ୍ଧ ଜଣକ ପଡ଼ି ରହିଥିଲେ। ମଧୁପାଟଣା ଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ସୂଚନା ପାଇ ସୁଦ୍ଧା ପୁଲିସ କିମ୍ବା ଅଗ୍ନିଶମର କୌଣସି ଟିମ୍ ସେଠାରେ ପହଞ୍ଚିନଥିଲେ। ହେଲେ ସାମାଜିକ କର୍ମୀ ଅଭିମନ୍ୟୁ ସାହାସିକତା ଦେଖାଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଧରି ନଦୀ ମଝିକୁ ଯିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିଥିଲା। ଉଦ୍ଧାର ହୋଇଥିବା ବୃଦ୍ଧ ଜଣକ ହେଉଛନ୍ତି ରାଜକିଶୋର ପାଇକ। ତାଙ୍କ ଘର ଗଜପତି ଜିଲ୍ଲା ମୋହନା ଥାନା ଅଞ୍ଚଳରେ। ପତ୍ନୀଙ୍କ ବିୟୋଗ ପରେ ସେ ମହିମା ଧର୍ମ ଗ୍ରହଣ କରି ପରିବାର ଛାଡ଼ି ଦେଇଥିଲେ। ହେଲେ ପରେ କୌଣସି କାରଣରୁ ପରିବାର ଲୋକଙ୍କ ସହ ତାଙ୍କର ମନୋମାଳିନ୍ୟ ହୋଇଥିଲା। ବୁଧବାର ରାତିରେ ରାଜକିଶୋର ହଠାତ୍ କଟକରେ ପହଞ୍ଚିଥିଲେ। ଆତ୍ମହତ୍ୟା କରିବାକୁ ମନସ୍ଥ କରି କାଠଯୋଡ଼ି ନଦୀକୁ ଡେଇଁ ପଡ଼ିଥିଲେ। ୪/୫ ଘଣ୍ଟା ପାଣିରେ ପଡ଼ି ରହିବା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା।





ବାରବାଟୀରେ ଟି-୨୦ ମ୍ୟାଚ୍ ପରେ ଓଡ଼ିଶାରୁ ଫେରୁଛନ୍ତି ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳି

### ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା

## ଆଜି ରିମାଣ୍ଡରେ ଯିବେ ମୁନା ସମେତ ୪ ଅଭିଯୁକ୍ତ

ଭୁବନେଶ୍ୱର,୧୦ ।୧୨(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ କଡ଼ିକୁ କଡ଼ି ଯୋଡ଼ି ତଦନ୍ତ ଚଳାଇଛି ସିବିଆଇ । ବିହାରରୁ ଗିରଫ ନୀତିଶଙ୍କୁ ଅଧିକ ପଚରାଉଚରା ପାଇଁ କୋର୍ଟଙ୍କ ଅନୁମତିକ୍ରମେ ୨ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡରେ ନିଆଯାଇଛି । ସେହିପରି ଅନ୍ୟତମ ମାଷ୍ଟରମାଇଣ୍ଡ କୁହାଯାଉଥିବା ମୁନା ମହାନ୍ତିଙ୍କ ସମେତ ୪ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ନେବା ପାଇଁ ସିବିଆଇ ଆବେଦନ କରିଥିଲା ବେଳେ ମୁନା ସମେତ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ ୨ଦିନିଆ ରିମାଣ୍ଡରେ ନେବା ପାଇଁ କୋର୍ଟ ଅନୁମତି ଦେଇଛନ୍ତି । ଆଜିଠାରୁ ନୀତିଶଙ୍କୁ ରିମାଣ୍ଡରେ ନେଇ ସିବିଆଇ ପଚରାଉଚରା ଆରମ୍ଭ କରିଥିବା ବେଳେ ଅନ୍ୟ ୪ ଅଭିଯୁକ୍ତଙ୍କୁ ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ ରିମାଣ୍ଡରେ ନେବ । ରିମାଣ୍ଡର ପ୍ରଥମ ଦିନରେ ଏହି ୪ ଅଭିଯୁକ୍ତଙ୍କ ସହିତ ନୀତିଶଙ୍କୁ ମୁହାଁମୁହିଁ ଜେରା କରିବା ସହ କେଉଁ ସରକାରୀ ଅଧିକାରୀଙ୍କ ଲିଙ୍କ୍‌ରେ ଏମାନେ ରହିଥିଲେ, ତାର ଖୋଳତାଡ଼ କରିପାରେ ବୋଲି ଜଣାପଡ଼ିଛି ।

### ଆଗୁଆ ସରିଲା ବିଧାନସଭା

## ହଜିଗଲା ଦାବି, ଲୁଚିଗଲା ପ୍ରସଙ୍ଗ

- ବାଚସ୍ପତିଙ୍କ ରୁଲିଂ ସତ୍ତ୍ୱେ ହେଲା ନାହିଁ କଂଗ୍ରେସର 'ସଙ୍କଳ୍ପ' ଆଲୋଚନା
- ରାଜ୍ୟରୁ ମାନବ ଚାଲାଣ ସମ୍ପର୍କରେ ବିବୃତି ରଖିଲେନି ଉପମୁଖ୍ୟମନ୍ତ୍ରୀ
- ଜଣେ ବି ସଦସ୍ୟ ଉଠାଇଲେ ନାହିଁ ବୁଢ଼ାବୁଢ଼ୀଙ୍କ ଭତ୍ତା ବୃଦ୍ଧି ପ୍ରସଙ୍ଗ

ଭୁବନେଶ୍ୱର,୧୦।୧୨(ସମିସ): ବିଧାୟକଙ୍କ ଦରମା ଓ ପେନସନ ବୃଦ୍ଧି ନେଇ ପୂର୍ବରୁ ଦାବି ହୋଇ ଆସୁଥିଲେ । ରାଜ୍ୟ ବିଜେପି ସରକାର ଏକାଥରକେ ଦରମା ୩ ଗୁଣ ବଢ଼େଇଦେଲେ । ଖାଲି ଦରମା ବଢ଼ିଲାନି, ୧୮ ମାସର ବକେୟା ଦରମା ଭାବରେ ବିଧାୟକମାନେ ୩୦ରୁ ୪୦ ଲକ୍ଷ ଟଙ୍କା ପାଇବେ ବୋଲି ଘୋଷଣା ହେଲା । ପେନସନ ଭତ୍ତା ପ୍ରାୟ ୩ ଗୁଣ ହୋଇଗଲା । ଦରମା, ଭତ୍ତା, ପେନସନ ବୃଦ୍ଧିର ଖୁସି ଭିତରେ ଦେଢ଼ ବର୍ଷ ହେଲା ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତାକୁ ଚାହିଁ ବସିଥିବା ରାଜ୍ୟର ଲକ୍ଷଲକ୍ଷ ଗରିବ ବୁଢ଼ାବୁଢ଼ୀଙ୍କ ଆଶା କେଉଁଠାରେ ହଜିଗଲା ଯେ ତାହାର ପତ୍ତା ମିଳିଲା ନାହିଁ । ବାଚସ୍ପତିଙ୍କ ରୁଲିଂ ସତ୍ତ୍ୱେ କଂଗ୍ରେସର ସଂକଳ୍ପ ଆଲୋଚନା ହୋଇ ପାରିଲା ନାହିଁ। ରାଜ୍ୟରୁ ମାନବ ଚାଲାଣ ସଂକ୍ରାନ୍ତରେ ବିଜେଡି ଉଠାଇଥିବା ପ୍ରସଙ୍ଗରେ ଉପମୁଖ୍ୟମନ୍ତ୍ରୀ ବିବୃତି ଦେବାକୁ ବାଚସ୍ପତିଙ୍କ ରୁଲିଂ ବି ସମସ୍ତେ ପାଶୋରିଗଲେ । ୧୮ ଟି କାର୍ଯ୍ୟଦିବସ ପୂର୍ବରୁ ବିଧାନସଭାକୁ ମୁଲତବୀ ନିମନ୍ତେ ଶାସକ ଦଳ ମୁଖ୍ୟ ସଚେତକଙ୍କ ପ୍ରସ୍ତାବ ବେଳେ କେହି ମୁହଁ ଖୋଲିଲେ ନାହିଁ। ଯାହାକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା ଓ ଆଲୋଚନା ଜୋର ଧରିଛି । ନିର୍ବାଚନ ବେଳେ ରାଜନୈତିକ ଦଳଗୁଡ଼ିକ ପ୍ରକାଶ କରିଥବା ଇସ୍ତାହାର ଓ ସଂକଳ୍ପ ପତ୍ରରେ କେଉଁଠାରେ ବିଧାୟକ, ମନ୍ତ୍ରୀମାନଙ୍କ ଦରମା ଓ ପେନସନ ବଢ଼ାଇବା ଉଲ୍ଲେଖ କରିଥିଲେ ତାହାକୁ ଲୋକମାନେ ଖୋଜିବା ଆରମ୍ଭ କରିଛନ୍ତି ।

ଚଳିତ ଅଧିବେଶନ ପ୍ରଥମ ଦିନରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ଓ ଶେଷଦିନରେ ବିଧାୟକଙ୍କ ଦରମା ବୃଦ୍ଧି ଦୁଇଟି ପ୍ରମୁଖ ଶୀତ ଅଧିବେଶନର ଦୁଇଟି ପ୍ରମୁଖ ଘଟଣା । ଅଧିବେଶନ ୧୧ ଦିନ ଧରି ଚାଲିଥିବା ବେଳେ ଗୃହକାର୍ଯ୍ୟ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି । ବିରୋଧୀ ବିଜେଡି ଓ କଂଗ୍ରେସ ମାତ୍ର ଥରେ ଲେଖାଏଁ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ । ରାଜ୍ୟରେ ଏକାଧିକ ସମ୍ବେଦନଶୀଳ ପ୍ରସଙ୍ଗ ଥିବାବେଳେ ଏହାକୁ ଉତ୍ଥାପନ କରି ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ବିରୋଧୀଙ୍କ ପାଖରେ ଯଥେଷ୍ଟ ସୁଯୋଗ ଥିଲେ ବି ଚଳିତ ବିଧାନସଭାରେ ତାହା ପରିଲକ୍ଷିତ ହୋଇନାହିଁ।

ଏସସି, ଏସଟି ସଂରକ୍ଷଣକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ଆଣିଥିବା ସଂକଳ୍ପ ଗୃହରେ ଆଲୋଚନା ନ ହେବାରୁ ଦଳ ଗୃହରେ ହଟ୍ଟଗୋଳ କରିଥିଲା । ଫଳରେ ୪ ତାରିଖ ପ୍ରଶ୍ନକାଳ ଚାଲିପାରିନଥିଲା । ଶୂନ୍ୟକାଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା । ୧୨ ତାରିଖରେ ସଂକଳ୍ପ ଆଲୋଚନା ହେବ ବୋଲି ବାଚସ୍ପତି ଗୃହରେ ଘୋଷଣା କରିବା ପରେ କଂଗ୍ରେସ ବିଧାୟକ ନିଜ ଜିଦରୁ ଓହରିଥିଲେ । ତେବେ ବିନା ସଂକଳ୍ପ ଆଲୋଚନାରେ ଯେତେବେଳେ ଗୃହ ମୁଲତବୀ ପ୍ରସ୍ତାବ ଆସିଲା, ସେତେବେଳେ କାହିଁକି କଂଗ୍ରେସ ପ୍ରତିବାଦ କଲା ନାହିଁ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଅନୁରୂପ ଭାବରେ ରାଜ୍ୟରେ ମାନବ ଚାଲାଣ ନେଇ ବିଜେଡି ଗୃହରେ ଉଦବେଗ ପ୍ରକାଶ କରିଥିବା ବେଳେ ଚଳିତ ଅଧିବେଶନ ଭିତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏ ସମ୍ବନ୍ଧରେ ତର୍ଜମା କରି ଗୃହରେ ବିବୃତି ରଖିବାକୁ ବାଚସ୍ପତି ସୁରମା ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ କୌଣସି ବିବୃତି ରଖି ନ ଥିବା ବେଳେ ଗୃହ ମୁଲତବୀ ବେଳେ ବିଜେଡି ମଧ୍ୟ ପ୍ରତିବାଦ କରି ନ ଥିଲା ।

ଅଧିବେଶନ ଆରମ୍ଭରୁ ବିଭିନ୍ନ ଶିକ୍ଷକ ସଂଗଠନଠାରୁ ଆରମ୍ଭ କରି ଏକାଧିକ ସଂଘ ଲୋୟର ପିଏମଜିରେ ଆନ୍ଦୋଳନ କରି ଚାଲିଛନ୍ତି । ପ୍ରାଥମିକ ଶିକ୍ଷକ ସଂଘ, ବ୍ଲକଗ୍ରାଣ୍ଟ ଶିକ୍ଷକ ସଂଘ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଘ, କନିଷ୍ଠ ଶିକ୍ଷକ ସଂଘ ଶୀତ, କାକରରେ ରାଜରାସ୍ତାରେ ପଡ଼ି ଦରମା ବୃଦ୍ଧି ଦାବି କରିଛନ୍ତି । ଧାନ କିଣା ଆରମ୍ଭରୁ ବିଭ୍ରାଟ ଦେଖା ଦେଇଛି, ବିଭିନ୍ନ ସ୍ଥାନରେ ଚାଷୀ ଧାନବସ୍ତା ରଖି ରାସ୍ତା ଅବରୋଧ କରୁଛନ୍ତି । ଅନ୍ୱେଷା ଯୋଜନାରେ ଗୋଟିଏ ବର୍ଷରେ ଗୋଟିଏ ବି ନାମଲେଖା ହୋଇ ପାରିନାହିଁ। ବିକଶିତ ଗାଁ, ବିକଶିତ ଓଡ଼ିଶା ଅନୁଦାନ ଖର୍ଚ୍ଚ ହୋଇପାରୁ ନାହିଁ, ଗୋଟାକ ପରେ ଗୋଟାଏ ନିଯୁକ୍ତି ପରୀକ୍ଷାରେ ବିଶୃଙ୍ଖଳା ରାଜ୍ୟର ମେଧାବୀଙ୍କୁ ନିରାଶ କରିଛି । ମାତ୍ର ଏ ସମ୍ପର୍କରେ ସମସ୍ତେ ନିରବ ରହିଲେ ଓ ଦରମା-ଭତ୍ତା-ପେନସନ ଖୁସିରେ ସବୁ ଭୁଲିଗଲେ ।

## ଆନ୍ଧ୍ରରେ ଓଡ଼ିଆ ଛାତ୍ରୀଙ୍କୁ ଯୌନ ନିର୍ଯାତନା

### ୨ ସହକାରୀ ପ୍ରାଧ୍ୟାପକ ଗିରଫ; ବିଇଡି ଛାତ୍ରୀଙ୍କ ସୁରକ୍ଷାକୁ ନେଇ ସଂଶୟ

ଭୁବନେଶ୍ୱର, ୧୦ ।୧୨(ସମିସ): ଆନ୍ଧ୍ରପ୍ରଦେଶର ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ (ଏନ୍‌ଏସ୍‌ୟୁ)ରେ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି ଜଣେ ଓଡ଼ିଆ ଛାତ୍ରୀ । ସମ୍ପୃକ୍ତ ବିଇଡ଼ି ଛାତ୍ରୀଙ୍କୁ ଯୌନ ନିର୍ଯାତନା ଓ ବ୍ଲାକମେଲିଂ ଅଭିଯୋଗ ପରେ ଦୁଇ ସହକାରୀ ପ୍ରାଧ୍ୟାପକ ଲକ୍ଷ୍ମଣ କୁମାର ଓ ଏ.ଶେଖର ରେଡ୍ଡିଙ୍କୁ ପୁଲିସ ଗିରଫ କରିଛି । ଅନ୍ୟପକ୍ଷରେ ଆନ୍ଧ୍ର ପୁଲିସର ୪ ଜଣ କର୍ମଚାରୀ ଓଡ଼ିଶାରେ ପହଞ୍ଚିଛନ୍ତି ଓ ପୀଡ଼ିତାଙ୍କ ବୟାନ ରେକର୍ଡ଼ କରିଛନ୍ତି । ଏହି ଘଟଣାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ସୃଷ୍ଟି ହୋଇଛି । ଛାତ୍ର ସଂଗଠନଗୁଡ଼ିକ ଅଭିଯୁକ୍ତଙ୍କୁ ତୁରନ୍ତ ନିଲମ୍ବନ ସହ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ୱାଇଏସ୍‌ଆର୍ ସାଂସଦ ମାଦିଲା ଗୁରୁମୂର୍ତ୍ତି ଏହି ମାମଲାରେ ଉଦବେଗ ପ୍ରକାଶ ସହ ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଜାତୀୟ ମହିଳା କମିଶନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଜାତୀୟ ମାନବାଧିକାର କମିଶନଙ୍କୁ ଚିଠି ଲେଖିଛନ୍ତି । ମାମଲାର ଗମ୍ଭୀରତା ବଢୁଥିବା ଆନ୍ଦୋଳନକୁ ଦୃଷ୍ଟିରେ ରଖି ଆନ୍ଧ୍ର ପ୍ରଦେଶ ସରକାର ମଧ୍ୟ ଏକ ସ୍ୱତନ୍ତ୍ର ଦଳ ଗଠନ କରି ମାମଲାକୁ ତ୍ୱରାନ୍ୱିତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ।

ପୁଲିସ ସୂଚନା ଅନୁସାରେ ପୀଡିତା ଜଣକ ବିଇଡି ପ୍ରଥମ ବର୍ଷର ଛାତ୍ରୀ ଓ ଗତ ଜୁନ୍ ୨୫ ତାରିଖରେ ଏନ୍‌ଏସ୍‌ୟୁ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ । ଶିକ୍ଷା ବିଭାଗର ଅଧ୍ୟାପକ ଲକ୍ଷ୍ମଣ କୁମାର ତାଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଡାକି ବିଭିନ୍ନ ପ୍ରଲୋଭନ ଦେଖାଇବା ସହ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି । ସେହିପରି ଆଉ ଜଣେ ଅଧ୍ୟାପକ ଏ ଶେଖର ରେଡ୍ଡି ସେହି ସମୟର ଫଟୋ ଏବଂ ଭିଡିଓ ରେକର୍ଡିଂ କରିଥିଲେ । ପରେ ସେଗୁଡ଼ିକୁ ବ୍ୟବହାର କରି ଛାତ୍ରୀଙ୍କୁ ବାରମ୍ବାର ବ୍ଲାକମେଲ୍ କରିଥିଲେ । ଏପରିକି ଫଟୋ ଭିଡିଓଗୁଡ଼ିକୁ ଅନଲାଇନରେ ପୋଷ୍ଟ କରିବାକୁ ଧମକ ମଧ୍ୟ ଦେଇଥିବା ପୀଡ଼ିତା ଛାତ୍ରୀ ଅଭିଯୋଗ କରିଛନ୍ତି । ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ ଲିଖିତ ଅଭିଯୋଗ ଆଧାରରେ ତିରୁପତି ପଶ୍ଚିମ ପୋଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇ ମଙ୍ଗଳବାର ସଂଧ୍ୟାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଏହି ଘଟଣା ପଦାକୁ ଆସିବା ପରେ ଆନ୍ଧ୍ରପ୍ରଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଇଡି କରୁଥିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ପିଲାଙ୍କ ସୁରକ୍ଷା ନେଇ ସଂଶୟରେ ପଡ଼ିଛନ୍ତି । ଏହି ଘଟଣାରେ ଓଡ଼ିଶା ସରକାର ମଧ୍ୟ ତ୍ୱରିତ ହସ୍ତକ୍ଷେପ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି ।

### ରାଜ୍ୟସଭାରେ 'ବନ୍ଦେ ମାତରମ୍' ଆଲୋଚନା

## ରାଷ୍ଟ୍ରକୁ ଜାଗ୍ରତ କରିଥିଲା 'ବନ୍ଦେ ମାତରମ୍': ମାନସ



ବନ୍ଦେ ମାତରମକୁ ମିଳୁ ସାମ୍ବିଧାନିକ ସ୍ୱୀକୃତି

ଭୁବନେଶ୍ୱର,୧୦।୧୨(ସମିସ): ଜାତୀୟ ଗୀତ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସଭାରେ ଅନୁଷ୍ଠିତ ହୋଇଛି ସ୍ୱତନ୍ତ୍ର ଆଲୋଚନା । ଏଥିରେ ଅଂଶଗ୍ରହଣ କରି ସାଂସଦ ମାନସ ମଙ୍ଗରାଜ ବନ୍ଦେ ମାତରମ୍‌କୁ ସାମ୍ବିଧାନିକ ସ୍ୱୀକୃତି ମିଳୁ ବୋଲି ନିଜର ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମର ଶବ୍ଦ ଗୁଚ୍ଛର ସମାହାର 'ବନ୍ଦେ ମାତରମ୍' ଏକ କବିତା ବା ଗୀତ ନୁହେଁ, ଏହା ହେଉଛି ଭାରତର ଜାଗରଣର ମନ୍ତ୍ର । ମହାତ୍ମା ଗାନ୍ଧୀ ଯଥାର୍ଥରେ କହିଥିଲେ ଯେ ସ୍ୱାଧୀନତା ସଂଗ୍ରାମ ଏବଂ ବନ୍ଦେ ମାତରମ୍ ପରସ୍ପର ପରିପୂରକ; ଅବିଚ୍ଛେଦ୍ୟ । ଏହି ଗୀତ କେବେ ଘୃଣା ଉଦ୍ରେକ କରିନଥିଲା; ବରଂ ଏହା ବଳିଦାନ, ଦେଶଭକ୍ତି ଓ ସ୍ୱାଧୀନତା ଆନ୍ଦୋଳନ ପାଇଁ ଅନୁପ୍ରେରଣା ସାଜିଥିଲା । ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ ସମୟରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହଠାରୁ ଆରମ୍ଭ କରି ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ, ଗୋପବନ୍ଧୁ ଦାସ ଏବଂ ମଧୁସୂଦନ ଦାସଙ୍କ ପର୍ଯ୍ୟନ୍ତ ଦେଶାତ୍ମବୋଧକ କାର୍ଯ୍ୟକଳାପ ଅବିସ୍ମରଣୀୟ । ୧୮୯୬ ମସିହା କଲିକତା କଂଗ୍ରେସ ଅଧିବେଶନରେ ଯେତେବେଳେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ପ୍ରଥମ ଥର ପାଇଁ ଏହି କବିତା ଗାନ କରିଥିଲେ, ସେତେବେଳେ ସମସ୍ତଙ୍କ ଆଖିରେ ଲୁହ ଆସି ଯାଇଥିଲା । ବଙ୍ଗଳାରୁ ଓଡ଼ିଶା, କଟକରୁ ପୁରୀ ପର୍ଯ୍ୟନ୍ତ; ସବୁଆଡ଼େ ଗୋଟିଏ ଧ୍ୱନି ପ୍ରକମ୍ପିତ ହେଉଥିଲା, ଯାହା ହେଲା ବନ୍ଦେ ମାତରମ । ୧୯୫୦ ମସିହା ଜାନୁଆରୀ ୨୪ ତାରିଖରେ ଡ. ରାଜେନ୍ଦ୍ର ପ୍ରସାଦ ଘୋଷଣା କରିଥିଲେ ଯେ ଜାତୀୟ ସଙ୍ଗୀତ ସହିତ ବନ୍ଦେ ମାତରମ୍‌କୁ ସମାନ ସମ୍ମାନ ମିଳିବ । ମାତ୍ର ୭୫ ବର୍ଷ ପରେ ମଧ୍ୟ ଏହାର ସାମ୍ବିଧାନିକ ସ୍ୱୀକୃତି ମିଳିନାହିଁ । ଏହି ଗୀତ ଭାରତର ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ କୃଷକ, ପ୍ରତ୍ୟେକ ସୈନିକ, ପ୍ରତ୍ୟେକ ଶିଶୁର ଗୀତ । ଯେପରି ଓଡ଼ିଆମାନେ ସଭ୍ୟତାଗତ ପରିଚୟକୁ ପ୍ରକାଶ କରିବା ପାଇଁ ଜୟ ଜଗନ୍ନାଥ କହନ୍ତି, ସେହିପରି ବନ୍ଦେ ମାତରମ୍ ହେଉଛି ଏକ ଏକୀକୃତ ସମାବେଶୀ ସଙ୍ଗୀତ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି । ଯେଉଁ ରାଷ୍ଟ୍ର ତାହାର ମୁକ୍ତି ଗୀତଗୁଡ଼ିକୁ ଭୁଲିଯାଏ, ସେହି ରାଷ୍ଟ୍ର ଏହାକୁ ନିର୍ମାଣ କରିଥିବା ବଳିଦାନଗୁଡ଼ିକୁ ଭୁଲିଯିବାର ଆଶଙ୍କା ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି ।

## ରାଜ୍ୟରେ ୧୧୧ ଏକଲବ୍ୟ ବିଦ୍ୟାଳୟରୁ ୪୭ କାର୍ଯ୍ୟକ୍ଷମ

### ବିଭିନ୍ନ ପର୍ଯ୍ୟାୟରେ ଜାରି ରହିଛି ୬୪ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ

ଭୁବନେଶ୍ୱର,୧୦ ।୧୨(ସମିସ): ଓଡ଼ିଶାରେ ମୋଟ କେତେ ସଂଖ୍ୟକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅନୁମୋଦନ ହୋଇଛି । ଏଥିମଧ୍ୟରୁ କେତୋଟି କାର୍ଯ୍ୟକ୍ଷମ ଓ ନିର୍ମାଣାଧୀନ ରହିଛି । ଯେଉଁଗୁଡ଼ିକ ନିର୍ମାଣାଧୀନ ରହିଛି, ଏହାକୁ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ହେବାର କାରଣ କ'ଣ ରହିଛି ବୋଲି ରାଜ୍ୟସଭାରେ ପ୍ରଶ୍ନ କରିଛନ୍ତି ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ । ଏହାସହିତ ଯେଉଁ ଏକଲବ୍ୟ ବିଦ୍ୟାଳୟଗୁଡ଼ିକ ରହିଛି, ସେଗୁଡ଼ିକରେ ଶିକ୍ଷକ କିମ୍ବା କର୍ମଚାରୀଙ୍କ ଅଭାବ ଅଛି କି ଏବଂ ରାଜ୍ୟରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାକ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ରାଜ୍ୟସଭାରେ ପ୍ରଶ୍ନ କରିଛନ୍ତି ସାଂସଦ ମାନସ ମଙ୍ଗରାଜ ।

ଏହାର ଉତ୍ତରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକ କହିଛନ୍ତି, ଓଡ଼ିଶା ପାଇଁ ମୋଟ୍ ୧୧୧ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ମଞ୍ଜୁର ହୋଇଛି । ଏଥି ମଧ୍ୟରୁ ୪୭ ଟି କାର୍ଯ୍ୟକ୍ଷମ ଥିବା ବେଳେ ବାକି ୬୪ ଟିର ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିଛି । ବିବାଦମୁକ୍ତ ଜମିର ଅନୁପଲବ୍ଧ, ଉପଯୁକ୍ତ ଗମନାଗମନ ଅଭାବ, ଭୌଗୋଳିକ ଆହ୍ୱାନ ଇତ୍ୟାଦି ରହିଛି ବୋଲି ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି । ସେହିପରି ଶିକ୍ଷକ ଓ କର୍ମଚାରୀଙ୍କ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, 'ଇଏମ୍‌ଆର୍‌ଏସ୍' କର୍ମଚାରୀ ଚୟନ ପରୀକ୍ଷା ଜରିଆରେ ୨୦୨୩ରେ ସର୍ବଭାରତୀୟ ସ୍ତରରେ ୧୦୩୯୧ଟି ପଦବୀରେ ସିଧାସଳଖ ନିଯୁକ୍ତି ପାଇଁ ଜାତୀୟ ଆଦିବାସୀ ଛାତ୍ର ଶିକ୍ଷା ସମିତି ପରୀକ୍ଷା କରିଥିଲା । ଏଥିରେ ମନୋନୀତ ଶିକ୍ଷକ ଓ ଅଣଶିକ୍ଷକମାନଙ୍କୁ ବିଭିନ୍ନ ଏକଲବ୍ୟ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଛି । ୭୨୬୭ ଟି ଶିକ୍ଷକ ଏବଂ ଅଣ-ଶିକ୍ଷକ ପଦବୀ ପୂରଣ ପାଇଁ ୨୦୨୫ରେ ମଧ୍ୟ ବିଜ୍ଞପ୍ତି ଜାରି ହୋଇଛି । ଏହାବ୍ୟତୀତ ରାଜ୍ୟ ସରକାରମାନଙ୍କୁ ମଧ୍ୟ ଡେପୁଟେସନ ଏବଂ ଆଉଟସୋର୍ସିଂ ଆଧାରରେ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ସାଙ୍ଗକୁ ଧନ୍ଦାମୂଳକ ତାଲିମ ଭଳି ବିଭିନ୍ନ ସୁବିଧା ରହିଛି । ବିଦ୍ୟାଳୟର ଅଧ୍ୟକ୍ଷ ତଥା ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ କର୍ମଶାଳା ମାନ ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ■ ପିଟିସିଏଲ ଓ ନାବାର୍ଡ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

## ଓପିଟିସିଏଲକୁ ୧,୬୮୫.୨୭ କୋଟି ଋଣ ପ୍ରଦାନ

### ରାଜ୍ୟ ପିଏସୟୁକୁ ନାବାର୍ଡ ଦ୍ୱାରା ପ୍ରଥମଥର ପାଇଁ ପ୍ରକଳ୍ପ ଆର୍ଥିକ ସହାୟତା

ଭୁବନେଶ୍ୱର, ୧୦।୧୨ (ସମିସ): ଓଡ଼ିଶାରେ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ଆଗକୁ ଆସିଛନ୍ତି ଓପିଟିସିଏଲ ଏବଂ ନାବାର୍ଡ । ବୁଧବାର ଉଭୟଙ୍କ ମଧ୍ୟରେ ଏକ ଦୀର୍ଘକାଳୀନ ଋଣ ଚୁକ୍ତିନାମା ସ୍ୱାକ୍ଷରିତ ଲୋକସେବା ଭବନରେ ହୋଇଛି । ଏହି ବୁଝାମଣାପତ୍ର ଅନୁଯାୟୀ ନାବାର୍ଡ ବାର୍ଷିକ ୭.୭୫ ପ୍ରତିଶତ ସୁଧ ହାରରେ ଓପିଟିସିଏଲକୁ ୧,୬୮୫.୨୭କୋଟି ଋଣ ପ୍ରଦାନ କରିଛି । ମୋଟ ଋଣ ପରିମାଣରୁ ୯୦୦କୋଟି ନୂତନ ବିଦ୍ୟୁତ୍ ପରିବହନ ପ୍ରକଳ୍ପ ପାଇଁ ବ୍ୟବହୃତ ହେବ । ବଳକା ପରିମାଣ ପୂର୍ବରୁ ହୋଇଥିବା ଉଚ୍ଚ-ମୂଲ୍ୟଯୁକ୍ତ ଋଣକୁ ସ୍ୱିଚ୍ କରିବା ପାଇଁ ବ୍ୟବହୃତ ହେବ । ଓଡ଼ିଶାରେ ପ୍ରଥମଥର ପାଇଁ କୌଣସି ରାଜ୍ୟ ପିଏସୟୁକୁ ନାବାର୍ଡ ଦ୍ୱାରା ପ୍ରକଳ୍ପ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହା ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ବିକାଶର ଧାରା ସୃଷ୍ଟି କରିବ ବୋଲି କୁହାଯାଇଛି । ବୁଝାମଣାପତ୍ର ସ୍ୱାକ୍ଷରିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ଓପିଟିସିଏଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କରଜ୍ୟୋତି ଶର୍ମା ଯୋଗଦେଇ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ । ଓପିଟିସିଏଲର ନିର୍ଦ୍ଦେଶକ(ଅର୍ଥ) ଏସ୍.କେ ସାହୁ ଏବଂ ନାବାର୍ଡର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ଭି.କେ ନାଗଙ୍କ ମଧ୍ୟରେ ଏହି ଚୁକ୍ତିନାମା ଆନୁଷ୍ଠାନିକ ଭାବରେ ଆଦାନପ୍ରଦାନ ହୋଇଥିଲା । ଓପିଟିସିଏଲ ଓ ନାବାର୍ଡର ଅନ୍ୟାନ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।

## ମୋବାଇଲ୍ କିଣିବାକୁ ଟଙ୍କା ନ ଦେବାରୁ ବାପାକୁ ଟାଙ୍ଗିଆ ଚୋଟ

ରାୟଗଡ଼ା, ୧୦ ।୧୨(ସମିସ): ମୋବାଇଲ କିଣିବା ପାଇଁ ଟଙ୍କା ନଦେବାରୁ ବାପାକୁ ଟାଙ୍ଗିଆରେ ହାଣି ହତ୍ୟା । ଏଭଳି ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କୈଳାସପୁର ପଞ୍ଚାୟତର ଲାଲିବା ଗାଁରେ । ମୃତକ ହେଲେ, ଭୀମ ଡାକ୍ରାକା(୫୭) । ଚାନ୍ଦିଲି ପୁଲିସ ଅଭିଯୁକ୍ତ ପୁଅକୁ ଗିରଫ କରିଛି । ପୁଲିସ ସୂଚନା ଅନୁଯାୟୀ, କୋଲନରା ବ୍ଲକ ଅନ୍ତର୍ଗତ କୈଳାସପୁର ପଞ୍ଚାୟତର ଲାଲିବା ଗାଁରେ ଗତରାତିରେ ଗାଁର ଭୀମ କାଡ୍ରାକାଙ୍କୁ ତାଙ୍କ ପୁଅ ଉଦୟ କାଡ୍ରାକା ମୋବାଇଲ ଫୋନ କିଣିବାକୁ ୧୦ ହଜାର ଟଙ୍କା ମାଗିଥିଲେ । ଭୀମ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ଉଦୟ ତାଙ୍କୁ ଏକ ଟାଙ୍ଗିଆରେ ହାଣି ଦେଇଥିଲା । ତାଙ୍କ ମୁଣ୍ଡ ସହ ଶରୀରର ବିଭିନ୍ନ ସ୍ଥାନକୁ ଟାଙ୍ଗିଆରେ ଚୋଟ ପକାଇଥିଲା । ଘଟଣାସ୍ଥଳରେ ହିଁ ଭୀମଙ୍କ ମୃତ୍ୟୁ ହୋଇଯାଇଥିଲା । ଆଜି ତାଙ୍କର ପତ୍ନୀ ଚମ୍ପା କାଡ୍ରାକା ଏନେଇ ଚାନ୍ଦିଲି ଥାନାରେ ଏତଲା ଦେବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ରାଜ୍ୟରେ ସ୍ଥାପନା ହେବ ଫର୍ଟିଲାଇଜର ପ୍ଲାଣ୍ଟ



ଭୁବନେଶ୍ୱର,୧୦।୧୨(ସମିସ): ରାଜ୍ୟରେ ସ୍ଥାପନ ହେବ ଫର୍ଟିଲାଇଜର୍ ପ୍ଲାଣ୍ଟ । ଇଣ୍ଟରନ୍ୟାସନାଲ ଫର୍ଟିଲାଇଜର୍ ଡେଭଲପମେଣ୍ଟ ସେଣ୍ଟର୍ ମଧ୍ୟ ଓଡ଼ିଶାରେ ନିଜର ପ୍ଲାଣ୍ଟ ସ୍ଥାପନ ପାଇଁ ଇଚ୍ଛା ପ୍ରକାଶ କରିଥିବା ବେଳେ ଏଥିପାଇଁ ଓଡ଼ିଶା ସରକାରଙ୍କ ସହଯୋଗ କାମନା କରିଛି । ଏହାଦ୍ୱାରା ରାଜ୍ୟରେ ଚାଷ ପାଇଁ ସାରର ଅଭାବ ପରିଲକ୍ଷିତ ହେବା ସହ ବଣ୍ଟନ ମଧ୍ୟ ସୁଚାରୁରୂପେ ହୋଇପାରିବ ବୋଲି ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବୈଠକରେ ଆଲୋଚନା ହୋଇଛି ।

ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍‌ସେନା ପ୍ରମୁଖ ଉପସ୍ଥିତ ରହି ରାଜ୍ୟରେ ସାର ଉତ୍ପାଦନ ନେଇ ଆଲୋଚନା କରିଥିଲେ । ଓଡ଼ିଶାର କୃଷି କ୍ଷେତ୍ରରେ ଆଖିଦୃଶିଆ ଉନ୍ନତି ହୋଇଥିବା ଏବଂ ଚାଷ ପ୍ରତି ଯୁବପିଢ଼ି ଅନୁଗାମୀ ହୋଇଥିବା କାରଣରୁ କୃଷି ଉଦ୍ୟୋଗୀ ମଧ୍ୟ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଓଡ଼ିଶା ସରକାରଙ୍କ ସହଜ ଓ ନିବେଶମୁଖୀ ନୀତି ଯୋଗୁଁ ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶା । ଓଡ଼ିଶା ସରକାରଙ୍କ ତରଫରୁ ଚାଷୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦିଆଯାଉଥିବାରୁ ବହୁ ଲୋକ ଏବେ ଚାଷକୁ ଆପଣେଇଲେଣି । ଅଣଧାନ ଫସଲଗୁଡ଼ିକ ମଧ୍ୟ ଖରିଫରେ ଧାନ ଫସଲ କରୁଛନ୍ତି । ଏହାର ସ୍ଥାୟୀ ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ଅଧିକ ପ୍ଲାଣ୍ଟ ସ୍ଥାପନା ନେଇ ଆଲୋଚନା ହୋଇଛି । ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଅଧ୍ୟାପିକାଙ୍କୁ ପ୍ରେମ ନିବେଦନ; ଅଧ୍ୟକ୍ଷ ଗିରଫ

ଖୋର୍ଦ୍ଧା, ୧୦।୧୨(ସମିସ): ନବନିଯୁକ୍ତ ଅଧ୍ୟାପିକାଙ୍କୁ ପ୍ରେମ ନବେଦନ କରିବା ସହ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ବୋଲଗଡ଼ ପୁଲିସ ପରମାନନ୍ଦ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାଶଙ୍କୁ ଗିରଫ କରିଛି । ଅଧ୍ୟାପିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଗିରଫ ଅଧ୍ୟକ୍ଷଙ୍କୁ କୋର୍ଟଚାଲାଣ କରିଛି । ଅଧ୍ୟକ୍ଷ ଶ୍ରୀ ଦାଶ ମହାବିଦ୍ୟାଳୟର ନବନିଯୁକ୍ତ ଜଣେ ଅଧ୍ୟାପିକାଙ୍କୁ ମୋବାଇଲରେ ବିଭିନ୍ନପ୍ରକାର ବାର୍ତ୍ତା ପଠାଇବା ସହ କଲେଜ୍‌ରେ କ୍ଲାସ କଲାବେଳେ ଫୋନ କରି ଭିଡିଓ କଲ କରିବାକୁ କହୁଥିଲେ । ଅଧ୍ୟାପିକାଜଣଙ୍କ ମାନସିକ ସ୍ତରରେ ଆଘାତ ପାଇ ନିଜ ବାପା ମା'ଙ୍କୁ ଜଣାଇବା ପରେ ତାଙ୍କ ବାପା ବୋଲଗଡ଼ ଥାନାରେ ଏତଲା ଦେବାରେ ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା । ଆଜି ଅଧ୍ୟକ୍ଷ ଶ୍ରୀ ଦାଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂଚନା ଦେଇଛି ।

## କଫ ସିରପ ବିରୋଧରେ ପୁଲିସ କଠୋର

ଭୁବନେଶ୍ୱର, ୧୦ ।୧୨(ସମିସ): ବେଆଇନ କଫ୍-ସିରପ ଚୋରା ଚାଲାଣ ବିରୋଧରେ କଠୋର୍ ହେଉଛି ଓଡ଼ିଶା ପୁଲିସ । ଗତ କିଛି ଦିନ ମଧ୍ୟରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ବିପୁଳ ପରିମାଣର କଫ୍-ସିରପ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି । ମୋଟ ୬୧ଟି ମାମଲାରେ ସଂପୃକ୍ତ ୧୮୧ ଜଣଙ୍କୁ ଗିରଫ କରିଛି ପୁଲିସ । ସେମାନଙ୍କଠାରୁ ମୋଟ ୭୩ ହଜାର ୧୮୧ ବୋତଲ କଫ-ସିରପ୍ ଜବତ କରାଯାଇଛି । ଏସଟିଏଫ୍ ଭୁବନେଶ୍ୱର ସର୍ବାଧିକ ୨୭ ହଜାର ୬୫୮ ବୋତଲ କଫ ସିରପ୍ ଜବତ କରି ଅଭିଯାନର ଆଗରେ ରହିଛି । ସମ୍ବଲପୁର ଜିଲ୍ଲା ପୁଲିସ ୧୩ଟି ମାମଲାରେ ୬୬ଜଣଙ୍କୁ ଗିରଫ କରି ୧୯ହଜାର ୯୦୮ ବୋତଲ କଫ-ସିରପ ଜବତ କରିଛି ।

## ବିଜେପି ପ୍ରଦେଶସ୍ତରୀୟ ସାଂଗଠନିକ କର୍ମଶାଳା




### ଆଗାମୀ ଦିନର ରୋଡ୍-ମ୍ୟାପ୍ ପ୍ରସ୍ତୁତ କଲା ବିଜେପି

ଭୁବନେଶ୍ୱର, ୧୦।୧୨ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣଲୋକଙ୍କ ପାଖରେ ପହଞ୍ଚାଇବା ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଂଗଠନ ସହ ସମନ୍ୱୟ କରି ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ବିଭିନ୍ନ ସମୟରେ ବିଜେପି ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ବୁଧବାର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହଛନ୍ତି । କର୍ମଶାଳା ସମ୍ପର୍କରେ ସୂଚନା ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଦେଶ ଓ ରାଜ୍ୟର ବିକାଶରେ କାର୍ଯ୍ୟକର୍ତ୍ତାଙ୍କ କିପରି ସହଯୋଗ ରହିବ, ସେ ସମ୍ପର୍କରେ ଆଜି ଆଲୋଚନା କରାଯାଇଥିଲା । ଏଥିରେ ରାଷ୍ଟ୍ରୀୟ ବିଜେପି ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ୍ ସନ୍ତୋଷ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ-ପ୍ରଭାରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବିଜେପିର ଆଗାମୀ ଦିନର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଥିଲେ । ଏଥିସହ ସଂଗଠନକୁ ଆହୁରି ମଜଭୁତ କରିବା ଉପରେ କର୍ମଶାଳାରେ ଆଲୋଚନା କରିଥିଲେ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ସମସ୍ତ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀ, ଜିଲ୍ଲା ସଭାପତିମାନେ ଯୋଗ ଦେଇଥିଲେ ।

# ସମ୍ପାଦକୀୟ



ଆଖିଆଗରେ ସମ୍ପୂର୍ଣ୍ଣ ଅନ୍ଧାର ଛାଇଯିବା ପରେ ହିଁ ତାରକାମାନେ ଦେଖାଯାଆନ୍ତି।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ THE SAKALA

## ମାଲକାନଗିରି ହିଂସାର ଦୁଇଧାର

ମାଲକାନଗିରି ଜିଲ୍ଲାରେ ଉପୁଜିଥିବା ଅମାନୁଷିକ ହିଂସାକାଣ୍ଡକୁ କେନ୍ଦ୍ରକରି ଯେଭଳି ପୋଡ଼ାଜଳା ଓ ଲୁଟତରାଜ ଚାଲିଲା ତାହାକୁ ଅନୁଧ୍ୟାନ କଲେ ମନେ ହୁଏ ଯେ ପ୍ରଶାସନିକ ପଦକ୍ଷେପରେ ଶିଥିଳତା ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଯେମିତି ମନେ ହେଉଛି ସବୁ ଅଘଟଣ ପରେ ପ୍ରଶାସନର ନିଦ ଭାଙ୍ଗିଛି। ତେଣିକି ସଶସ୍ତ୍ର ବାହିନୀ ମୁତୟନ, ସାନ୍ଧ୍ୟ ଆଇନ ଜାରି, ଇଣ୍ଟରନେଟ୍ ସେବା ବନ୍ଦ ଓ ସତର୍କତା ମୂଳକ ପଇଁତରା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଡିସେମ୍ବର ୪ ତାରିଖରେ ମୁଣ୍ଡବିହୀନ ଆଦିବାସୀ ମହିଳାଙ୍କ ଶବ ମିଳିବା ପରେ ୫ ଓ ୬ ତାରିଖରେ ପୁଲିସ ଓ ପ୍ରଶାସନ କରୁଥିଲା କ'ଣ? ଅନ୍ତତଃ ୩ ରୁ ୪ ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ଜେରା କରିଥିଲେ ଆଦିବାସୀଙ୍କ ପ୍ରଶାସନ ଉପରୁ ଭରସା ତୁଟିନଥା'ନ୍ତା। ଯେତେଦୂର ମନେହୁଏ ଆଦିବାସୀଙ୍କୁ ସଂଗଠିତ ହୋଇ ହିଂସାକାଣ୍ଡ ଭିଆଇବାର ପରୋକ୍ଷ ସୁଯୋଗ ଦିଆଯାଇଛି। କାରଣ ଆଦିବାସୀ ସଂଗଠନ ବୈଠକ ଓ ମେଲି ପାଇଁ ଚାଲିଥିବା ପ୍ରସ୍ତୁତି ସଂପର୍କରେ ପୁଲିସ ଯଥେଷ୍ଟ ପୂର୍ବରୁ ଅବଗତ ଥିଲା। ଏପରିକି ୭ ଓ ୮ ତାରିଖର ପୋଡ଼ାଜଳା ଓ ଲୁଟରାଜ ସମୟରେ ଘଟଣାସ୍ଥଳରେ ପୁଲିସ ଉପସ୍ଥିତ ଥିଲା। ଅବଶ୍ୟ ଆଦିବାସୀଙ୍କ ବିଶାଳ ମେଲି ନିକଟରେ ପୁଲିସର ଉପସ୍ଥିତି ନଗଣ୍ୟ। କିନ୍ତୁ ପରିସ୍ଥିତିର ଗୁରୁତ୍ୱକୁ ବିଚାର କରି ତୁରନ୍ତ ସଶସ୍ତ୍ର ବାହିନୀ ମୁତୟନ କରିବାରେ କିଛି ଅସୁବିଧା ନଥିଲା। ଏ ସମସ୍ତ ଘଟଣାକ୍ରମରୁ ଅଭିସନ୍ଧିର ଗନ୍ଧ ବାରି ହେଉଛି।

କୋରୁକୁଣ୍ଡା ବ୍ଲକ ଅଧୀନରେ ରଖେଲ୍‌ଗୁଡ଼ା ଓ ଏମ୍‌ଭି-୨୬ ଗାଁରେ ଯଥାକ୍ରମେ ଆଦିବାସୀ ଓ ବଙ୍ଗଳା ଭାଷାଭାଷୀ ଅବସ୍ଥାନ କରୁଛନ୍ତି। ଆଦିବାସୀ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଠାବ ହେବା ପରେ ହିଂସାକାଣ୍ଡ ଉପୁଜିଥିଲା। ୧୯୭୧ ରେ ଭାରତ-ପାକିସ୍ତାନ ଯୁଦ୍ଧ ଓ ନୂତନ ବାଂଲାଦେଶ ପ୍ରତିଷ୍ଠା ପ୍ରେକ୍ଷାପଟ୍ଟରେ କେନ୍ଦ୍ରସରକାର କିଛି ବାଂଲାଦେଶୀ ଶରଣାର୍ଥୀଙ୍କୁ ଦେଶରେ ସ୍ଥାୟୀ ଭାବେ ଥାଇଥାନ କରିବାକୁ ବାଧ ହୋଇଥିଲେ। ସେତେବେଳେ ଅବିଭାଜିତ କୋରାପୁଟ ଜିଲ୍ଲାରେ ସେମାନଙ୍କ ମଧ୍ୟରୁ କିଛି ପରିବାରଙ୍କୁ ଥଇଥାନ କରାଯିବା ସହ ଦଣ୍ଡକାରଣ୍ୟ ପ୍ରକଳ୍ପ ଆରମ୍ଭ ହୋଇଥିଲା। ସେମାନେ ତିନି ପିଢ଼ି ଧରି ସେଠାରେ ଅବସ୍ଥାନ କରୁଛନ୍ତି। ଏବର ସରକାର ଦେଶରୁ ବାଂଲାଦେଶୀଙ୍କୁ ତଡ଼ିବା ସକାଶେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହାର ପ୍ରତିଫଳନ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହେଲାଣି। ତେବେ ମାଲାକାନଗିରିରେ ଅବସ୍ଥାନ କରୁଥିବା ବଙ୍ଗଭାଷାଭାଷୀଙ୍କ ଇତିହାସକୁ ଅନୁଶୀଳନ କଲେ ସେମାନଙ୍କୁ ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇପାରିବନି। ତେବେ ଏକଥା ସତ୍ୟ ଯେ ସେମାନଙ୍କ ପ୍ରାଧାନ୍ୟ ଓ ପତିଆରା ଯାହା ସେଥିରେ ମୂଳ ଆଦିମ ଅଧିବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି। ସମୟ ବଦଳିବା ସହ କ୍ରମେ ସଚେତନ ହେଉଥିବା ଆଦିବାସୀ ସଂପ୍ରଦାୟ ବଙ୍ଗାଳୀଙ୍କ ଜୁଲମକୁ ବରଦାସ୍ତ କରିବା ଅବସ୍ଥାରେ ନାହାନ୍ତି। ତେଣୁ କ୍ରମେ ପ୍ରତିବାଦ ଓ ପ୍ରତିଶୋଧ ମୁଣ୍ଡ ଟେକୁଛି। ମାଲକାନାଗିରି ଜିଲ୍ଲାରେ ଉପୁଜିଥିବା ହିଂସାକାଣ୍ଡ ଓ ପୋଡ଼ାଜଳା କ'ଣ ତାହାର ପ୍ରତିଫଳନ? ବାଂଲାଦେଶୀଙ୍କୁ ଦେଶାନ୍ତର କରିବା ଆଳରେ ଉପରୋକ୍ତ ହିଂସାକାଣ୍ଡର ରଚନା କରାଯାଇନି ତ? ଏହି ପୃଷ୍ଠଭୂମିରେ ଏଭଳି କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ।

ମାଲାକାନଗିରି ପ୍ରସଙ୍ଗରେ ଆମେ ଉଭୟ ସରକାର ଓ ପ୍ରଶାସନକୁ ସତର୍କ କରାଇଦେବାକୁ ଚାହୁଁ ଯେ ନକ୍ସଲ୍‌ଙ୍କ ପ୍ରାଦୁର୍ଭାବ ଓ କାର୍ଯ୍ୟକଳାପ ଦୃଷ୍ଟିରୁ ଏହା ଏକ ସମ୍ବେଦନଶୀଳ ଜିଲ୍ଲା। ଆଦିବାସୀ ଓ ବଙ୍ଗଳା ଭାଷାଭାଷୀଙ୍କ ମଧ୍ୟରେ ବିଭେଦର ମଞ୍ଜି ବୁଣିଲେ ତାହା ଆଗାମୀ ଦିନରେ ମଣିପୁର ଭଳି ସ୍ଥିତି ଯେ ସୃଷ୍ଟି ନ କରିବ କିଏ କହିବ? ଏବେଠାରୁ ସତର୍କ ଓ ସଜାଗ ରହିବ ଆବଶ୍ୟକ।

## ସମ୍ଭାବନାର ସୂର୍ଯ୍ୟୋଦୟ

ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନଙ୍କ ଭାରତ ଗସ୍ତ ବିଶ୍ୱର ଭୂ-ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି। ଭାରତକୁ କୂଟନୈତିକ ସ୍ତରରେ ଏକପ୍ରକାର ଏକଘରିଆ କରିବାର ଯେଉଁ ପ୍ରୟାସ ହୋଇଥିଲା ତାହା ନୂଆଦିଲ୍ଲୀ-ମସ୍କୋ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଏବଂ ଦ୍ୱିପାକ୍ଷିକ ସହଯୋଗ ଫଳରେ ଦିଗ ହରାଇଛି। ବିଶେଷକରି ଆମେରିକାର ଭାରତ ପ୍ରତି ବାଣିଜ୍ୟ କୂଟନୀତି କ୍ରମେ ପ୍ରଶମିତ ହୋଇଆସୁଥିବା ଦେଖାଯାଉଛି। କେବଳ ଆମେରିକା ନୁହେଁ ୟୁରୋପୀୟ ମିତ୍ର ରାଷ୍ଟ୍ରଙ୍କୁ ଭାରତ ସହ ସୁସଂପର୍କ ପ୍ରତିଷ୍ଠା ସକାଶେ ଏକପ୍ରକାର ବାଧ୍ୟବାଧକତା ସୃଷ୍ଟି କରିଛି। ପରିବର୍ତ୍ତିତ ପରିସ୍ଥିତି ଓ ସେମାନଙ୍କ କଠୋର ଆଭିମୁଖ୍ୟରେ ପରିଲକ୍ଷିତ ଶିଥିଳତା ଦୃଷ୍ଟିରୁ ଆମକୁ ସେଥିରୁ ଫାଇଦା ଉଠାଇବାକୁ ହେବ। ଉଭୟ କୂଟନୀତି ଓ ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠାରେ ସାଲିସ ନୁହେଁ, ବରଂ ନରମ-ଗରମ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ। ଦକ୍ଷିଣ ଏସିଆରେ ଭାରତ ଯେ ଆମେରିକାର ଆଦର୍ଶ ଓ ବିଚାରଗତ ଦୃଷ୍ଟିରୁ ସ୍ୱାଭାବିକ ଭାଗୀଦାର, ଏହା ପୁଣିଥରେ ଟ୍ରମ୍ପଙ୍କୁ ମନେ ପକାଇ ଦେବାକୁ ହେବ।

ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ନଭେମ୍ବର ଶେଷ ସୁଦ୍ଧା ଭାରତ- ଆମେରିକା ବାଣିଜ୍ୟ ସଂପର୍କରେ ସ୍ୱାଭାବିକତା ଫେରିବ ବୋଲି ପ୍ରତିଶ୍ରୁତି ଦେଇ ଆସିଥିଲେ। ଆମ ବାଣିଜ୍ୟମନ୍ତ୍ରୀ ଆମେରିକାରେ ମାସ ମାସ ଧରି ଅବସ୍ଥାନ କରି ମଧ୍ୟସ୍ଥିଙ୍କ ଜରିଆରେ ଟାରିଫ ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିଲେ। ଅସଲରେ ଏକ୍ଷେତ୍ରରେ ସେଭଳି ଆଖିଦୃଶିଆ ଅଗ୍ରଗତି ହୋଇପାରୁ ନ ଥିଲା। ପୁଟିନଙ୍କ ଭାରତଗସ୍ତ ପରେ ସ୍ଥିତି ସୁଧୁରିବା ଆରମ୍ଭ କରିଛି। ଟ୍ରମ୍ପ ପ୍ରଶାସନ ଦ୍ୱାରା ପ୍ରସ୍ତୁତ ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଭାରତ ସହ ସୁସଂପର୍କକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ଆଭ୍ୟନ୍ତରୀଣ ଚାପ ଓ ବାଧ୍ୟବାଧକତା ଦୃଷ୍ଟିରୁ ଟାରିଫ ପ୍ରସଙ୍ଗରେ ଚୀନ ସହ ଆମେରିକା ସାଲିସ କରିଥିଲେ ମଧ୍ୟ ବିଶ୍ୱ ଅର୍ଥନୀତିରେ ବେଜିଂ ଯେ ତାହାର ପ୍ରତିଦ୍ୱନ୍ଦ୍ୱୀ ଏକଥା ଟ୍ରମ୍ପଙ୍କୁ ଅବୁଝା ନାହିଁ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତର ସହଯୋଗ ବିନା ଚୀନକୁ ରୋକିବା ଏତେ ସହଜ ନୁହେଁ। ତେଣୁ ଟ୍ରମ୍ପ ଏବେ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି। ପୁଟିନଙ୍କ ଭାରତଗସ୍ତକୁ କେନ୍ଦ୍ର କରି ଯେଉଁ ପରିବର୍ତ୍ତନର ପବନ ବୋହିବା ଆରମ୍ଭ କରିଛି ସେଥିରେ ଭାରତ ଉପରୁ ଟାରିଫ କଟକଣା ହଟିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ତେଣୁ ଆମେରିକାର ଦାବି ନିକଟରେ ମୁଣ୍ଡ ନ ନୁଆଁଇ ମୂଳଚାଲ କରିବାର ସମୟ ଏବେ ଉପସ୍ଥିତ।

ଆମେରିକାର ବାଣିଜ୍ୟ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ଭାରତୀୟ ପ୍ରତିପକ୍ଷଙ୍କ ସହ ଦୁଇଦିନିଆ ଆଲୋଚନା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ୟୁରୋପୀୟ ରାଷ୍ଟ୍ରସଂଘ ସହ ମୁକ୍ତ ବାଣିଜ୍ୟ ରାଜିନାମା ନେଇ ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ଉପସ୍ଥିତ। ତେଣୁ ଖୁବ୍‌ଶୀଘ୍ର ସମ୍ଭାବନାର ଏକ ନୂତନ ସୂର୍ଯ୍ୟୋଦୟକୁ ଆମେ ଅପେକ୍ଷା କରିବା।

## ମହିଳାକୈନ୍ଦ୍ରିକ ଆଇନ୍ ବ୍ୟବସ୍ଥା: ନ୍ୟାୟର ମହତ୍ତ୍ୱ ଓ ଦୁରୁପଯୋଗ

ସୌମ୍ୟ ରଞ୍ଜନ ଦାଶ

ବିଂଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଆଧୁନିକତା ମଧ୍ୟରେ ଭାରତୀୟ ସମାଜରେ ମହିଳା ଅଧିକାର, ଲିଙ୍ଗ ସମାନତା ଓ ସାମାଜିକ ନ୍ୟାୟର ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ଉଭା ହୋଇଛି। ଦୀର୍ଘ ଦଶନ୍ଧି ଧରି ମହିଳାମାନଙ୍କ ଉପରେ ହୋଇଆସୁଥିବା ଅନ୍ୟାୟ, ଅତ୍ୟାଚାର ଓ ପିତୃସତ୍ତାମୂଳକ ବ୍ୟବସ୍ଥାର ଚାପରୁ ମୁକ୍ତି ଦେବା ପାଇଁ ଭାରତୀୟ ସଂସଦ ଓ ନ୍ୟାୟ ବ୍ୟବସ୍ଥା ଅନେକ ମହିଳାକୈନ୍ଦ୍ରିକ ବିଶେଷ ଆଇନ ପ୍ରଣୟନ କରିଛନ୍ତି। ଯୌତୁକ ନିରୋଧ ଆଇନ, ଘରୋଇ ହିଂସା ଅଧିନିୟମ ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୮୫ (ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ହିଂସା) ଭଳି ଆଇନଗୁଡ଼ିକ ନିର୍ଯାତିତା ମହିଳାମାନଙ୍କୁ ଆଶ୍ରୟ, ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାରେ ବହୁବିଧ ସଫଳତା ଅର୍ଜନ କରିଛନ୍ତି। ଏହି ଆଇନ୍ ବ୍ୟବସ୍ଥା ଅନେକ ମହିଳାଙ୍କ ଜୀବନ ରକ୍ଷା କରିଛି, ସେମାନଙ୍କୁ ସମାଜରେ ସମ୍ମାନର ସହ ମୁଣ୍ଡ ଉଠାଇ ବଞ୍ଚିବାର ପ୍ରେରଣା ଦେଇଛି ଏବଂ ମହିଳା ସଶକ୍ତୀକରଣର ମୂଳଦୁଆ ପକାଇଛି।

ଏହି ଆଇନଗୁଡ଼ିକ ମହିଳା ସଶକ୍ତୀକରଣର ଏକ ଆଶୀର୍ବାଦ ଭାବରେ ସମାଜରେ ପ୍ରତିଷ୍ଠିତ ହେଲେ ହେଁ ସମାଜର ପ୍ରତିଟି ଦିଗ ଭଳି ନ୍ୟାୟିକ ବ୍ୟବସ୍ଥାରେ ମଧ୍ୟ ଏକ ବିଷମତା ଦୃଶ୍ୟମାନ ହେଉଛି। ଯେଉଁ ଆଇନ ନ୍ୟାୟ ଓ ସୁରକ୍ଷା ପାଇଁ ପ୍ରଣୀତ, ତାହାର ଦୁରୁପଯୋଗ ଏବେ ଏକ ଜାତୀୟ ଚିନ୍ତାର ବିଷୟ ହୋଇ ଉଭା ହୋଇଛି। ଦୁଇପଟିଆ ତରବାରୀ ଭଳି ଏହି ଆଇନଗୁଡ଼ିକ କେତେକ ସ୍ଥାନରେ ଶୋଷଣର ଅସ୍ତ୍ର ଭାବରେ ପରିଣତ ହୋଇଛି। ଅନେକ ମହିଳା ବୈବାହିକ ବିବାଦ, ସମ୍ପତ୍ତିଗତ କଳହ କିମ୍ବା ବ୍ୟକ୍ତିଗତ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଏହି କଠୋର ଆଇନଗୁଡ଼ିକୁ ମିଥ୍ୟା ଅଭିଯୋଗର ମାଧ୍ୟମ କରି ପୁରୁଷ ଏବଂ ତାଙ୍କର ସମଗ୍ର ପରିବାରକୁ ନ୍ୟାୟିକ ଚାପ ମଧ୍ୟକୁ ଟାଣି ଆଣୁଛନ୍ତି। ପରିଣାମସ୍ୱରୂପ ନିର୍ଦ୍ଦୋଷ ବୃଦ୍ଧ ଶଶୁର, ଶାଶୂ, ଏପରିକି ପରିବାରର ଅନ୍ୟ ଅଣ-ସମ୍ପୃକ୍ତ ସଦସ୍ୟମାନେ ମଧ୍ୟ ଅପରାଧୀର ମୁଖା ପିନ୍ଧିବାକୁ ବାଧ୍ୟ ହେଉଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଅନେକ ସମୟରେ ପୂର୍ବରୁ ଥିବା ଧାରା ୪୯୮-କ କୁ 'ଆଇନଗତ ଆତଙ୍କବାଦ' ଭାବରେ ଅଭିହିତ କରିଛନ୍ତି, ଯାହା ଏହି ସମସ୍ୟାର ଭୟାବହତାକୁ ସୂଚାଉଛି।

ଏହି ଆଇନଗୁଡ଼ିକର ଦୁରୁପଯୋଗ ଫଳରେ ଯେଉଁ ପରିବାରଗୁଡ଼ିକ ଭାଙ୍ଗିଯାଉଛି, ସେଠାରେ ଅର୍ଥ, ସମ୍ମାନ, ପେଶା ଓ ସାମାଜିକ ପରିଚୟ ସବୁକିଛି ନଷ୍ଟ ହୋଇଯାଉଛି। ବିଶେଷକରି ପୁଲିସ୍ ପ୍ରଶାସନ ଏହି ଆଇନଗୁଡ଼ିକର 'ଜାଣିହେବା ଯୋଗ୍ୟ' (କୋଗନିଜେବଲ୍) ଓ 'ଜାମିନବିହୀନ' (ନନ୍‌ବେଲେବଲ୍) ଆଦିର ଅପବ୍ୟବହାର କରି ସାମାନ୍ୟ ସନ୍ଦେହରେ ସମଗ୍ର ପରିବାରକୁ ଗିରଫ କରି ନେଉଛି। ଯେତେବେଳେ ନ୍ୟାୟ ପାଇଁ ତିଆରି ହୋଇଥିବା ଆଇନ ମିଥ୍ୟା ଅଭିଯୋଗର ଅସ୍ତ୍ର ହୋଇଯାଏ, ସେତେବେଳେ ସମାଜରେ ନ୍ୟାୟବୋଧ ଓ ବିଶ୍ୱାସର ମୂଳଦୁଆ ଦୋହଲିଯାଏ। ସମାନତାର ମୂଳ ଅର୍ଥ ହେଉଛି ନ୍ୟାୟ ଦୁଇ ପକ୍ଷକୁ ସମାନ ଭାବରେ ପ୍ରଦାନ କରିବା। ଆଇନ କେବଳ ମହିଳାଙ୍କୁ ଦୁର୍ବଳ ଓ ପୁରୁଷଙ୍କୁ ସବଳ ଭାବି ଲେଖାଯିବା ଉଚିତ୍ ନୁହେଁ।

ଆଧୁନିକ ଭାରତୀୟ ନ୍ୟାୟ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଭଳି ନୂତନ ଆଇନରେ ମଧ୍ୟ ମହିଳା ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ସଂଶୋଧିତ ଆଇନ ବଳରେ ଫାଷ୍ଟ ଟ୍ରାକ୍ କୋର୍ଟରେ ମାମଲା ଶୁଣାଣି, ଅଭିଯୋଗର ତୁରନ୍ତ ପଞ୍ଜୀକରଣ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦନ୍ତ ସମାପନ କରିବା ଭଳି ସୁବିଧା ମହିଳାମାନଙ୍କ ପାଇଁ ଏକ ବଳିଷ୍ଠ ପଦକ୍ଷେପ। କିନ୍ତୁ ଏହି ବିଶେଷ ସୁବିଧା ଓ ସୁରକ୍ଷା କେତେକଙ୍କ ଦ୍ୱାରା ଦୁରୁପଯୋଗ ହେଉଥିବାରୁ ଆଜି ସମାଜ ଏକ ଗୁରୁତର ଦ୍ୱନ୍ଦ୍ୱରେ ପଡ଼ିଛି: ମହିଳାଙ୍କୁ ସୁରକ୍ଷା ଦେବାକୁ ଯାଇ କ'ଣ ଆମେ ପୁରୁଷଙ୍କ ନ୍ୟାୟିକ ଅଧିକାରକୁ ଉଲ୍ଲଂଘନ କରୁଛୁ?

ଅତଏବ, ଆଜି ସମୟର ଆହ୍ୱାନ ହେଉଛି ମହିଳାମାନଙ୍କ ପାଇଁ ବିଶେଷ ଆଇନଗୁଡ଼ିକର ଆବଶ୍ୟକତା ସହିତ ତାହାକୁ ଲିଙ୍ଗ-ନିରପେକ୍ଷ କରିବାର ଆବଶ୍ୟକତାକୁ ସମାନ ଗୁରୁତ୍ୱରେ ବିଚାର କରିବା। ନ୍ୟାୟ କେବଳ ଲିଙ୍ଗଭିତ୍ତିରେ ନୁହେଁ, ବରଂ ପ୍ରମାଣ ଭିତ୍ତିରେ ପ୍ରଦାନ କରାଯିବା ଉଚିତ। ଆଇନର ପବିତ୍ରତା ବଞ୍ଚାଇବା ପାଇଁ କିଛି କଠୋର ପଦକ୍ଷେପ ନେବାକୁ ହେବ। ପ୍ରଥମତଃ, ଭାରତୀୟ ନ୍ୟାୟ ସଂହିତା ଧାରା ୮୫ ଭଳି ଆଇନକୁ 'ସମାଧାନ ଯୋଗ୍ୟ' (କମ୍ପାଉଣ୍ଡେବଲ୍) କରିବା ଏବଂ ମାମଲାର ପ୍ରାଥମିକ ତଦନ୍ତ ପରେ ହିଁ ଗିରଫ କରିବା ଉଚିତ୍। ଦ୍ୱିତୀୟତଃ, ଯେଉଁମାନେ ଜାଣିଶୁଣି ମିଥ୍ୟା ଅଭିଯୋଗ କରୁଛନ୍ତି, ସେମାନଙ୍କୁ କଠୋର ଦଣ୍ଡବିଧାନ ଦେବାର ବ୍ୟବସ୍ଥା ନିହାତି ଜରୁରୀ। ଏହିପରି ପଦକ୍ଷେପ ଦ୍ୱାରା ନ୍ୟାୟିକ ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରାଯାଇପାରିବ।

ମହିଳାମାନଙ୍କର ସୁରକ୍ଷା ଏବଂ ସଶକ୍ତୀକରଣ ଆମ ସମାଜର ଅନ୍ତିମ ଲକ୍ଷ୍ୟ। କିନ୍ତୁ ଏହି ସଶକ୍ତୀକରଣର ଅର୍ଥ କେବଳ ବିଶେଷ ସୁବିଧା ପ୍ରଦାନ କରିବା ନୁହେଁ, ବରଂ ପ୍ରକୃତ ନ୍ୟାୟ, ସମ୍ମାନ ଓ ସମତାକୁ ନିଶ୍ଚିତ କରିବା। ଯଦି ଆଇନର ତରାଜୁ ଗୋଟିଏ ପକ୍ଷରେ ଅଧିକ ଝୁଙ୍କିଯାଏ, ତେବେ ସାମାଜିକ ସନ୍ତୁଳନ ଭାଙ୍ଗିଯାଏ। ମହିଳା ଅଧିକାରର ରକ୍ଷା ଯେତିକି ଆବଶ୍ୟକ, ଆଇନର ଦୁରୁପଯୋଗକୁ ରୋକିବା ମଧ୍ୟ ସେତିକି ଅପରିହାର୍ଯ୍ୟ। ସମାଜ ଓ ନୀତି ନିର୍ଦ୍ଧାରକମାନେ ଏହି ଦୁଇଟି ପ୍ରସଙ୍ଗକୁ ସମାନ ଭାବରେ ଗୁରୁତ୍ୱ ଦେଇ ବୁଝିବା ଆବଶ୍ୟକ। ଗଣମାଧ୍ୟମ ଓ ରାଜନୈତିକ ଚର୍ଚ୍ଚାରେ କେବଳ ମହିଳା ଅତ୍ୟାଚାରର କଥା ନ ରହି ଆଇନର ଅପବ୍ୟବହାର ଉପରେ ମଧ୍ୟ ସଂଗଠିତ ଆଲୋଚନା ହେବା ଉଚିତ୍। ମହିଳାକୈନ୍ଦ୍ରିକ ବିଧି ବ୍ୟବସ୍ଥା ଏକ ଆଶୀର୍ବାଦର ମହତ୍ତ୍ୱ ବହନ କରୁଥିବା ବେଳେ ଏହାର ଦୁରୁପଯୋଗ ଏକ ଅଭିଶାପର ଆକାର ନେଉଛି - ଏହି ସତ୍ୟକୁ ଅବହେଳା କରିବା ସମାଜ ପାଇଁ କ୍ଷମାଯୋଗ୍ୟ ହେବନାହିଁ। ନ୍ୟାୟିକ ବ୍ୟବସ୍ଥାକୁ ସମତାର ପଥରେ ଆଣିବା ଆଜିର ମୌଳିକ ଆବଶ୍ୟକତା।

ନ୍ୟାୟିକ ବ୍ୟବସ୍ଥାର ସଠିକ୍ ବ୍ୟବହାର ନିଜର ସମାଜରେ ନିର୍ବିକଳ୍ପ ଭରସା ଓ ଶାନ୍ତି ସୃଷ୍ଟି କରେ। ଯଦି ଆଇନର ଦୁରୁପଯୋଗ ହୁଏ, ତେବେ ଏହା ପ୍ରତ୍ୟେକ ପକ୍ଷର ନ୍ୟାୟିକ ଅଧିକାରକୁ ଅଲଙ୍ଘ୍ୟ କରି ଦେଇଥାଏ, ଯାହା ସମାଜରେ ନ୍ୟାୟବୋଧକୁ ଶିଥିଳ କରିଥାଏ। ଏହି ଅପବ୍ୟବହାରକୁ ରୋକିବା ପାଇଁ ଦରକାର ସଂବେଦନଶୀଳ ନୀତି ଓ ନ୍ୟାୟିକ ପୁନଃସଂରଚନା, ଯାହା ମିଥ୍ୟା ଅଭିଯୋଗକୁ ଶୀଘ୍ର ନିରାକରଣ କରି ପ୍ରକୃତ ଅଭିଯୁକ୍ତ ଓ ନିର୍ଦ୍ଦୋଷଙ୍କୁ ସମୟୋପଯୁକ୍ତ ନ୍ୟାୟ ପ୍ରଦାନ କରେ। ଏହି ପଦକ୍ଷେପ ମାଧ୍ୟମରେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ସହ ପୁରୁଷଙ୍କର ନ୍ୟାୟିକ ଅଧିକାରକୁ ମଧ୍ୟ ସମତୁଳିତ ରଖାଯାଏ। ସମନ୍ୱିତ ଓ ନୀତିଗତ ଆଇନ ବ୍ୟବସ୍ଥା ଦ୍ୱାରା ସମାଜରେ ନ୍ୟାୟ ଓ ଆସ୍ଥାକୁ ମଜବୁତ କରି, ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ମୂଲ୍ୟବାନ ପରିବେଶ ସୃଷ୍ଟି କରାଯାଏ।

ଶେଷତଃ, ଏହି ମହିଳାକୈନ୍ଦ୍ରିକ ନ୍ୟାୟିକ ବ୍ୟବସ୍ଥା ଅଭିଶାପ ନା ଆଶୀର୍ବାଦ? ଉତ୍ତର ଏକାଧାରରେ ଦେବା କଠିନ। ଯେଉଁଠାରେ ଏହା ଅସଂଖ୍ୟ ମହିଳାଙ୍କୁ ରକ୍ଷା କରୁଛି, ସେଠାରେ ଏହାର ଦୁରୁପଯୋଗ ଅନ୍ୟାୟ ସୃଷ୍ଟି କରୁଛି। ତେଣୁ ଆଇନ ସମତୁଳିତ, ନିଷ୍ପକ୍ଷ ଓ ପ୍ରମାଣ ଆଧାରିତ ହେବା ଉଚିତ। ତେବେ ଯାଇ ମହିଳା କୈନ୍ଦ୍ରିକ ଆଇନ ସମାଜ ପାଇଁ ଆଶୀର୍ବାଦ ହେବ। ଯେଉଁଠି ମହିଳାଙ୍କୁ ସୁରକ୍ଷା ମିଳିବ, ପୁରୁଷଙ୍କୁ ମଧ୍ୟ ନ୍ୟାୟ ପ୍ରାପ୍ତ ହେବ, ସେହିଦିନ ହିଁ ଏହି ବିଧିବ୍ୟବସ୍ଥା ପ୍ରକୃତ ଆଶୀର୍ବାଦ ଭାବରେ ସମାଜରେ ପ୍ରତିଷ୍ଠିତ ହେବ। ନ୍ୟାୟ କେବଳ ଗୋଟିଏ ଲିଙ୍ଗର ନୁହେଁ, ସମସ୍ତଙ୍କର ହେବା ଉଚିତ୍।

ଯାଜପୁର, ମୋ: ୮୮୯୫୯୫୨୩୧୫

## ସଞ୍ଚାର ସାଥୀ: ଆଶା ଓ ଆଶଙ୍କା

ଇଂ ମାୟାଧର ସ୍ୱାଇଁ

ମୋବାଇଲ ଫୋନରେ ଗୋଟିଏ ନୂତନ 'ଆପ୍' 'ସଞ୍ଚାର ସାଥୀ'ର ପ୍ରଚଳନକୁ ନେଇ କିଛିଦିନ ଧରି ଦେଶରେ ହଟଚମଟ ଲାଗି ରହିଛି। ଏହାକୁ ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ପ୍ରସ୍ତୁତ କରିଛି ଏବଂ ଭାରତରେ ନିର୍ମାଣ କରୁଥିବା ତଥା ବିକ୍ରି କରୁଥିବା ସମସ୍ତ ଫୋନ କମ୍ପାନୀଗୁଡ଼ିକୁ ଏହାକୁ ଫୋନରେ ପ୍ରତିଷ୍ଠା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଫୋନ ବିକ୍ରି କରିବା ପୂର୍ବରୁ ଏହା କରିବା ପାଇଁ କୁହାଯାଇଥିଲା ଏବଂ ଏହାକୁ ବ୍ୟବହାରକାରୀମାନେ ଯେପରି ଫୋନରୁ ବାହାର କରି ପାରିବେ ନାହିଁ, ତାହାର ବ୍ୟବସ୍ଥା କରିବା ପାଇଁ ମଧ୍ୟ କୁହାଯାଇଥିଲା। ଏହାକୁ କେତେକ ମୋବାଇଲ କମ୍ପାନୀ ବିରୋଧ କଲେ। ଏହା ମଧ୍ୟ ରାଜନୀତିର ଏକ ଅଂଶ ହୋଇଗଲା। ବିରୋଧୀ ଦଳଗୁଡ଼ିକର ବିରୋଧ ଓ ହଙ୍ଗାମା ଯୋଗୁଁ ସରକାର ଏହି ନିର୍ଦ୍ଦେଶନାମାକୁ ଆଂଶିକ ଭାବେ ପ୍ରତ୍ୟାହାର କରି ନେଇଛନ୍ତି ଏବଂ ଏହି 'ଆପ୍' ବ୍ୟବହାର କରିବା ବ୍ୟବହାରକାରୀମାନଙ୍କ ଇଚ୍ଛାଧୀନ ବୋଲି ପ୍ରକାଶ କରିଛନ୍ତି।

ଏହି 'ଆପ୍'ର ଗୁରୁତ୍ୱ କ'ଣ? ଏହାକୁ କାହିଁକି ସରକାର ପ୍ରଚଳନ କରିବାକୁ ଚାହୁଁଛନ୍ତି ଏବଂ କାହିଁକି ଏହାକୁ କେତେକ ବିରୋଧ କରୁଛନ୍ତି? ମୋବାଇଲ ଫୋନ ଆଜିକାଲି ପ୍ରାୟ ପ୍ରତ୍ୟେକଙ୍କ ପାଖରେ ଅଛି। ରାସ୍ତାଘାଟ କିମ୍ବା ବଜାରରେ ଏହାକୁ ଚୋରମାନେ ଛଡ଼ାଇନେବାର ଅନେକ ଘଟଣା ସାମ୍ନାକୁ ଆସୁଛି ଏବଂ ଘର ଭିତରୁ ମଧ୍ୟ ଚୋରି ହେଉଛି। ଭାରତରେ ବର୍ତ୍ତମାନ ପ୍ରାୟ ୧୨୦ କୋଟି ମୋବାଇଲ ଫୋନ ବ୍ୟବହାରକାରୀ ଅଛନ୍ତି ଏବଂ ଫୋନ ଚୋରି ଓ




ସାଇବର ଅପରାଧ ଏକ ସାଧାରଣ ଘଟଣା ହୋଇଛି। ଏହି ନୂଆ 'ଆପ୍'ରେ ଏହାର ପ୍ରତିକାର ବ୍ୟବସ୍ଥା ଅଛି। ବ୍ୟବହାରକାରୀମାନେ ସେମାନଙ୍କର ହଜି ଯାଇଥିବା କିମ୍ବା ଚୋରି ହୋଇଯାଇଥିବା ଫୋନକୁ ଏହି 'ଆପ୍' ମାଧ୍ୟମରେ ବ୍ଲକ କରିବା ପାଇଁ ଜଣାଇପାରିବେ ଏବଂ ଭାରତୀୟ ଟେଲିକମ୍ ନେଟୱାର୍କ ଏହାକୁ ଚବିଶ ଘଣ୍ଟା ମଧ୍ୟରେ ବ୍ଲକ କରିଦେବ। ଫୋନ କେଉଁଠାରେ ଅଛି ଜଣାପଡ଼ିଲେ, ତାହା ମଧ୍ୟ ଏସ୍‌ଏମ୍‌ଏସ୍ ଜରିଆରେ ବ୍ୟବହାରକାରୀଙ୍କୁ ଜଣାଇ ଦିଆଯିବ। ଯୋଗାଯୋଗ ମନ୍ତ୍ରାଳୟର ସୂଚନା ଅନୁଯାୟୀ ଏହି 'ଆପ୍' ଯୋଗୁଁ ଏହି ବର୍ଷ ଜାନୁଆରି ମାସରେ ଏହାର ପ୍ରଚଳନ ପରଠାରୁ ସାତ ଲକ୍ଷରୁ ଅଧିକ ଫୋନକୁ ଉଦ୍ଧାର କରାଯାଇପାରିଛି।

ଜଣେ ବ୍ୟକ୍ତିଙ୍କ ନାମରେ କେତୋଟି ମୋବାଇଲ ସଂଯୋଗ ପଞ୍ଜୀକରଣ ହୋଇଛି, ତାହା 'ସଞ୍ଚାର ସାଥୀ' 'ଆପ୍' ଜରିଆରେ ଜଣାପଡ଼ିବ। ଭାରତ ସରକାରଙ୍କ ନିୟମ ଅନୁଯାୟୀ ଜଣେ ଭାରତୀୟ ସମସ୍ତ ଟେଲିକମ୍ କମ୍ପାନୀରୁ ସର୍ବାଧିକ ନଅଟି ସଂଯୋଗ ନେଇପାରିବ। ଜାମ୍ମୁ ଓ କାଶ୍ମୀର ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଏହାର ସର୍ବୋଚ୍ଚ ସୀମା ହେଉଛି ଛଅ। ପୁନଶ୍ଚ ଜଣେ ବ୍ୟକ୍ତିଙ୍କ ଅଜାଣତରେ ତାଙ୍କ ନାମରେ ଯଦି କେହି ଜଣେ ମୋବାଇଲ ଫୋନ୍ ସଂଯୋଗ ନିଏ, ତାହା ମଧ୍ୟ ଏହି 'ଆପ୍'ରୁ ଜଣାପଡ଼େ। ମୋବାଇଲ ଫୋନ୍‌ରେ ଅନେକ ସନ୍ଦେହଜନକ ବାର୍ତ୍ତା ଆସୁଛି, ଯାହା ଠକାମି, ସାଇବର ଅପରାଧ କିମ୍ବା ଆର୍ଥିକ ସ୍କାମ୍ ହୋଇପାରେ। ଅନେକ ବ୍ୟକ୍ତି ଏହାର ଶିକାର ହୋଇ ନିଜର କଷ୍ଟାର୍ଜିତ ଅର୍ଥ ହରାଉଥିବାର ଖବର ପ୍ରାୟ ପ୍ରତ୍ୟେକ ଦିନ ସମ୍ବାଦପତ୍ରରେ ଦେଖିବାକୁ ମିଳେ। ଅନେକ ସମୟରେ କେତେକ ଦୁଷ୍ଟ ଲୋକ ଅଯଥାରେ ହଇରାଣ କରିଥା'ନ୍ତି। ସଞ୍ଚାର ସାଥୀ 'ଆପ୍'ରେ ଥିବା 'ଚକ୍ଷୁ' ନାମକ ଫିଚର ଦ୍ୱାରା ଏହି କାଳ୍ପନିକ ଓ ଅନଧିକୃତ ଫୋନ ବାର୍ତ୍ତାକୁ ଚିହ୍ନଟ କରାଯାଇପାରିବ। ଦେଶ ବାହାରୁ ମଧ୍ୟ ଅନେକ ଫୋନ ଆସୁଛି, ଯାହା ଦେଶ ଭିତରୁ ଆସିବା ଭଳି ଜଣାପଡ଼େ। ଅର୍ଥାତ୍ ସେମାନେ ଭାରତୀୟ କୋଡ ବ୍ୟବହାର କରିଥା'ନ୍ତି। ଏହା ମଧ୍ୟ ଠକାମିର ଏକ ଉପାୟ ଏବଂ ଦେଶର ନିରାପତ୍ତା ସହିତ ଏହା ଜଡ଼ିତ ଅଛି। ଏହା ଏହି 'ଆପ୍' ଦ୍ୱାରା ଧରାପଡ଼ିବ। ଆମେ କିଣୁଥିବା ମୋବାଇଲ ଫୋନ ଅସଲି ନା ନକଲି ତାହା ମଧ୍ୟ ଏହି 'ଆପ୍'ରୁ ଜଣାପଡ଼ିଥାଏ।

ଏହିସବୁ ସୁବିଧାଗୁଡ଼ିକୁ ଦେଖିଲେ 'ସଞ୍ଚାର ସାଥୀ' ଏକ ଉତ୍ତମ 'ଆପ୍' ବୋଲି ବିବେଚନା କରିବା ଉଚିତ। ତାହା ହେଲେ ଏହାର ବିରୋଧ କାହିଁକି କରାଯାଉଛି? ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ମାନବ ଉପଯୋଗୀ ବ୍ୟବହାର ସହିତ କେତେକ ବ୍ୟକ୍ତି ଏହାର ଦୁରୁପଯୋଗ ମଧ୍ୟ କରିଥା'ନ୍ତି। ଏହି 'ଆପ୍' ବ୍ୟବହାର କରି ଟେଲିଫୋନ ନେଟୱାର୍କ ଫୋନ ବ୍ୟବହାରକାରୀର ବ୍ୟକ୍ତିଗତ ତଥ୍ୟକୁ ଜାଣିପାରିବ ଏବଂ ଚାହିଁଲେ ଏହାକୁ ଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବ। ବିରୋଧୀମାନେ ଏହି ଅପବ୍ୟବହାରର ଆଶଙ୍କା କରୁଛନ୍ତି। ବାସ୍ତବରେ ଅପବ୍ୟବହାର ହେଲେ ଏହା ସାଙ୍ଘାତିକ ହେବ। ମୋବାଇଲ ଫୋନରେ ଜଣଙ୍କର ବ୍ୟାଙ୍କ ଆକାଉଣ୍ଟ, ବିଭିନ୍ନ ଆୟ ବ୍ୟୟ, ବ୍ୟବସାୟ ହିସାବ ସମେତ ଅନେକ ବ୍ୟକ୍ତିଗତ ତଥ୍ୟ ଥାଏ, ଯାହାକୁ ଚାହିଁଲେ ଜଣେ ସୁବିଧାରେ ନେଇପାରିବ। ଉଲ୍ଲେଖନୀୟ ଯେ ଅନ୍ୟ କେତେକ ଦେଶରେ ମଧ୍ୟ ମୋବାଇଲ ଫୋନରେ ଏହି ପ୍ରକାର 'ଆପ୍' ବ୍ୟବସ୍ଥା ଅଛି। ମାତ୍ର ତାହାର ବ୍ୟବହାର ବାଧ୍ୟତାମୂଳକ ନାହିଁ। ଜଣେ ଚାହିଁଲେ ଏହାକୁ ଉପଯୋଗ କରିପାରିବ।

ନେତା, ଜନସାଧାରଣ ଓ ମୋବାଇଲ ଫୋନ କମ୍ପାନୀଗୁଡ଼ିକର ବିରୋଧ ଯୋଗୁଁ ଶେଷରେ ସରକାର 'ସଞ୍ଚାର ସାଥୀ' 'ଆପ୍'କୁ ନେଇ ଏକ ମାଧ୍ୟମ ପନ୍ଥା ବାହାର କରିଛନ୍ତି। ଏହାକୁ ବ୍ୟବହାରକାରୀର ଉଚ୍ଛାଧୀନ ରଖାଯାଇଛି। ଜଣେ ଚାହିଁଲେ ସେ ଫୋନରୁ ଏହି 'ଆପ୍'କୁ ବାହାର କରିପାରିବ। ବାହାର ନ କଲେ ମଧ୍ୟ ଜଣେ ଏହାକୁ ବ୍ୟବହାର କରିବାକୁ ନ ଚାହିଁଲେ ପଞ୍ଜିକରଣ କରିବା ଆବଶ୍ୟକ ନାହିଁ। ଏହାକୁ ପଞ୍ଜିକରଣ କରିବା ପରେ ହିଁ ଏହା ସକ୍ରିୟ ହେବ। ମୋଟାମୋଟି ଭାବେ କହିଲେ ଜଣେ ବ୍ୟବହାରକାରୀ ସବୁଦିଗରୁ ବିଚାର କରି ନିଜ ନିଷ୍ପତ୍ତି ନିଜେ ନେବ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଅମୃତର ସ୍ରୋତସ୍ୱତୀ: ଗୋପୀନାଥ ମହାନ୍ତି

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଲେଖିବାର ଅର୍ଥ ଯଦି ହୁଏ ମଣିଷକୁ ରୂପାନ୍ତରିତ କରିଦେବା, ତା'ହେଲେ ଗୋପୀନାଥ ମହାନ୍ତିଙ୍କ ମରମୀ ପାଠକମାନେ ପରିବର୍ତ୍ତିତ ହୋଇଯା'ନ୍ତି ଏକ ଏକ ଆଦିବାସୀ ଚରିତ୍ରରେ। ସେମାନେ ଯେ 'ପରଜା' ବା 'ଅମୃତର ସନ୍ତାନ' ଉପନ୍ୟାସର ପାଠକ ପାଠିକା ମାତ୍ର, ଏହା କ୍ଷଣକ ମଧ୍ୟରେ ହୋଇଯାଆନ୍ତି ବିସ୍ମୃତ। ନିଜ ଜୀବନର ସବୁ କୃତ୍ରିମ ଆଟୋପ ଆଡ଼ମ୍ବର ତ୍ୟାଗ କରିଦେଇ ଅକପଟ ଅନ୍ତରରେ ଏକୀଭୂତ ହୋଇଯାଆନ୍ତି ସବୁଜ ଶ୍ୟାମଳ ସୌନ୍ଦର୍ଯ୍ୟ ସହିତ। ତଳେ ଦର୍ତନି, ଉପରେ ଦର୍ମୁ। ଗିରି ନିର୍ଝରିଣୀରେ ସ୍ନାନ କରିବାରେ, ନିବିଡ଼ ଅରଣ୍ୟ ମଧ୍ୟରେ ବାଟବଣା ହୋଇଯିବାରେ, ଅଜଣା ଫୁଲର ମହକରେ କି ଯାଦୁ! ନୀଳ ଆକାଶବକ୍ଷରେ ହଜିଯିବାରେ କି ଅମାପ ରୋମାଞ୍ଚ! ଉପନ୍ୟାସରେ ଚିତ୍ରିତ ଚରିତ୍ର ସବୁ ନିଜ ନିକଟ ଆତ୍ମୀୟସ୍ୱଜନଙ୍କଠାରୁ କାହିଁ କେତେ ଅଧିକ ଗୁଣରେ ମନେ ହୁଅନ୍ତି ଅତ୍ୟନ୍ତ ଆପଣାର। ପର୍ବତ ଢାଲୁର ଶରଣ୍ଡପଦର ଗାଁ, ଶୁକ୍ରୁଜାନି, ମାଣ୍ଡିଆ ଜାନି, 'ଅମୃତର ସନ୍ତାନ'ରେ ସରବୁ ସାଓଁତା, ପୁୟୁ 'ଶିବ ଭାଇ' ଉପନ୍ୟାସର ଅପା, 'ମାଟି ମଟାଳ'ର ସିନ୍ଧୁ ଚୌଧୁରୀ- କିଏ ବା ଛାତି ଭିତରେ ଘର କରିନାହାନ୍ତି!

ସୁବୃହତ 'ମାଟିମଟାଳ', ଯେଉଁଥିପାଇଁ ଓଡ଼ିଶା ଲାଭକଲା ପ୍ରଥମ ଜ୍ଞାନପୀଠ ପୁରସ୍କାର; ସେଠୁ ଯାଇ କ୍ଷୁଦ୍ରତମ ଉପନ୍ୟାସ 'ଜାନକାମ୍ଲା 'ପର୍ଯ୍ୟନ୍ତ ଦରଦୀ ପାଠକଟିଏ ପାଇଁ ସବୁକିଛିରେ ସଂଚିତ ହୋଇ ରହିଛି ଜୀବନାନୁଭୂତିର ବିବିଧ ବୈଚିତ୍ର୍ୟ। 'ଲୟ ବିଲୟ', 'ରାହୁର ଛାୟା', 'ଶରତ ବାବୁଙ୍କ ଗଳି', 'ଆକାଶ ସୁନ୍ଦେରୀ' ଆଦି କେତେ ଉପନ୍ୟାସ! ଭାବି ହୁଏ ନାହିଁ। ଚରିତ୍ରମାନେ ତାଙ୍କ ଭିତରକୁ ଅଧିକାର କରି ନିଅନ୍ତି। ସେ ଅନୁଭବ ବାସ୍ତବିକ ଅତୀନ୍ଦ୍ରିୟ। କଥାଶିଳ୍ପୀର ସମସ୍ତ ଶୈଳ୍ପିକ ସିଦ୍ଧି ସେଇଠି ହିଁ ହୁଏ ସାର୍ଥକତା ମଣ୍ଡିତ, ଯେଉଁଠି କ୍ଲେଦାକ୍ତ ପୃଥିବୀ ପ୍ରତି ଆଉ ଦୁଃଖ ନିପୀଡ଼ିତ ଜୀବନ ପ୍ରତି ମମତାମଗ୍ନ ପାଠକ ହୃଦୟ ଅପୂର୍ବ ଆବେଗରେ ହୋଇଉଠେ କମ୍ପିତ। ଜୀବନର ପୂର୍ଣ୍ଣତା ପାଇଁ ନୁହେଁ, ଶୂନ୍ୟତା ସକାଶେ ବି ସେ ରହିପାରେ କୃତଜ୍ଞଚିତ୍ତ।

ଗୋପୀନାଥ ମହାନ୍ତିଙ୍କୁ 'ଲେଖା ମାଡୁଥିଲା', କାଳିସୀ ଲାଗୁଥିଲା। ଏକଥା ଓଡ଼ିଆ ସାହିତ୍ୟରେ ସେ ହିଁ ବ୍ୟକ୍ତ କଲେ ପ୍ରଥମେ। ଯାହାକୁ ଲେଖା ମାଡ଼େ, ତା'ର ଆଉ କ'ଣ ଆଶଙ୍କା ଥାଏ? ସବୁ ବାଦ, ବିସମ୍ବାଦ, ସବୁ ସାମାଜିକ ଭେଦଭାବ, ସମସ୍ତ ନୀତି-ନିର୍ଣ୍ଣିତ ରେଖାକୁ ସେ ଲଂଘନ କରିଯାଏ ଅନ୍ତର୍ନିହିତ ସତ୍ୟାଲୋକରେ ସମୁଦ୍ଭାସିତ ହୋଇ। ଗୋପୀନାଥ ଯେପରି ଜାଣନ୍ତି ବଳୀଦତ୍ତ ପରି ଉଚ୍ଚାଭିଳାଷୀ ମଣିଷର ଚାରିତ୍ରିକ ସ୍ଖଳନକୁ, ସେପରି ଜାଣନ୍ତି ସ୍ୱାମୀ-ପ୍ରତ୍ୟାଖ୍ୟାତା ପୁୟୁର ପ୍ରାଣପୀଡ଼ା। ସମସ୍ତ ଦୁଃଖ, ଜରା, ବ୍ୟାଧି, ମୃତ୍ୟୁ ମଧ୍ୟରେ ନିରନ୍ତର ବାଟ ଚାଲିବା ଯେ ଜୀବନ ଆଉ ଏହା ପୁଣି ହୋଇପାରେ ସ୍ୱାଦପୂର୍ଣ୍ଣ, ତାହା ଲେଖିଦେବାକୁ ଗୋପୀନାଥ ଅନ୍ତର୍ଦେବତାଙ୍କ ଆଦେଶପ୍ରାପ୍ତ। ଜୀବନର ପ୍ରତିଟି ମୁହୂର୍ତ୍ତ ଯେ ଅନନ୍ତ ସମ୍ଭାବନାର ସୁଷମାନ୍ୱିତ ସଂକେତ- ଏହା ଦୃପ୍ତ ଆସ୍ଥାଶୀଳତା ନେଇ ବର୍ଣ୍ଣନା କରିଛନ୍ତି ଗୋପୀନାଥ।

ଉପନ୍ୟାସ ବ୍ୟତୀତ ସେ ଲେଖିଛନ୍ତି ଅନେକ ଗଳ୍ପ। ଗଦବା, ସଉରା, କନ୍ଧ, ଯୁଆଙ୍ଗ ଆଦି ଆଦିବାସୀ ଭାଷା ଓ ଲୋକକଥାକୁ ନେଇ ସେ ରଚନା କରିଛନ୍ତି ଅନେକ ପୁସ୍ତକ। ଅନୁବାଦକ ଭାବରେ ମଧ୍ୟ ତାଙ୍କ ଭୂମିକା କି ମହତ୍ତ୍ୱମଣ୍ଡିତ! ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି', ମ୍ୟାକସିମ ଗର୍କୀଙ୍କ 'ମୋ ବିଶ୍ୱବିଦ୍ୟାଳୟ', ରବୀନ୍ଦ୍ରନାଥଙ୍କ ଉପନ୍ୟାସ, ନେହେରୁଙ୍କ ବହି ଓଡ଼ିଆରେ ରୂପାନ୍ତରିତ କରି ଅନୁଭବୀ ପାଠକ ଆତ୍ମାକୁ ସଂଯୁକ୍ତ କରିଦେଇଛନ୍ତି ବିଶ୍ୱସାହିତ୍ୟ ସହିତ। ସାହିତ୍ୟ ତତ୍ତ୍ୱକୁ ରମ୍ୟ-ରୂପ ବିଭବରେ ସଜ୍ଜିତ କରି ଦେଇଛନ୍ତି 'କଳାଶକ୍ତି' ଗ୍ରନ୍ଥରେ। ପୁନଶ୍ଚ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ର ବିଭିନ୍ନ ଖଣ୍ଡରେ କେତେ ଚରିତ୍ର, କେତେ ଅଭୁଲା ସ୍ମୃତିର ଆକର୍ଷଣୀୟ ଅଙ୍କନ! ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ରଚନା କଲେ ଭିନ୍ନ ଶୈଳୀରେ, ତାଙ୍କ ନିକଟତମ ସେବକ ରାମ ବାରିକଙ୍କ ବକ୍ଷସ୍ଥଳରୁ ସତ୍ୟ ଉନ୍ମୋଚନ କରି। ଗୋପବନ୍ଧୁ ଚୌଧୁରୀଙ୍କ ଅସାମାନ୍ୟ ସ୍ୱଦେଶ ଅନୁରାଗ ବ୍ୟଞ୍ଜିତ ହୋଇ ଉଠିଲା 'ଦୀପଜ୍ୟୋତି' ଓ 'ଧୂଳିମାଟିର ସନ୍ଥ'ବହିରେ। ଗୋପୀନାଥ ମହାନ୍ତି ଏଭଳି ଭୂମି ସନ୍ତାନଙ୍କଠାରୁ ନିଜେ କ'ଣ ଥିଲେ ଭିନ୍ନ? ସ୍ୱତନ୍ତ୍ର?

ସିଏ ବି ଥିଲେ ମାଟିର ମମତା, ମହାକାଶର ପ୍ରଶସ୍ତତା ଓ ନିବିଡ଼ ଆରଣ୍ୟାନୀ ମଧ୍ୟରେ ଅମୃତର ମଧୁର ସଂଗୀତ ଗାନ କରୁଥିବା ନାମହୀନ କେଉଁ ଏକୁଟିଆ ପକ୍ଷୀ। ସେଇ ପକ୍ଷୀକଣ୍ଠର ବିଭୋର ସଂଗୀତ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇ ଚାଲିଥିବ ଯୁଗ ଯୁଗାନ୍ତର। ଆଉ ସକଳ ନୈରାଶ୍ୟ, ନିଃସଙ୍ଗତା, ନିରର୍ଥକତାକୁ ପରିଣତ କରିଦେଉଥିବ ଆଶାରେ, ଜୀବନକୁ କରିଦେଉଥିବ ଅର୍ଥପୂର୍ଣ୍ଣ ଆଉ ଶେଷରେ ସେ ନିଜେ ଅନ୍ତରଙ୍ଗ ସାଥୀପରି ଆମ ସହିତ ରହିଥିବେ ଚିର ସଂଲଗ୍ନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନକଲି ଘିଅ...

ଏଥିରେ ମଧ୍ୟ ଶସ୍ତା ପଲିଷ୍ଟର ବ୍ୟବହାର କରାଯାଇଥିଲା। ଦୁଇଟି ଲାବରୋଟୋରୀରେ ଦୁପଟ୍ଟାର ସାଇଣ୍ଟିଫିକ୍ ପରୀକ୍ଷା କରାଯାଇଥିଲା। ଦୁପଟ୍ଟା ଉପରେ ଅସଲି ସିଲ୍କକୁ ସୂଚାଉଥିବା 'ସିଲ୍କ ହୋଲୋଗ୍ରାମ' ମଧ୍ୟ ମିଳି ନଥିଲା। କିନ୍ତୁ ଏହାକୁ ଲଗାଇବା ବାଧ୍ୟତାମୂଳକ ଥିଲା। ଦୁର୍ନୀତି ପଦାକୁ ଆସିବା ପରେ ସମ୍ପୃକ୍ତ କମ୍ପାନୀର ପୂର୍ବରୁ ଥିବା ସବୁ ଟେଣ୍ଡରକୁ ବାତିଲ କରାଯାଇଛି ଓ ଏହି ମାମଲାର ତଦନ୍ତ ପାଇଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଏସିବି)କୁ ଦାୟିତ୍ୱ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ୨୦୨୪ ଡିସେମ୍ବରରେ ତିରୁପତି ମନ୍ଦିରରେ ଲଡୁ ପ୍ରସାଦରେ ଅପମିଶ୍ରିତ ଘିଅର ବ୍ୟବହାର କଥା ସାମ୍ନାକୁ ଆସିଥିଲା। ୨୦୨୧ରୁ ୨୦୨୪ ମଧ୍ୟରେ ଲଡୁ ପ୍ରସ୍ତୁତ କରିବା ପାଇଁ ୬୮ ଲକ୍ଷ କିଲୋ ନକଲି ଘିଅର ବ୍ୟବହାର ହୋଇଥିଲା। ଘିଅ ଯୋଗାଉଥିବା କମ୍ପାନୀ ଏହି ଦୁର୍ନୀତିରୁ ପାଖାପାଖି ୨୫୦ କୋଟି ଟଙ୍କା ଲୁଟି ନେଇଥିଲା।

### ମହାନଦୀ ପାଇଁ...

ଆଗରୁ ଗଠନ କରିବାର ଥିଲା। ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ରାଜ୍ୟ ସରକାର ଗଠନ କରିଥିବା କମିଟିରେ ଜଳ ବିଶେଷଜ୍ଞ (ଅବସରପ୍ରାପ୍ତ ଇଞ୍ଜିନିୟର) ତଥା ଅନ୍ୟ ଅଂଶୀଦାରଙ୍କୁ ସାମିଲ କରିଥିଲେ ଭଲ ହୋଇଥାନ୍ତା। ଆଗାମୀ ଦିନରେ ସରକାର ଏମାନଙ୍କୁ ନେଇ ଏକ ଟାସ୍କଫୋର୍ସ ଗଠନ କରିବାକୁ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ମହାନଦୀ ବିବାଦ ତୁଟାଇବା ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଥମେ ଆଗ୍ରହ ପ୍ରକାଶ କରିଥିଲେ। ଉଭୟେ ବିଭିନ୍ନ ଫୋରମରେ ଏନେଇ ଏକାଧିକ ବାର ଅନୌପଚାରିକ ଆଲୋଚନା ମଧ୍ୟ କରି ସାରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ସ୍ତରରେ ମଧ୍ୟ ପ୍ରଥମ ଆନୁଷ୍ଠାନିକ ବୈଠକ ହୋଇସାରିଛି। ଏହାବ୍ୟତୀତ ଚଳିତ ମାସ ୫ ତାରିଖ ବୈଠକକୁ ମିଶାଇ ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୭ଟି ବୈଠକ ଅନୁଷ୍ଠିତ ହୋଇଛି। ମାତ୍ର ଏହି ବୈଠକ ଆଲୋଚନାର ଅଗ୍ରଗତି କଣ ତାହା ସାଧାରଣରେ ସରକାର ପ୍ରକାଶ କରିନାହାନ୍ତି। ଯାହାକୁ ନେଇ ପ୍ରଶ୍ନ ଉଠୁଛି। ଉଭୟ ରାଜ୍ୟ ମଧ୍ୟରେ ସାମାଜିକ ... ଏକ ସର୍ବକାତର ପ୍ରସଙ୍ଗକୁ ନେଇ ଆଗକୁ ବଢ଼ିବା ବେଳେ ସମସ୍ତଙ୍କୁ ବିଶ୍ୱାସକୁ ନେବା ଦରକାର ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ରାଜ୍ୟ ରାଜ୍ୟ ମଧ୍ୟରେ ଜଳ ବିବାଦ ମାମଲାରେ ସମାଧାନ ଟ୍ରିବ୍ୟୁନାଲ ସମାଧାନ ଅପେକ୍ଷା ଖୁବ ବିରଳ ଏବଂ ସମୟ ସାପେକ୍ଷ। ରାଜ୍ୟ ସରକାର ଯେଉଁ ଉଦ୍ୟମ ଏବଂ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ଆମେ ସ୍ୱାଗତ କରୁଛୁ। ଏପରି ଏକ ସର୍ବଦଳୀୟ କମିଟିର ଗଠନ ବହୁ ଆଗରୁ ହେବାର ଥିଲା। ମହାନଦୀ ଓଡ଼ିଶାର ଜୀବନରେଖା। ଏହାକୁ ଆଦୌ ହାଲୁକା ଭାବେ ଗ୍ରହଣ କରିବା ଉଚିତ୍ ନୁହେଁ। ତେଣୁ ସରକାର ଗଠନ କରିଥିବା କମିଟି ସମ୍ପୂର୍ଣ୍ଣ ସକ୍ରିୟତାର ସହ କାର୍ଯ୍ୟ କରୁ। ଓଡ଼ିଶାର ୧.୫ କୋଟି ଲୋକଙ୍କ ଜୀବନ ଜୀବିକାର ସୁରକ୍ଷା ଏବଂ ରାଜ୍ୟର ହକ୍ ଦିଗରେ ଏହି କମିଟି କାର୍ଯ୍ୟ କରୁ ବୋଲି ଶ୍ରୀ ଛୋଟରାୟ କହିଛନ୍ତି।

### ଶୀତ ଲହରୀ...

କିଛି ସ୍ଥାନରେ ଗଭୀର ଶୀତଲହରୀ ଅନୁଭୂତ ହୋଇଛି। ଏଠାରେ ତାପମାତ୍ରା ସାଧାରଣଠାରୁ ୬-୭ ଡିଗ୍ରୀ କମ ଥିବା ରେକର୍ଡ କରାଯାଇଛି। ଏହାଛଡ଼ା ଅନୁଗୁଳ ଜିଲ୍ଲାର ଅଳ୍ପ କିଛି ଅଞ୍ଚଳରେ ମଧ୍ୟ ଗଭୀର ଶୀତଲହରୀ ଅନୁଭୂତ ହୋଇଛି। ତାପମାତ୍ରା କମିବା ସହ ରାଜ୍ୟର ଉତ୍ତର ଓ ଦକ୍ଷିଣ ଅଞ୍ଚଳର କିଛି ସ୍ଥାନରେ କୁହୁଡ଼ି ପଡିଥିବା ଲକ୍ଷ୍ୟ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ରାଜ୍ୟରେ ଆହୁରି ୨ ଦିନ ଶୀତ ଲହରୀ ଜାରି ରହିବା ସହ ଗୁରୁବାର ସୁନ୍ଦରଗଡ଼, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା, ନବରଙ୍ଗପୁର, ଢେଙ୍କାନାଳରେ ପ୍ରବଳ ଶୀତ ଲହରୀ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି କନ୍ଧମାଳ, କୋରାପୁଟ, କଳାହାଣ୍ଡି ଓ ଝାରସୁଗୁଡ଼ାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

### ୟୁନିସ୍କୋ ବିଶ୍ୱ ଐତିହ୍ୟ...

କରାଯାଇଥିବାରୁ ଭାରତ ଓ ବିଶ୍ୱରେ ଲୋକ ଉତ୍ସାହିତ ଅଛନ୍ତି। ଆମପାଇଁ ଏହି ପର୍ବ ସଂସ୍କୃତି ଓ ପ୍ରକୃତି ସହିତ ଜଡିତ। ଏହା ଜ୍ଞାନ ଓ ଧର୍ମର ମଧ୍ୟ ପ୍ରତୀକ। ୟୁନେସ୍କୋ ତାଲିକାରେ ସାମିଲ ହେବା ପରେ ଏହି ପର୍ବକୁ ନେଇ ବୈଶ୍ୱିକ ଲୋକପ୍ରିୟତାରେ ଆହୁରି ବୃଦ୍ଧି ଘଟିବ। ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଆମକୁ ଶାସ୍ୱତ ଭାବେ ମାର୍ଗଦର୍ଶନ କରୁଥିବ ବୋଲି ମୋଦୀ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

### ବିଗୁଲ ଫୁଙ୍କିଲେ...

୨୦୨୪ରେ କଂଗ୍ରେସ ସର୍ବନିମ୍ନ ୧୩ ପ୍ରତିଶତ ଭୋଟ୍ ପାଇଛି। ନିଜେ ଶରତ ପଟ୍ଟନାୟକ ନିର୍ବାଚନରେ ଅମାନତ ବି ହରାଇଛନ୍ତି। ସେହିପରି ୩ ଥର ଲଗାତାର ନିର୍ବାଚନ ପରାଜିତ ଭକ୍ତଙ୍କୁ ପିସିସି ନେତୃତ୍ୱ ମିଳିଛି। ଯାହାଙ୍କ ବ୍ୟକ୍ତିଗତ ବିଚାରଧାରା କଂଗ୍ରେସ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜୟପ୍ରକାଶଙ୍କ ଆନ୍ଦୋଳନ ବେଳେ ଭକ୍ତ ନିଜେ ଗାନ୍ଧୀ ପରିବାରକୁ ସମାଲୋଚନା କରିଥିଲେ; ତାଙ୍କ ପୁଅ କୋଶଳ ଆନ୍ଦୋଳନକୁ ସମର୍ଥନ କରିବା ଚିନ୍ତାଜନକ। ତାଙ୍କ ନେତୃତ୍ୱରେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ୮୩ ହଜାର ଭୋଟରେ ହାରିଛି। ନୂଆପଡ଼ା ପିସିସି ସଭାପତିଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ବି କଂଗ୍ରେସର ପ୍ରଦର୍ଶନ ସେଠାରେ ଅତ୍ୟନ୍ତ ନିରାଶାଜନକ। ଯାହାଙ୍କୁ ନିଜ ସଂସଦୀୟ କ୍ଷେତ୍ର ବିଶ୍ୱାସ କରୁନି, ତାଙ୍କୁ ସ୍ୱାଭାବିକ ଭାବରେ କର୍ମୀ ବିଶ୍ୱାସ କରିପାରୁ ନାହାନ୍ତି। ଏପରି ସମୟରେ କଂଗ୍ରେସକୁ ପୁନର୍ଜୀବିତ କରିବା ନିମନ୍ତେ ପାରଦର୍ଶିତା ଓ ଯୋଗ୍ୟତା ଆଧାରରେ ଯୁବ ନେତୃତ୍ୱଙ୍କୁ ନିଯୁକ୍ତି ଦିଆଯିବା ଦରକାର ବୋଲି ମୋକିମ କହିଛନ୍ତି। ଏହା ସହ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ହୋଇଥିବା ସଂଗଠନ ସୃଜନ ବ୍ୟବସ୍ଥାକୁ ସେ ପ୍ରଶଂସା କରିଥିଲେ ମଧ୍ୟ ନିର୍ବାଚନରେ ୬ ନଂ ସ୍ଥାନରେ ରହିଥିବା ଲୋକ କିପରି ଜିଲ୍ଲା ସଭାପତି କରାଯିବାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

କେବଳ ରାଜ୍ୟ ନୁହେଁ ଜାତୀୟସ୍ତରରେ ମଧ୍ୟ କଂଗ୍ରେସର କାର୍ଯ୍ୟକୁ ନେଇ ମୋକିମ୍ ଅସନ୍ତୋଷ ପ୍ରକଟ କରିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସକୁ ମଜଭୁତ ପାଇଁ କେନ୍ଦ୍ରୀୟ ନେତୃତ୍ୱ କାର୍ଯ୍ୟ କରୁ ନାହାନ୍ତି। ଏଥିପାଇଁ ମୁଁ ଚିଠି ଏଆଇସିସି ସଭାପତିଙ୍କ ପରିବର୍ତ୍ତେ କଂଗ୍ରେସ ପରିବାରର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଛି । ସୋନିଆଙ୍କ ନେତୃତ୍ୱରେ ଦଳ କ୍ଷମତାକୁ ଫେରିଥିଲା। ଦେଶର ବିଭିନ୍ନ ରାଜ୍ୟରେ କଂଗ୍ରେସର ପ୍ରଦର୍ଶନକୁ ଉଲ୍ଲେଖ କରି ସେ ଦଳର ନେତୃତ୍ୱ ଓ କାର୍ଯ୍ୟଧାରାକୁ ସଂଶୋଧନ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ବିଧାୟକ ଥିଲା ବେଳେ ସେ ୩ ବର୍ଷ ଅପେକ୍ଷା କରିଥଇଲେ ମଧ୍ୟ ରାହୁଲଙ୍କୁ ଦେଖା କରିପାରି ନାହାନ୍ତି। ରାହୁଲ କୋଟେରୀରୁ ନ ବାହାରିଲେ ଠିକ୍ ନିଷ୍ପତ୍ତି ନେଇପାରିବେନି। ବର୍ତ୍ତମାନ ଦେଶରେ ୬୫ ପ୍ରତିଶତ ଯୁବକ ରହିଥିବା ବେଳେ ସେମାନଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବା ନିମନ୍ତେ ପ୍ରିୟଙ୍କା ଗାନ୍ଧୀଙ୍କୁ ସାମ୍ନାକୁ ଆଣିବାର ଆବଶ୍ୟକତା ଥିବା ମୋକିମ୍ ଚିଠିରେ ଲେଖିଛନ୍ତି। ସେ ଆହୁରି କହିଛନ୍ତି ଯେ ଏଆଇସିସି ଅଧ୍ୟକ୍ଷ ଖଡ୍‌ଗେଙ୍କୁ ୮୩ ବର୍ଷ ହେଲାଣି, ସେ କିପରି ଯୁବକଙ୍କ ନେତୃତ୍ୱ ନେଇ ପାରିବେ? ଭାରତ ଯୋଡ଼ ଯାତ୍ରା ବେଳେ ରାହୁଲ ୩ ରାତି ଓଡ଼ିଶାରେ ରହିଲେ, ମାତ୍ର କର୍ମୀମାନେ ତାଙ୍କୁ ଭେଟି ପାରିଲେ ନାହିଁ। ସେ ଯଦି ଓଡ଼ିଶାରେ ତୃଣମୂଳ କର୍ମୀଙ୍କୁ ଭେଟିଥାନ୍ତେ କେତେ ଭଲ ହୋଇଥାନ୍ତା। ଯେଉଁମାନେ କ୍ରମାଗତ ହାରୁଛନ୍ତି, ସେମାନେ କଂଗ୍ରେସରେ ଆଗରେ ବସୁଛନ୍ତି। କଟକରେ କଂଗ୍ରେସ ଜିତିପାରୁ ନ ଥିଲା, ହେଲେ ତାଙ୍କର ଓ ତାଙ୍କ ପରିବାର ଯୋଗୁଁ ୩୫ ବର୍ଷ ପରେ କଂଗ୍ରେସ କଟକ ବାରବାଟୀ ଆସନ ଜିତିଥିଲା। ୨୦୨୪ରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ପ୍ରଚାର ସତ୍ତ୍ୱେ ତାଙ୍କ ଝିଅ ସୋଫିଆ ଫିର୍‌ଦୋସ୍ କଟକରୁ ବିଜୟୀ ହୋଇଛନ୍ତି। ତେଣୁ କଂଗ୍ରେସର ସାଂଗଠନିକ, ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାରକୁ ଶ୍ରୀମତୀ ଗାନ୍ଧୀ ଗୁରୁତ୍ୱ ଦେବେ ବୋଲି ମୋକିମ ଆଶା ରଖିଛନ୍ତି। ଏହାସହ କଂଗ୍ରେସ ଦଳରେ ସ୍ୱଚ୍ଛତାର ସହ ଦକ୍ଷତା ଆଧାରରେ ନିଯୁକ୍ତି ଦିଆଯାଉ ବୋଲି ମୋକିମ୍ କହିଛନ୍ତି। ଯୁବକଙ୍କୁ ନେତୃତ୍ୱ ଦେବା ସହ ଯେଉଁମାନେ ଭାବପ୍ରବଣ କର୍ମୀଙ୍କ ସହ ଜଡ଼ିତ ସେମାନଙ୍କୁ ସୁଯୋଗ ଦିଆଯାଉ ବୋଲି ମୋକିମ୍ ଚିଠିରେ ଉଲ୍ଲେଖ କରିଛନ୍ତି।

# ଏମ୍‌ଭି ୨୬ରେ ସୁଧୁରୁଛି ସ୍ଥିତି



- ପୁଣି ଇଣ୍ଟରନେଟ୍ ବନ୍ଦ
- ଛଅ ଦିନ ପରେ ମିଳିଲା ମହିଳାଙ୍କ ମୁଣ୍ଡ

ମାଲକାନଗିରି/କୋରୁକୋଣ୍ଡା, ୧୦।୧୨ (ସମିସ): ନଦୀରୁ ମୁଣ୍ଡବିହୀନ ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ ମାଲକାନଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍, ଏମ୍‌ଭି-୨୬ ଗ୍ରାମରେ ଲାଗି ରହିଥିବା ଉତ୍ତେଜନା ଧୀରେଧୀରେ ପ୍ରଶମିତ ହେଉଛି। ଗତକାଲି ଶାନ୍ତି କମିଟି ବୈଠକ ସଫଳ ହେବା ପରେ ପରିସ୍ଥିତିରେ ସୁଧାର ଆସିଛି। ଭୟରେ ଗାଁ ଛାଡ଼ିଥିବା ଲୋକେ ଘରକୁ ଫେରି ଭଙ୍ଗାଘରକୁ ମରାମତି କରିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ, ସ୍ଥିତି ପୂରାପୂରି ସ୍ୱାଭାବିକ ହୋଇ ନଥିବାରୁ ବିଏସଏଫ୍ ଯବାନ, ଓଡ଼ିଶା ପୁଲିସ ଓ ଅଗ୍ନିଶମ ବାହିନୀ ଗାଁରେ ଡେରା ପକାଇ ରହିଛନ୍ତି। ଅପରପକ୍ଷେ, ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ଆଉ ୨୪ଘଣ୍ଟା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି, ମୃତ ମହିଳା ଲୋକେ ପଡ଼ିଆମୀ (୫୧)ଙ୍କ ନିଖୋଜ ମୁଣ୍ଡ ଆଜି ୧୫ କିଲୋମିଟର ଦୂର କାଲିମେଳା ଥାନାସ୍ଥିତ ନାମକୋଣ୍ଡା ପୋଟେରୁ ନଦୀ ଗାଧୁଆ ତୁଠରୁ ଉଦ୍ଧାର ହୋଇଛି। ଅପରାହ୍ଣରେ ଗଳିତ ମୁଣ୍ଡକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୁଣ୍ଡବିହୀନ ଶବ ପୋତାଯାଇଥିବା ସ୍ଥାନରେ ମହିଳାଙ୍କ ମୁଣ୍ଡକୁ ପୋତା ଯାଇ ସତ୍କାର କରାଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏମ୍‌ଭି-୨୬ ଗ୍ରାମକୁ ଯାଇ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଲୋକଙ୍କ କ୍ଷୟକ୍ଷତି ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଏହାର ଆକଳନ କରାଯାଉଛି। ଆଜି ପୁଲିସ ପ୍ରଶାସନ ପକ୍ଷରୁ ମାଲକାନଗିରିରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଡ଼ିଆମିଙ୍କ ହତ୍ୟାକାଣ୍ଡକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ନଦୀରୁ ଲୋକେଙ୍କ ମୁଣ୍ଡବିହୀନ ଶବ ମିଳିବା ପରେ ରାଖେଲଗୁଡ଼ା ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ। ଏମ୍‌ଭି-୨୬ ଗ୍ରାମର କିଛି ଲୋକେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ରାଖେଲଗୁଡ଼ା ଏବଂ ଏହାର ଆଖପାଖ ଗ୍ରାମର ଗ୍ରାମବାସୀ ଏମଭି-୨୬ ଗ୍ରାମରେ ନିଆଁ ଲଗାଇ ସବୁ କିଛି ଧୂଳିସାତ୍ କରିଦେଇଥିଲେ।

■ ଏସସି-ଏସଟି ଉନ୍ନୟନ ବିଭାଗ ସ୍କୁଲ ଟିଜିଟି ଶିକ୍ଷକଙ୍କ ପିଜିଟି ପଦୋନ୍ନତି ପ୍ରସଙ୍ଗ

# ଅନ୍ତରୀଣ ରହିତାଦେଶ ଜାରି କଲେ ହାଇକୋର୍ଟ

କଟକ, ୧୦।୧୨ (ସମିସ): ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସଟି) ଉନ୍ନୟନ ବିଭାଗ ଅଧୀନ ସ୍କୁଲଗୁଡ଼ିକରେ କାର୍ଯ୍ୟରତ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ (ଟିଜିଟି)ଙ୍କ ସ୍ନାତକୋତ୍ତର ଶିକ୍ଷକ(ପିଜିଟି) ପଦକୁ ପଦୋନ୍ନତି ପ୍ରସଙ୍ଗରେ ରୁଜୁ ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଏସ୍‌ସି ଓ ଏସଟି ଉନ୍ନୟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପିଜିଟି ପଦକୁ ପଦୋନ୍ନତି ପାଇଁ ଯୋଗ୍ୟ ଟିଜିଟିଙ୍କ ସଂପର୍କିତ ତଥ୍ୟ ପ୍ରଦାନ ପାଇଁ ୨୦୨୫ ଜାନୁଆରି ୨୮ରେ ଜାରି ଚିଠି ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। କୃଷ୍ଣାଜନ ଆଚାର୍ଯ୍ୟଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେନ୍ଦୁଝରର ଜଗମୋହନପୁର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ବେଆଇନ ଭାବେ ପଦୋନ୍ନତିରୁ ବାଦ୍ ଦେବା ଅଭିଯୋଗ ନେଇ ଦାୟର ଏହି ମାମଲାରେ ଏସ୍‌ଟି ଓ ଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଟିଜିଟି ପଦୋନ୍ନତି ପାଇ ଆବେଦନକାରୀ ଜଗମୋହନପୁର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକଙ୍କ ତରଫରୁ ପିଜିଟି ପଦକୁ ପଦୋନ୍ନତି ପାଇଁ ତଥ୍ୟ ଦାଖଲ ପାଇଁ କେନ୍ଦୁଝର ସମେତ ସବୁ ଜିଲ୍ଲାର ମଙ୍ଗଳ ଅଧିକାରୀଙ୍କୁ ଜାନୁଆରି ୨୮ରେ ଚିଠି କରାଯାଇଥିଲା। ଓଡ଼ିଶା ଟ୍ରାଇବାଲ୍ ୱେଲଫେୟାର୍ ଏଜୁକେସନ ନିୟମାବଳୀ-୨୦୧୫ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଟିଜିଟି ମାନ୍ୟତା ଦେଉଥିଲେ ମଧ୍ୟ ପଦୋନ୍ନତି ପାଇଁ ଅଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ତଥ୍ୟ ଦାଖଲ ଯୁଗ୍ମ ନିର୍ଦ୍ଦେଶକଙ୍କ ଚିଠିରେ କୁହାଯାଇନଥିଲା। ଏସ୍‌ଟି ଏସ୍‌ସି ଉନ୍ନୟନ ବିଭାଗର ହାଇସ୍କୁଲରେ ତିନିବର୍ଷ ନିୟମିତ ଟିଜିଟି ଭାବେ କାର୍ଯ୍ୟକାଳ ପୂରଣ କରିଥିବା ଶିକ୍ଷକ ପିଜିଟି ପଦୋନ୍ନତି ପାଇଁ ଯୋଗ୍ୟ ବୋଲି ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଏପରି ଯୋଗ୍ୟତା ସର୍ତ୍ତାବଳୀ ପାଇଁ ଆବେଦନକାରୀ ପଦୋନ୍ନତି ପ୍ରକ୍ରିୟାରୁ ପରୋକ୍ଷରେ ବାଦ୍ ପଡ଼ିବା ସ୍ପଷ୍ଟ ହୋଇଥିଲା। ଏପରି ଚିଠିକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବଂଶୀଧର ଶତପଥୀ ଓ ସତ୍ୟବ୍ରତ ଶତପଥୀ ମାମଲା ପରିଚାଳନା କରୁଛନ୍ତି।

# ସାମାନ୍ୟ ବଚସାରୁ ବୃଦ୍ଧଙ୍କୁ ହତ୍ୟା

ବ୍ରହ୍ମପୁର,୧୦।୧୨(ସମିସ): ସାମନ୍ୟ ବଚସାରୁ ବୃଦ୍ଧଙ୍କୁ ହତ୍ୟା କଲା ପଡ଼ୋଶୀ। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀ ୪ର୍ଥ ଲାଇନ୍‌ରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ, ବାରିକ ଜେନା (୭୦)। ପୁଲିସ ମୃତକଙ୍କ ପଡ଼ୋଶୀ ତାରାପ୍ରସାଦ ଗୌଡ଼(୪୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ପୁଲିସ ବାରିକ ଜେନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ସୂଚନାନୁସାରେ, ପଣ୍ଡା କଲୋନୀ ୪ର୍ଥ ଲାଇନ୍‌ରେ ଅଣ ଓସାରିଆ ରାସ୍ତା। ବାରିକ ଜେନାଙ୍କ ଘର ଅତିକ୍ରମ କରିବା ପରେ ତାରାପ୍ରସାଦଙ୍କ ଘର। ସବୁବେଳେ ରାସ୍ତା ବ୍ଲକ୍ କରି ରଖୁଥିଲେ ବାରିକ ଜେନା। ଫଳରେ ଉଭୟଙ୍କ ଭିତରେ ପାଟିତୁଣ୍ଡ ହେଉଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ତାରା ପ୍ରସାଦ ବାଇକ୍‌ରେ ଘରକୁ ଫେରୁଥିଲେ। ରାସ୍ତା ବ୍ଲକ୍ କରି ରଖିଥିବାରୁ ତାରାପ୍ରସାଦ ଘରକୁ ଯିବା ସମସ୍ୟା ହୋଇଥିଲା। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତାରାପ୍ରସାଦ ରାଗରେ ବାରିକ ଜେନାଙ୍କୁ ଧକ୍କା ମୁକା ମାରିବା ସହ ଶକ୍ତ ଚାପୁଡ଼ା ମାରିଥିଲା। ସେ ଅଚେତ ହୋଇ ପଡିଯାଇଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତକଙ୍କ ପୁଅ ସୁବାସ ଜେନା ଏନେଇ ଥାନାରେ ଅଭିଯୋଗ କରିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 2nd December 2025, CF No - 01, I Narayana Satnami aged about 27 years, Kalia Satnami, resident of village- Jatesira, Po.- Goudmal Ps.- Jagdalpur, Block- Jharbandh, Dist. Bargarh, Pin 768042 hereby declares that for myself. I have changed my name from **Narayan Satnami** to **Narayana Satnami** . Hence I will be known as **Narayana Satnami** for all future purposes.

**LOST**

**I, Ranjulata Barik,** aged about 57 years, W/o: Santosh Kumar Barik, R/o: Sunamuhi, Baripada, Ward No.11 hereby declared through Affidavit that, my original Regd. Sale Deed No. 953, Dt.27.03.1991 pertaining to land situated in Mouza: Baripada Town, Unit No.12, Stationbandha sahi, Khata No.: 205/212, Plot No.: 34/1066, P.S.: Baripada, P.S. No. 103, Area: Ac.0.098dec. and Khata No.: 205/209, Plot No.: 35, P.S.: Baripada, P.S. No. 103, Area: Ac.0.040dec.. has been lost at a tea stall near Palbani on 05.12.2025. The said document has not been utilised for any other purpose and in case I discover the same in future, I shall notify and produce the same before the Odisha Grameen Bank, Main Branch, Baripada. If anybody found this document please contact- **Mob- 9937538105**

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before the Executive Magistrate, Tigiria, dated-29.11.2025 C.F No-5, I Lijarani Das of Village-Sunthipal, Po-Bandalo, Ps-Tigiria, Dist-Cuttack declare that I have changed my name from Lija Das to Lijarani Das in Aadhar card. Henceforth, I shall be known as Lijarani Das for all purposes.

**AFFIDAVIT**

I MINIYAKA GEETANJALI, W/o - MINIYAKA BISWANATH, Resident At- TANKUA, NEAR JAGANNATH TEMPLE, Po- P.R.PETA, Jeypore, Dist - Koraput -764003, Odisha declare by this Affidavit No.5037 Dated -10/12/2025, that now onwards I shall be known as **MINIYAKA GITANJALI** For all future purpose.

**AFFIDAVIT**

By the virtue of an affidavit sworn before the Notary Public, Bhubaneswar, it is declared that the names of the parents of Miss Pallela Samhita were wrongly recorded in her school record as P. Satyanarayana and P. Sujatha.
The correct names are:
Father: Pallela Satyanarayana
Mother: Palela Sujata
Sd/- Pallela Satyanarayana & Palela Sujata, Flat No. LIG-I/110, Sudarshan Enclave, Phase-VII, Dumduma, Bhubaneswar – 751019, Date: 05-12-2025

**NOTICE (FOR MINOR)**

By the virtue of an affidavit CF No 74, before the Executive Magistrate, Bhubaneswar, dtd.15.11.2025, I, Sanghamitra Parida, residing at M-156, Phase-II, Bhimatangi, Guru Kelu Charan Marg, Lane-4, P.S. Airfield, Bhubaneswar-751002 have changed my minor daughter's name from Saparajya Parida to Saparjya Parida. Henceforth she shall be known as **Saparjya Parida** for all purposes.
**Sd/- Sanghamitra Parida**

ਪੰਜਾਬ ਨੈਸ਼ਨਲ ਬੈਂਕ punjab national bank ...the name you can BANK upon!

ବି.ଓ. ଟିଟିଲାଗଡ
ଠିକଣା: ମହାବୀର ପଞ୍ଚାୟତ, ଧର୍ମଶାଳା ସାମ୍ନା, ଟିଟିଲାଗଡ଼
ଯୋଗାଯୋଗ ନଂ: 8249151403, ଇମେଲ: bo6808@pnb.bank.in

**ସାର୍ବଜନୀନ ନୋଟିସ୍**

ବ୍ୟାଙ୍କ ଅନୁସୂଚିତ ସମ୍ପତ୍ତି ସମ୍ପର୍କରେ ବନ୍ଧକ ସୃଷ୍ଟି କରିବାକୁ ଚାହୁଁଛି। ସମ୍ପତ୍ତିରେ କୌଣସି ସ୍ୱାର୍ଥ କିମ୍ବା ଅଧିକାର ଦାବି କରୁଥିବା କିମ୍ବା ଅନ୍ୟ କୌଣସି ଆପତ୍ତି ବା ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶନର ସାତ ଦିନ ମଧ୍ୟରେ ବ୍ୟାଙ୍କରେ ପ୍ରତିନିଧିତ୍ୱ କରିପାରିବେ।
ମୌଜାରେ ଅବସ୍ଥିତ ସମସ୍ତ ଜମି ଏବଂ କୋଠାର ଅଂଶ : ଦୁର୍ଲା, ଟିଟିଲାଗଡ଼, ପି.ଏସ୍. ନମ୍ବର: 85, ଖାତା ନମ୍ବର 190/299, ପ୍ଲଟ୍ ନମ୍ବର 1001, ନାମ - ବିନୋଦ କୁମାର ଅଗ୍ରୱାଲ, ପିତା - ରମେଶ କୁମାର ଅଗ୍ରୱାଲ, ବିକ୍ରୟ ଡିଡ୍ ନମ୍ବର 1 0 3 3 1 4 0 1 2 5 5 , 21.07.2014, ପୂର୍ବଲିଙ୍କ୍ ଡିଡ୍ ନମ୍ବର 732, 08.05.2006

ସ୍ୱା/- ଅଜିତେଶ ପାତ୍ର
ଶାଖା ପରିଚାଳକ

MM-355

**GOVERNMENT OF ODISHA**
OFFICE OF THE DIVISIONAL FOREST OFFICER, PHULBANI KENDU LEAF DIVISION
AT/PO/PS:- PHULBANI, e-mail id – dfoklplb@gmail.com
BID IDENTIFICATION No. F.E.&CC /PLB/02 (online)/2025-26

**E-procurement notice**
**No. 02, Dated' 09.12.2025**

The Divisional Forest Officer, Phulbani K.L. Division, on behalf of Governor of Odisha, invites Percentage Rate bids in **Single cover** System in ONLINE MODE.

| | | | |
|---|---|---|---|
| 1. | Nature of work | :- | **Construction of Forest Guard Quarter at Phulbani Division Office Campus** |
| 2. | Tender Cost | :- | **Rs.6000/-** |
| 3. | Class of Contractor | :- | **"C" & "D" class Contractors** |
| 4. | Availability of bid document in the website. | :- | **18:00 Hours of 11.12.2025 to 17:30 Hours of 19.12.2025** |
| 5. | Date of Opening of Tenders | :- | **11:30 Hours on dt._20.12.2025** |
| 6. | The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/ cancellation of tender will be displayed in the website said only. | | |

OIPR-08069/11/0008/2526
Divisional Forest Officer
Phulbani K.L. Division

O-1683 Email- rd_nuapada@rediffmail.com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NUAPADA**
BID IDENTIFICATION NO. RWNPD – 06 (Online) of 2025-26

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work : Building works in the District of Nuapada as mentioned in DTCN
2. Total No of Works : 01 No.
3.Estimated Cost: : Rs. 50.18 lakhs (Building)
4.Period of Completion: : 01 (one) Calendar Month
5.Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Nuapada | RWNPD-06/2025-26 (Online) | 10.12.2025 at 10.00 AM | 20.12.2025 up to 5.00 PM | 19.12.2025 upto 05.00 PM | 21.12.2025 at 11.00 AM | Will be intimated later on |

Further details can be seen from the website www.tendersodisha.gov.in

Executive Engineer
Rural Works Division, Nuapada

OIPR-25050/11/0010/2526

OHPC ISO 9001-14001 18001 Certified

OFFICE OF THE SR. GENERAL MANAGER (ELECTRICAL) CAD-2638
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-38/2025-26 DATED 08.12.2025**

Sealed tenders are invited in two parts i.e. (i) Techno commercial bid (ii) Price bid in separate sealed envelopes from the registered travel agencies / vehicle owners/service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for patrolling of the local Police Officer, Outpost of Mukhiguda for 04 Years. | 7,080/- (inclusive of GST) | 01% of quoted price | From 12.12.2025 to 23.12.2025 up to 13.00 Hrs | 23.12.2025 (up to 13:30Hrs) | 23.12.2025 at 16:30Hrs. |

For details of the tender documents, terms and conditions please visit our website www.ohpcltd.com

OIPR-04008/11/0050/2526
C&P Head
UIHEP, Mukhiguda

भा.क.नि. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ,
କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୦.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ


## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆଇଟି ଚାକିରିଆଙ୍କ ପାଇଁ ଦିନ ଭଲ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ଦୀର୍ଘ ଦିନରୁ ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅତିଥି ସତ୍କାର କରିପାରନ୍ତି। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପଡୋଶୀଙ୍କ ସହ ସମ୍ପର୍କ ଘନିଷ୍ଠ ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ମହିଳାମାନେ ଘରକାର୍ଯ୍ୟରେ ସମୟ ଅତିବାହିତ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ ଦେବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

**ଦୁର୍ଦ୍ଦଶାରେ ମୋହନସୁବୁଦ୍ଧି ଉଚ୍ଚବିଦ୍ୟାଳୟ**

# ୧୦୪ ବର୍ଷର ଐତିହ୍ୟ ପ୍ରତି ପ୍ରଶାସନର ଅବହେଳା

ବଡ଼ମ୍ବା,୧୦।୧୨(ସମିସ):





ବଡ଼ମ୍ବା ଶିକ୍ଷା ମଣ୍ଡଳ ନିଜିଗଡ଼ ଅଧୀନରେ ଥିବା ଏବଂ ୧୯୨୧ରେ ସ୍ଥାପିତ ୧୦୪ ବର୍ଷର ପୁରାତନ ମୋହନସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ବର୍ତ୍ତମାନ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ପ୍ରଶାସନ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଚରମ ଅବହେଳା ଯୋଗୁଁ ଏହି ବିଦ୍ୟାଳୟର ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସରକାରଙ୍କ ନିୟମାବଳୀ ଅନୁଯାୟୀ ୧୦୦ ବର୍ଷ ଅତିକ୍ରମ କରିଥିବାରୁ ଏହି ବିଦ୍ୟାଳୟକୁ 'ଐତିହ୍ୟ ବିଦ୍ୟାଳୟ' ତାଲିକାରେ ସାମିଲ କରାଯାଇଥିଲେ ମଧ୍ୟ ସରକାରୀସ୍ତରରେ ଏହାର କାର୍ଯ୍ୟକାରିତା ହୋଇନାହିଁ। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୬୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି।

ବିଦ୍ୟାଳୟର ପ୍ରମୁଖ ସମସ୍ୟାଗୁଡ଼ିକ ମଧ୍ୟରେ ଗଣିତ ଶିକ୍ଷକ, ରୋଷେଇ ଘର, ପାନୀୟ ଜଳ, ଶ୍ରେଣୀଗୃହ ଏବଂ ପାଇଖାନାର ଅଭାବ ରହିଛି। ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ହେବ ଗଣିତ ଶିକ୍ଷକ (ପିସିଏମ୍) ପଦ ଖାଲି ପଡ଼ିଥିବାରୁ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ଅସୁବିଧା ଦେଖା ଦେଉଛି। ଫଳରେ ଗତ ଦୁଇ ବର୍ଷ ହେବ ମାଟ୍ରିକ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ ହୋଇପାରୁ ନାହିଁ। ବର୍ତ୍ତମାନ ଅଧିକ ଜରୁରୀ ଥିବା ଏହି ବିଦ୍ୟାଳୟପ୍ରତି ସରକାର ଅନ୍ୟାୟ କରିଛନ୍ତି ବୋଲି ଅଭିଯୋଗ ଆସିଛି। ଜରୁରୀ ଭିତ୍ତିରେ ଅତି କମରେ ଜଣେ ଗଣିତ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ମଧ୍ୟାହ୍ନ ଭୋଜନ ପାଇଁ ଥିବା ରୋଷେଇ ଘରଟି ଏକ ଆଜବେଷ୍ଟସ ଘରେ ଚାଲୁଥିଲା। ମାତ୍ର ବର୍ଷା, ପବନ ଯୋଗୁଁ ଆଜବେଷ୍ଟସ୍ ଘରଟି ଭାଙ୍ଗି ନଷ୍ଟ ହୋଇଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ଭଙ୍ଗା ଘରେ ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରାଯାଉଛି। ଖାଇବା ପାଇଁ ଡାଇନିଂ ବ୍ୟବସ୍ଥା ନ ଥିବାରୁ ପିଲାମାନେ ବାରଣ୍ଡା କିମ୍ବା ପଦାରେ ଠିଆ ହୋଇ ଭୋଜନ କରୁଛନ୍ତି। ବିଦ୍ୟାଳୟରେ ଶ୍ରେଣୀଗୃହର ମଧ୍ୟ ଅଭାବ ରହିଛି। ମାତ୍ର ୭ଟି ରୁମ୍‌ରେ ୧୧ଟି କ୍ଲାସ୍ ଚାଲୁଥିବାରୁ ଅନ୍ୟ ୪ଟି କ୍ଲାସ୍ ରୁମ୍‌ର ଆବଶ୍ୟକତା ରହିଛି। କିଛି ରୁମ୍‌ର ଛାତ ପ୍ଲାଷ୍ଟର ଛାଡ଼ି କଂକ୍ରିଟ୍ ଓ ରଡ୍ ଦେଖାଦେଲାଣି। କାନ୍ଥ ଫାଟି ପ୍ଲାଷ୍ଟର ଖସି ପଡୁଥିବାରୁ ଏବଂ ବର୍ଷା ସମୟରେ ପାଣି ପଡୁଥିବାରୁ ପାଠପଢ଼ାରେ ବ୍ୟାଘାତ ଘଟୁଛି। ସ୍ମାର୍ଟ କ୍ଲାସର ବିମ୍ ମଧ୍ୟ ଫାଟି ରଡ୍ ବାହାରିଯାଇଛି। ସମ୍ମିଳନୀ କକ୍ଷ ନ ଥିବାରୁ ସଭାସମିତି ସମୟରେ ଶ୍ରେଣୀଗୃହକୁ ବନ୍ଦ କରାଯାଇ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି କରାଯାଉଛି। ସ୍କୁଲ ପରିସରରେ ଗୋଟିଏ ବୋରୱେଲ ଥିଲେ ମଧ୍ୟ ପାନୀୟ ଜଳର ସମସ୍ୟା ରହିଛି। ଆଉ ଏକ ବୋରୱେଲ ସହିତ ନଳକୂପର ବ୍ୟବସ୍ଥା କରାଗଲେ ପାନୀୟ ଜଳର ସମସ୍ୟା ଦୂର ହେବ ବୋଲି ମତ ପ୍ରକାଶ ପାଇଛି। ପୁରାତନ ପାଇଖାନା ଘର ଭାଙ୍ଗି ନଷ୍ଟ ହୋଇଯାଇଥିବାରୁ ଛାତ୍ରଛାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଦ୍ୟାଳୟର କ୍ଲାସ ରୁମ୍ ପାଚେରୀ, ଗେଟର ନିୟମିତ ରଙ୍ଗ କାମ ନ ହେବା ହେତୁ ଗେଟ୍ ଓ କାନ୍ଥରେ ଗଛ ଉଠି ସାରିଲାଣି। ଏହି ସବୁ ସମସ୍ୟା ପ୍ରତି ପ୍ରଶାସନ ଅଣଦେଖା କରି ଆସୁଥିବାରୁ ସ୍କୁଲର ପୁରାତନ ଛାତ୍ର ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବଡ଼ମ୍ବା ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା ଏହି ବିଷୟରେ କହିଛନ୍ତି ଯେ ମୋହନସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଗଣିତ ଶିକ୍ଷକ (ପିସିଏମ୍) ନିଯୁକ୍ତି ବିଷୟରେ ଡିଇଓଙ୍କୁ ଅବଗତ କରାଯାଇଛି ଏବଂ ଏହାର ସମାଧାନ ଅତିଶୀଘ୍ର କରାଯିବ। ସେହିପରି ବଡ଼ମ୍ବା ବ୍ଲକର ୩୯ଟି ସ୍କୁଲ ମଧ୍ୟରୁ ଅଧିକାଂଶ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଓ କଳା ଶିକ୍ଷକ ମଧ୍ୟ ନାହାନ୍ତି। ସରକାର ଏହି ସବୁ ଅସୁବିଧା ପ୍ରତି ଦୃଷ୍ଟି ନ ଦେଲେ 'ମିଶନ ମେରିଟ୍' କାର୍ଯ୍ୟକ୍ରମ ସଫଳ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ମରାମତି ହେଲା ରାସ୍ତା



**ନିଶ୍ଚିନ୍ତକୋଇଲି,୧୦।୧୨(ସମିସ):** ସାଲେପୁର ପୂର୍ତ୍ତ ବିଭାଗ ପକ୍ଷରୁ ତରବିରଆ ଭାବେ କଟକ-ଚାନ୍ଦବାଲି ରାସ୍ତାକୁ ମରାମତି କରାଯାଇଛି। ଦୀର୍ଘ ଦିନ ହେଲା ରାସ୍ତା ମରଣଯନ୍ତାରେ ପରିଣତ ହୋଇଥିଲା। ଏହି ରାସ୍ତାର ନିଶ୍ଚିନ୍ତକୋଇଲି ବଜାରର ୮ନମ୍ବର କେନାଲ ପୋଲ, ସୁକରପଡ଼ାର ୯ ନମ୍ବର ଓ ୯ ନମ୍ବର ସି କେନାଲ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏ ସମ୍ପର୍କରେ ପ୍ରମୁଖ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲେପୁର ପୂର୍ତ୍ତ ବିଭାଗର ତତ୍ପରତା ପ୍ରକାଶ ପାଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜଣେ ଠିକାଦାର ଏହି ରାସ୍ତାକୁ ମରାମତି କରିଥିଲେ; ତେବେ, ଧର୍ମକୁ ଆଖିଠାର ସଦୃଶ ହୋଇଥିବାର ସାଧାରଣରେ କୁହାଯାଉଛି। ରାସ୍ତା ମରାମତି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଥିବା କାରଣରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ଠିକାଦାର ମନମୁଖୀ ଭାବେ ଅତ୍ୟନ୍ତ ର-ଠ ଭାବେ ମରାମତି କାର୍ଯ୍ୟ କରିଥିବା ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି ବେଳେ ସାଲେପୁର ପୂର୍ତ୍ତ ବିଭାଗର କୌଣସି ବିଭାଗୀୟ ଅଧିକାରୀ କାର୍ଯ୍ୟର ତଦାରଖ କରି ନଥିବା କାରଣରୁ ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରିଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି।

## ୨୭ ଗ୍ୟାସ୍ ସିଲିଣ୍ଡର ଜବତ; ଜଣେ ଅଟକ



**ମାହାଙ୍ଗା,୧୦।୧୨(ସମିସ):** ଗାଁ ମଝିରେ ବିପଦସଙ୍କୁଳ ଭାବେ ଚାଲିଥିଲା ବେଆଇନ ଗ୍ୟାସ ସିଲିଣ୍ଡର ଚୋରା କାରବାର। ଖବର ପାଇ ପୁଲିସ ବେଆଇନ ଗ୍ୟାସ ଡିପୋରେ ଚଢ଼ଉ କରିଛି। ମାହାଙ୍ଗା ବ୍ଲକ ବାସୁଦେବପୁର ଗାଁରେ ଦୀର୍ଘ ଦିନ ଧରି ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ଚୋରା ବ୍ୟବସାୟ ଚାଲୁଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଉପରେ ପୁଲିସ ୨୭ଟି ଚୋରା ଗ୍ୟାସ ସିଲିଣ୍ଡର ଜବତ କରିଥିଲା ବେଳେ ଏହି ଗ୍ୟାସର କାରବାରର ମୁଖ୍ୟ କୁହାଯାଉଥିବା ସୁଧାଂଶୁ ସାହୁଙ୍କୁ ପୁଲିସ ଉଠାଇ ନେଇଥିବା ଜଣାଯାଇଛି। ତେବେ ସୁଧାଂଶୁ ନିଜ ଘରେ ଏତେ ପରିମାଣରେ ବେଆଇନ ଗ୍ୟାସ ସିଲିଣ୍ଡର ରଖି ବ୍ୟବସାୟ କରୁଥିବା କାରଣରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଥିଲେ।

## ରେଡ୍‌କ୍ରସର ଓରିଏଣ୍ଟେସନ କର୍ମଶାଳା



**ତିଗିରିଆ,୧୦।୧୨(ସମିସ):** ତିଗିରିଆ ନିଜିଗଡସ୍ଥିତ ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦିନିକିଆ ଉପଖଣ୍ଡସ୍ତରୀୟ ଜୁନିଅର ରେଡକ୍ରସ କାଉନସିଲର ଓରିଏଣ୍ଟେସନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଙ୍ଗୋ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତକର୍ମଶାଳାରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବଡମ୍ବା ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ପାର୍ଥସାରଥୀ ମଲ୍ଲିକ, ପୂର୍ବତନ ଜିଲ୍ଲା ଜୁନିଅର ରେଡ଼କ୍ରସ ଅଫିସର ମିହିର ପରିଡା, ଜିଲ୍ଲା ଜୁନିଅର ରେଡ଼କ୍ରସ ଯୁଗ୍ମ ସମ୍ପାଦକ ପରେଶ ମଲ୍ଲ, ପ୍ରାଥମିକ ଚିକିତ୍ସା ଅଧ୍ୟାପକ ହିରଣ୍ମୟୀ ସାମଲ ଓ ଦେବପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଆଠଗଡ, ତିଗିରିଆ, ବଡମ୍ବା ଓ ନରସିଂହପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ମୋଟ ୮୦ ଜଣ ରେଡକ୍ରସ ଶିକ୍ଷକ (କାଉନସେଲର) ଯୋଗଦେଇଥିଲେ।

## କୁରାଳ ପଞ୍ଚମୀ ଉତ୍ସବ ଉଦ୍‌ଯାପିତ

**ଟାଙ୍ଗୀ,୧୦।୧୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ବିରଚିନ୍ତାମଣିପୁର ଗ୍ରାମରେ କୁମ୍ଭକାରଙ୍କ ପ୍ରମୁଖ ପର୍ବ କୁରାଳ ପଞ୍ଚମୀ ତିନିଦିନିଆ ମହୋତ୍ସବ ଉଦଯାପିତ ହୋଇଯାଇଛି। ଗ୍ରାମରେ କୁମ୍ଭକାର ଶିଳ୍ପୀଙ୍କ ଦ୍ୱାରା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୃଣ୍ମୟୀ ପ୍ରତିମା ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥିଲା। ନିକଟସ୍ଥ ହଳଦୀବସନ୍ତ, ସପନପୁର, ଗରୁଡ଼ଗାଁ ଓ ସଫା ଗ୍ରାମର ସଙ୍କୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନ କୀର୍ତ୍ତନ କରାଯାଇ କୁମ୍ଭୀର ଖାତରେ ତ୍ରିମୂର୍ତ୍ତିଙ୍କୁ ବିସର୍ଜନ କରାଯାଇଥିଲା। ଏହି ଅବସରରେ କମିଟି ସଭାପତି ଭାବେ ଚନ୍ଦ୍ରମଣି ବେହେରା, ଉପସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ସଞ୍ଜୟ ବେହେରା ଏବଂ କୋଷାଧ୍ୟକ୍ଷ ଭାବେ ବିକାଶ ସେନାପତିଙ୍କୁ ମନୋନୀତ କରାଯାଇଥିଲା।

## ପଦାରେ ପଡ଼ିଲା ଗୋଷ୍ଠୀକନ୍ଦଳ



**ନିଆଳି,୧୦।୧୨(ସମିସ):** ବୁଧବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ତ୍ରିଲୋଚନେଶ୍ୱର ନୋଡାଲ୍ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଆସୁଥିବା ବେଳେ ନିଆଳି ବଜାରରେ ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖିବାକୁ ମିଳିଥିଲା। ମନ୍ତ୍ରୀଙ୍କ ଆସିବା ପ୍ରାୟ ଏକଘଣ୍ଟା ପୂର୍ବରୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିଜେପିର ଦୁଇଟି ଗୋଷ୍ଠୀ ଅଲଗା ଅଲଗା ଭାବେ ଠିଆ ହୋଇଥିଲେ। ଗୋଟିଏ ଗୋଷ୍ଠୀରେ ବିଧାୟକଙ୍କ ଅନୁଗତମାନେ ରହିଥିବା ବେଳେ ଆଉ ଗୋଟିଏ ପଟେ ଦଳର ମଣ୍ଡଳ ସଭାପତି ଓ ତାଙ୍କ ସମର୍ଥକ ଠିଆ ହୋଇଥିଲେ। ମନ୍ତ୍ରୀଙ୍କ ଗାଡ଼ି ପାଖାପାଖି ହୋଇଯିବା ପରେ ମନ୍ତ୍ରୀଙ୍କୁ ସ୍ୱାଗତ ପାଇଁ ଗୋଟିଏ ଗୋଷ୍ଠୀ ଆଗକୁ ଆସୁଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ତାଙ୍କ ଆଗକୁ ଆସୁଥିଲା। ଏମିତିକି କିଛି ସମୟ ପାଇଁ ଉଭୟ ଗୋଷ୍ଠୀର କର୍ମୀମାନେ ନିଆଳି ମେଡିକାଲ ଛକଠାରୁ ୫୦ ମିଟର ଆଗକୁ ପଳାଇ ଆସିଥିଲେ। ମନ୍ତ୍ରୀଙ୍କ ଗାଡ଼ି ଲାଗିବା ପରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେବା ପାଇଁ ଆରମ୍ଭ ହୋଇଥିଲା ଦୁଇଗୋଷ୍ଠୀଙ୍କ ମଧ୍ୟରେ ପ୍ରତିଯୋଗିତା। କର୍ମୀଙ୍କ ମଧ୍ୟରେ ଠେଲାପେଲା ହେଉଥିବା ବେଳେ ସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ନୟାନ୍ତ ହୋଇପଡ଼ିଥିଲା। ପରେ ମନ୍ତ୍ରୀଙ୍କୁ ଜଲ୍ଲାରପୁର ଛକଠାରେ ବିଜେପିର ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପଣ୍ଡାଙ୍କ ସମର୍ଥକମାନେ ମଧ୍ୟ ସମ୍ବର୍ଦ୍ଧିତ କରିଥିବା ବେଳେ ମାଧବ ହାଇସ୍କୁଲ ସମ୍ମୁଖରେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳର ବିଜେପି କର୍ମୀ ଓ ଜନପ୍ରତିନିଧି ସ୍ୱାଗତ କରିଥିଲେ। କପାସୀଠାରେ ମନ୍ତ୍ରୀ, ବିଧାୟକ ଓ ରାଜ୍ୟପ୍ରବକ୍ତାଙ୍କୁ ସ୍ୱାଗତ କରାଯିବା ସହ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇଥିଲା।

## ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ଦେହାନ୍ତ

**ମାହାଙ୍ଗା,୧୦।୧୨(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଦେବରିଓ ଗ୍ରାମର ନକୁଳ ଚରଣ ଖଟୁଆ (୭୫)ଙ୍କ



ଦେହାନ୍ତ ହୋଇଯାଇଛି। ସେ ବିଦ୍ୟୁତ୍ ବିଭାଗରେ ଲାଇନମ୍ୟାନ ଭାବେ କାର୍ଯ୍ୟ କରି ଆସିଥିଲେ ସେ ଜଣେ ଧର୍ମପରାୟଣ, ସରଳ, କର୍ମପ୍ରବଣ, ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମରଶରୀର ନିକଟରେ ଝିଅ, ଜ୍ୱାଇଁ, ବନ୍ଧୁବାନ୍ଧବ, ପୁତ୍ର ଓ ପୁତ୍ରବଧୂ ଉପସ୍ଥିତ ଥିଲେ। ମରଶରୀରକୁ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିବା ବେଳେ କନିଷ୍ଠ ପୁତ୍ର ଦୀପକ ଖଟୁଆ ମୁଖାଗ୍ନି ଦେଇଥିଲେ।

## ଗୁରୁ ଗଙ୍ଗାଧର ସାହୁଙ୍କ ସ୍ମୃତି ଉତ୍ସବ



**ଭଦ୍ରେଶ୍ୱର,୧୦।୧୨(ସମିସ):** ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ ବନଗୁରିଆ ଗ୍ରାମରେ ବିଶିଷ୍ଟ ସଂକୀର୍ତ୍ତନ ଗୁରୁ ଖ୍ୟାତନାମା ଅଭିନେତା ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଗଙ୍ଗାଧର ସାହୁଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବରେ ଏକ ସ୍ମୃତିସଭା ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ସ୍ୱର୍ଗତ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକ ଅଖିଳେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ଗୀତିକାର ବିଶେଶ୍ୱର ମହାନ୍ତି, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ ଅଲେଖଚନ୍ଦ୍ର ଦାସ, ସମାଜସେବୀ ରାମଚନ୍ଦ୍ର ମହାପାତ୍ର, ସଙ୍ଗୀତକାର ଲକ୍ଷ୍ମୀନାରାୟଣ ପୁରୋହିତ, କବି ପ୍ରଶାନ୍ତ କର, କଣ୍ଠଶିଳ୍ପୀ ନାରାୟଣ କର, ବିଶିଷ୍ଟ ନାଟ୍ୟକାର କିଶୋରଚନ୍ଦ୍ର ଦାସ ଯୋଗଦାନ କରିଥିଲେ।

## ସ୍କୁଲରେ ଅଗ୍ନି ନିର୍ବାପନ ସଚେତନତା



**ଫୁଲନଖରା,୧୦।୧୨(ସମିସ):** ସଦର ବ୍ଲକ ଅନ୍ତର୍ଗତ ସଇନ୍ଧା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଗ୍ନିର ଭୟବହତା ଓ ନିରାକରଣ ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗସ୍ଥିତ ଅଗ୍ନି ନିର୍ବାପକ କେନ୍ଦ୍ରର ପ୍ରକାଶଚନ୍ଦ୍ର ପାତ୍ର, ପ୍ରକାଶ ବେହେରା ଓ ଫାୟାର ଫାଇଟର ଦଶରଥ ଦାସ ଛାତ୍ରଛାତ୍ରୀଙ୍କୁ ସତର୍କତା ଅବଲମ୍ବନ ବିଷୟରେ ପୁଙ୍ଖାନୁପୁଙ୍ଖ ମକ୍‌ଡ୍ରିଲ୍ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ମିତାରାଣୀ ସାହୁଙ୍କ ସମେତ ସମସ୍ତ ସହକାରୀ ଶିକ୍ଷକଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

## ସରସ୍ୱତୀ କଳା ପରିଷଦର ବାର୍ଷିକ ଉତ୍ସବ ପ୍ରସ୍ତୁତି



**କନ୍ଦରପୁର,୧୦।୧୨(ସମିସ):** ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ୨୨ତମ ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି ବୈଠକ କଇଜଙ୍ଗା ମହାବୀର ପୀଠରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପ୍ରତିଭା ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ସମ୍ପାଦକ ଅଶୋକ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରୁ ମହାବୀରଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇ ପୂର୍ବତନ ସଂଯୋଜକ ସାମ୍ବାଦିକ ଚକ୍ରବର୍ତ୍ତୀ ଓତାଙ୍କ ବିୟୋଗରେ ପ୍ରାର୍ଥନା କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଦୈତାରୀ ପ୍ରଧାନ, ଉପଦେଷ୍ଟା ଅଧ୍ୟାପକ ବାସୁଦେବ ସ୍ୱାଇଁ, ସୌଭାଗ୍ୟ ବାରିକ, ବୀରବର ରାଉତ, ଭଗବାନ ପୃଷ୍ଟି, କଳାକାର ଅଜୟ ଭୂୟାଁ, ରଶ୍ମି ରଞ୍ଜନ ରାଉଳ, ଚକ୍ରଧର ମହାଳି, ରାଜା ମହାନ୍ତି, ଚୈତନ୍ୟ ନାୟକ, ପିଣ୍ଟୁ ନାୟକ, ରାଜେନ୍ଦ୍ର ରଣା, କୋଷାଧ୍ୟକ୍ଷ ଇଂ.ସେବକ ଶ୍ରୀକାନ୍ତ, ଅଭିଭାବକ ଅଭିଭାବିକା ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ମାସ ଡିସେମ୍ବର ୨୬ରୁ ୨୮ ପର୍ଯ୍ୟନ୍ତ ତିନିଦିନ ଧରି କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବା ସହ ପ୍ରତିଭା ସମ୍ମାନ ସମାରୋହ, ସାହିତ୍ୟ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସେବାକାର୍ଯ୍ୟ, ପତ୍ର ପତ୍ରିକା ଉନ୍ମୋଚନ ଆଦି ବହୁ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା। ୨୮ ଡିସେମ୍ବରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ପରିଷଦର କାର୍ଯ୍ୟକର୍ତ୍ତା ଓ ସରସ୍ୱତୀ ସଂଗୀତ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ସାମାଜିକ ନାଟକ "ମୁଖା ପିନ୍ଧା ମଣିଷ' ମଞ୍ଚସ୍ଥ ହେବାର ଯୋଜନା ରହିଛି। ବୈଠକରେ ସହ ସାଂସ୍କୃତିକ ସମ୍ପାଦକ ଭାବେ ନୃତ୍ୟଶିଳ୍ପୀ ଶୁଭାକାଂକ୍ଷୀ ଭୋଇ, ସଂଯୋଜକ ଭାବେ କଣ୍ଠଶିଳ୍ପୀ ଇ. ଅମିୟ ରଞ୍ଜନ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହସମ୍ପାଦକ ପ୍ରଭାତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ବାସୁଦେବପୁର ବଜାରରୁ ଜବରଦଖଲ ଉଚ୍ଛେଦ

ମାହାଙ୍ଗା,୧୦।୧୨(ସମିସ):



ବରଅଠା-କଲ୍ୟାଣପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବା ବେଳେ ଅଧିକାଂଶ ସ୍ଥାନରେ ଏହି ରାସ୍ତା ଜବରଦଖଲରେ ଥିବାରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏନେଇ ବାରମ୍ବାର

**କଲ୍ୟାଣପୁର କେବେ !**

ଅଭିଯୋଗ ପରେ ଏହି ସଡ଼କର ଯେଉଁ ଅଞ୍ଚଳ ଦେଇଯାଇଛି, ସେସବୁ ଅଞ୍ଚଳରେ ନିର୍ଦ୍ଦିଷ୍ଟ କେତେକ ସ୍ଥାନ ଅବରୋଧ ମୁକ୍ତ ପାଇଁ ନୋଟିସ ଜାରି ହୋଇଥିଲା। ଆଜି ଏହି ରାସ୍ତାର ବାସୁଦେବପୁର ବଜାର ଉପରେ ଥିବା ସମସ୍ତ ବେଆଇନ ଦୋକାନ ଗୃହଗୁଡିକ ଭାଙ୍ଗି ଦିଆଯାଇଛି। ସେମାନେ ଏହି ବଜାର ଉପରେ ବେଆଇନ ଭାବେ ସରକାରୀ ଜାଗାକୁ ଜବରଦଖଲରେ ରଖିବା ନେଇ ଦୀର୍ଘ ବର୍ଷ ତଳୁ ଅଭିଯୋଗ ହୋଇଆସୁଥିଲା। ତେବେ ନୂଆ ରାସ୍ତା ନିର୍ମାଣ ପାଇଁ ଏହି ବଜାର ଉପରେ ଗଢି ଉଠିଥିବା ଘର ଗୁଡିକୁ ଭାଙ୍ଗି ଦେବାକୁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ବେଆଇନ ଭାବେ ସରକାରୀ ଜମିକୁ ନିଜ ଦଖଲରେ ରଖିଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ ପାଇଁ ତହସିଲ ପ୍ରଶାସନ ପୂର୍ବରୁ ନୋଟିସ ଜାରି କରିଥିଲା। ବୁଧବାର ମାହାଙ୍ଗା ତହସିଲଦାର ଶୁଭାଶିଷ ପାଲଟାଙ୍କ ନେତୃତ୍ୱରେ ସ୍ଥାନୀୟ ଆଇଆଇସି ତପନ ରାଉତଙ୍କ ସହ ସ୍ଥାନୀୟ ପୁଲିସ ଫୋର୍ସ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ, ଠିକା ସଂସ୍ଥାର ମୁଖ, ବାସୁଦେବପୁର ବଜାର ଉପରେ ପହଞ୍ଚିବା ପରେ ପୁଲିସ ଫୋର୍ସ ସହାୟତାରେ ଜେସିପି ଲଗାଇ ବଜାରର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଘର ଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗିଦିଆ ଯାଇଥିଲା। ପ୍ରଶାସନ ପକ୍ଷରୁ ଦୋକାନ ହରାଇଥିବା କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଉପଯୁକ୍ତ ସ୍ଥାନରେ ପୁନଃ ଥଇଥାନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। ଅନ୍ୟପକ୍ଷରେ କୁହୁଣ୍ଡା ପଞ୍ଚାୟତର କଲ୍ୟାଣପୁର ଗ୍ରାମରେ ଏହି ସଡ଼କକୁ ଅଧିକାଂଶ ପରିବାର ପକ୍ଷରୁ ଅବରୋଧ କରାଯାଇଥିବା ପ୍ରଶାସନର ଦୃଷ୍ଟିକୁ ଆସିବା ପରେ ମାପଚୁପ ପାଇଁ ନୋଟିସ ଜାରି ହୋଇଥିଲା। କିନ୍ତୁ ମାପଚୁପ ଏ ଯାବତ ହୋଇପାରି ନାହିଁ। ସମ୍ପୃକ୍ତ କୁହୁଣ୍ଡା ରାଜସ୍ୱ ଗ୍ରାମର କଲ୍ୟାଣପୁର ଗ୍ରାମକୁ ପୁନଃ ମାପଚୁପ କରି ସୀମା ନିର୍ଦ୍ଧାରଣ କରାଯିବାକୁ ଦାବି ହୋଇଛି। ଏହି ଗ୍ରାମରେ ସରକାରୀ ରାସ୍ତାକୁ ଜବରଦଖଲ ମୁକ୍ତ ପାଇଁ, ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ମଧ୍ୟ ଦାବି ହୋଇଛି। ତେବେ ଖୁବଶୀଘ୍ର ଆଇନଗତ ପ୍ରକ୍ରିୟା ଦେଇ ରାସ୍ତା ମାପ କରାଯିବ ଓ ବେଆଇନ ଦଖଲ ଉଚ୍ଛେଦ ହେବ ବୋଲି ସୂଚନା ମିଳିଛି।

## ବାଇକ୍ ଧକ୍କାରେ ବୃଦ୍ଧା ଗୁରୁତର



ବଡ଼ମ୍ବା,୧୦।୧୨(ସମିସ): ବେଲିଆପାଳ ଇଣ୍ଡିଆନ ବ୍ୟାଙ୍କ ନିକଟରେ ଏକ ବାଇକ ଧକ୍କାରେ ଏହି ଥାନା ଅଧୀନ ଇଛାପୁର ଗ୍ରାମର ସୁକାନ୍ତି ମହାପାତ୍ର (୭୫)ଗୁରୁତର ହୋଇଛନ୍ତି। ବୁଧବାର ମଧ୍ୟାହ୍ନରେ ସୁକାନ୍ତି ରାସ୍ତା ପାରି ହେଉଥିବା ବେଳେ କଟକରୁ ନରସିଂହପୁରକୁ ଯାଉଥିବା ଗୋଟିଏ ବାଇକ ତାଙ୍କୁ ପଛପାଖରୁ ଧକ୍କା ଦେବାରୁ ସୁକାନ୍ତି ରାସ୍ତରେ ଛିଟିକି ପଡିଥିଲେ। ଦୁର୍ଘଟଣା ଘଟାଇ ବାଇକ ଚାଳକ ସେହି ସ୍ଥାନ ଛାଡି ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକ ସୁକାନ୍ତିଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ମ୍ବା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଛନ୍ତି।

## ୧୭ କେଜି ଗଞ୍ଜେଇ ଜବତ; ୨ ଗିରଫ



ତିଗିରିଆ,୧୦।୧୨(ସମିସ): ୫୫ ନମ୍ବର ଜାତୀୟ ରାଜପଥରେ ଥିବା ଟୋଲ ଗେଟ ନିକଟକୁ ଖୁଣ୍ଟୁଣୀ ପୁଲିସ ବୁଧବାର ଏକ ଟାଟା ଏସି ଗାଡିରୁ ୧୭ କେଜି ଗଞ୍ଜେଇ ସହ ଟାଟା ଏସିର ଡ୍ରାଇଭର ସହ ବ୍ୟବସାୟ ସହ ସଂଶ୍ଳିଷ୍ଟ ଜଣେ ସହଯୋଗୀକୁ ଗିରଫ କରିଛି। ପୁଲିସକୁ ଫାଙ୍କିବା ପାଇଁ ଟାଟା ଏସଇ ପଛରେ ଏକ ଜରିପାଲ ଏବଂ ଚାରୋଟି ବିଲାତି ଟ୍ରେ ରଖାଯାଇ ତଳେ ଏକ ଚୋରା ଚାମ୍ବର କରାଯାଇ ଗଞ୍ଜେଇ ଚାଲାଣ କରାଯାଉଥିବାର ସୂଚନା ମିଳିଥିଲା। ଖୁଣ୍ଟୁଣୀ ଥାନା ପକ୍ଷରୁ ଆଇଆଇସି ରଞ୍ଜନ ପ୍ରଧାନ, ତଦନ୍ତକାରୀ ଅଫିସର ଶକୁନ୍ତଳା ଦାସ, ଏଏସଆଇ ପ୍ରିୟରଞ୍ଜନ ସେଠୀ, ଆଠଗଡ ତହସିଲଦାର କୁଂଜବିହାରୀ ବଡଜେନା, ମାଜିଷ୍ଟ୍ରେଟ କାଜଲ କୁମାର ମଲ୍ଲିକ ପ୍ରମୁଖ ୫୫ ନମ୍ବର ଜାତୀୟ ରାଜପଥରେ ଥିବା ଟୋଲଗେଟ୍ ନିକଟରେ ଗାଡି ଯାଞ୍ଚ ସମୟରେ ଢେଙ୍କାନାଳ ପଟୁ ମଙ୍ଗୁଳି ଆସୁଥିବା ଏକ ଟାଟା ଏସି ନମ୍ବର ଓଡି ୦୫ ବିଜି ୧୬୫୦କୁ ଯାଞ୍ଚ କରିବାରେ ଗାଡି ମଧ୍ୟରୁ ୧୭ କେଜି ଗଞ୍ଜେଇ ମିଳିଥିଲା। ଖୁଣ୍ଟୁଣୀ ପୁଲିସ ପକ୍ଷରୁ ଗାଡିର ଡ୍ରାଇଭର ସୁରେନ୍ଦ୍ର ରାଉତ ଓ ସହଯୋଗୀ ସୁକାନ୍ତ ମହାରଣାଙ୍କୁ ଗିରଫ କରାଯାଇଛି। ଜବତ ଗାଡିଟି ରେଢାଖୋଲରୁ ମଙ୍ଗୁଳି ଯାଉଥିବାର ସୂଚନା ହସ୍ତଗତ ହୋଇଛି।

## ବିଏଜେଏସ୍ଏସ୍ ସଭାପତିଙ୍କ ପରଲୋକରେ ଶୋକ

ଚୌଦ୍ୱାର,୧୦।୧୨(ସମିସ): ସର୍ବଭାରତୀୟ ସେବା ଅନୁଷ୍ଠାନ ଭାରତୀୟ ଆଦିମଜାତି ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୟନଚାନ୍ଦ ହେମ୍ବ୍ରମଙ୍କ ପରଲୋକ ହୋଇଯାଇଛି। ସ୍ୱର୍ଗତ ହେମ୍ବ୍ରମ୍ଙ୍କ ବିୟୋଗରେ ହିନ୍ଦ୍ ସେବକ ସଂଘ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ ଏକ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି ଯେ ହିନ୍ଦ୍ ସେବକ ସଂଘର ତତ୍କାଳୀନ ବରିଷ୍ଠ ସଦସ୍ୟ ଠକ୍କର ବାପା, ବାବୁ ରାଜେନ୍ଦ୍ର ପ୍ରସାଦ ଏବଂ ଅନ୍ୟ କେତକ ମହାନ୍ ରାଷ୍ଟ୍ରବାଦୀ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସଂଗଠନ ଦେଶର ଆଦିବାସୀଙ୍କ କଲ୍ୟାଣ ତଥା ବିକାଶ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ସ୍ୱର୍ଗତ ହେମ୍ବ୍ରମ ଯୁବାବସ୍ଥାରୁ ଆଦିବାସୀ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ସହିତ ବିଏଜେଏସ୍ଏସ୍ ଭଳି ସର୍ବଭାରତୀୟ ସଂଗଠନର ନେତୃତ୍ୱ ନେବାର ଗୌରବ ଅର୍ଜନ କରିଥିଲେ।

## ବିଦ୍ୟାପୀଠ ପ୍ରତିଷ୍ଠାତାଙ୍କ ଜୟନ୍ତୀ



ତ୍ରିଶୂଳିଆ,୧୦।୧୨(ସମିସ): ବାରଙ୍ଗସ୍ଥିତ ପିଏମଶ୍ରୀ ଝୁନଝୁନୱାଲା ବିଦ୍ୟାପୀଠର ପ୍ରତିଷ୍ଠାତା ଦେଓକରଣ ଝୁନଝୁନୱାଲାଙ୍କ ୧୧୫ତମ ଜୟନ୍ତୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟକୁ ତାଙ୍କର ଅବଦାନ ସମ୍ପର୍କରେ ବିଦ୍ୟାଳୟ ଆଲୁମନି କମିଟିର ସଦସ୍ୟ ପ୍ରଶଂସା କରିବା ସହ ଝୁନଝୁନୱାଲାଙ୍କ ବ୍ୟକ୍ତିତ୍ୱ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଆଲୁମନି କମିଟିର ସଦସ୍ୟ ନିରଞ୍ଜନ ସାହୁ, ଦୀନବନ୍ଧୁ ସାହୁ, ଅର୍ଜୁନ ଚରଣ ମହାରଣା, ଏସଏମସି ସଭ୍ୟ ଜୟଦେବ ବେହେରା, ସସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆରତୀ ରାଉତଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ। ସୁରେନ୍ କୁମାର ଝୁନଝୁନୱାଲା ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ପାଇଁ ଭୋଜିର ଆୟୋଜନ କରିଥିଲେ।

# ନିଖୋଜର ୪୦ ବର୍ଷ ପରେ ଗାଁକୁ ଫେରିଲା ପୁଅ

■ ଜମରା ଗ୍ରାମରେ ଖେଳିଗଲା ଖୁସିର ଲହରୀ
■ ଶୋଭାଯାତ୍ରାରେ ପାଛୋଟି ନେଲେ ଗ୍ରାମବାସୀ
■ କୋଲକାତାର ସର୍କସ ଦଳରେ ଥିଲେ ନୃସିଂହ ଚରଣ



ନିଶ୍ଚିନ୍ତକୋଇଲି,୧୦।୧୨(ସମିସ): ସମୟ ବଦଳିଯାଏ, କିନ୍ତୁ ରକ୍ତର ସମ୍ପର୍କ କେବେ ବଦଳେ ନାହିଁ। ଏହି ଉକ୍ତିଟି ଆଜି ନିଶ୍ଚିନ୍ତକୋଇଲି ବ୍ଲକ ଜମରା ଗ୍ରାମରେ ସତ ପ୍ରମାଣିତ ହୋଇଛି। ରହସ୍ୟଜନକ ଭାବେ ନିଖୋଜ ହେବାର ଦୀର୍ଘ ୪୦ ବର୍ଷ ପରେ ଜଣେ ପୁଅ ନିଜର ପୈତୃକ ବାସଭବନକୁ ଫେରିବା ଭଳି ଏକ ହୃଦୟସ୍ପର୍ଶୀ ତଥା ଅବିଶ୍ୱସନୀୟ ଘଟଣା ସମଗ୍ର ଅଞ୍ଚଳରେ ଚହଳ ସୃଷ୍ଟି କରିଛି। ଜମରା ଗ୍ରାମର ହରିହର ମଳିକଙ୍କ ଚତୁର୍ଥ ପୁତ୍ର ନୃସିଂହ ଚରଣ ମଳିକ (ବାବୁଲା)। ଆଜକୁ ୪୦ ବର୍ଷ ପୂର୍ବେ, ଯେତେବେଳେ ତାଙ୍କୁ ମାତ୍ର ୧୮ ବର୍ଷ ବୟସ ହୋଇଥିଲା, ସେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାରଲୋକେ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ନୃସିଂହଙ୍କ କୌଣସି ପତ୍ତା ମିଳିନଥିଲା। ପୁଅକୁ ହରାଇ ପିତାମାତା ଶୋକରେ ଭାଙ୍ଗି ପଡ଼ିଥିଲେ। ତେବେ ଭାଗ୍ୟର ବିଧାନ ଥିଲା କିଛି ଅଲଗା। ନିଖୋଜ ନୃସିଂହ ସୁଦୂର କୋଲକାତା ଯାଇ ସେଠାରେ ଏକ ସର୍କସ ଦଳରେ ଯୋଗ ଦେଇଥିଲେ। ସେଠାରେ ରହି ସେ ନିଜର ଜୀବିକା ନିର୍ବାହ କରିବା ସହ ବିବାହ ମଧ୍ୟ କରିଥିଲେ। ତାଙ୍କର ଦୁଇଟି ପୁତ୍ର ସନ୍ତାନ ଅଛନ୍ତି। ନିଜର ପରିବାର ଗଢ଼ିଥିଲେ ମଧ୍ୟ ମନ ଭିତରେ କେଉଁଠି ନା କେଉଁଠି ନିଜ ଜନ୍ମଭୂମି ଓ ପରିବାର ପାଇଁ ଏକ ଦରଦ ରହିଥିଲା। ଦୀର୍ଘ ୪୦ ବର୍ଷ ପରେ କୌଣସି ସୂତ୍ରରୁ ନିଜ ଗାଁର ସନ୍ଧାନ ପାଇ ଆଜି ନୃସିଂହ ନିଜ ପତ୍ନୀ ଓ ଦୁଇ ପୁଅଙ୍କ ସହ ଜମରା ଗ୍ରାମରେ ପହଞ୍ଚିଥିଲେ। ତାଙ୍କୁ ଗାଁରେ ଦେଖି ପରିବାରଲୋକଙ୍କ ଆଖିରେ ଖୁସିର ଲୁହ ଜକେଇ ଆସିଥିଲା। ପୁଅକୁ ଦୀର୍ଘ ବର୍ଷ ପରେ ପାଇ ପରିବାରରେ ଖୁସିର ଲହରି ଖେଳି ଯାଇଛି। ଗ୍ରାମବାସୀମାନେ ନିଜର ଏହି ହଜିଲା ପୁଅକୁ ସ୍ୱାଗତ କରିବା ପାଇଁ ଏକଜୁଟ୍ ହୋଇଯାଇଥିଲେ। ଏକ ବିରାଟ ଶୋଭାଯାତ୍ରା ଓ ବାଦ୍ୟରୋଳ ମଧ୍ୟରେ ତାଙ୍କୁ ସପରିବାର ଗାଁ ଭିତରକୁ ପାଛୋଟି ନିଆଯାଇଥିଲା। ଗାଁର ପରିବେଶ କୌଣସି ଯାନିଯାତ୍ରାଠାରୁ କମ୍ ନ ଥିଲା। ନୃସିଂହ ସପରିବାର ନିଜ ପୈତୃକ ଭିଟା ମାଟିକୁ ଫେରିଆସିବା ଘଟଣା ଜମରା ଗ୍ରାମ ପାଇଁ ଏକ ବିରଳ ଓ ସ୍ମରଣୀୟ ମୁହୂର୍ତ୍ତ ହୋଇଛି।

## ହତ୍ୟା ତଦନ୍ତରେ ଶିଥିଳତା ଅଭିଯୋଗ
## ଥାନା ସମ୍ମୁଖରେ ପରିବାର ଲୋକଙ୍କ ଅନଶନ



ନରସିଂହପୁର,୧୦।୧୨(ସମିସ): ନରସିଂହପୁର ଥାନା ଅନ୍ତର୍ଗତ ଚତରପଡ଼ା ଗ୍ରାମ ନିକଟସ୍ଥ ପିଚ୍ଛୁଳି ଘାଟି ଜଙ୍ଗଲରେ ଉଦ୍ଧାର ହୋଇଥିବା ଶବ ହତ୍ୟା ଘଟଣାର ତଦନ୍ତରେ ଅହେତୁକ ବିଳମ୍ବ ହେଉଥିବା ଅଭିଯୋଗ କରି ମୃତକଙ୍କ ପରିବାର ଲୋକେ ଆଜି ଥାନା ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ଟୁଲୁକାର ମୂଳ ବାସିନ୍ଦା ତଥା କଣ୍ଠାଳ ସଡକ ସାହିର ସ୍ଥାୟୀ ବାସିନ୍ଦା ଅଭିମନ୍ୟୁ ଭୋଇଙ୍କ ମୃତଦେହ ଗତ ନଭେମ୍ବର ୧୧ ତାରିଖ ଦିନ ନରସିଂହପୁର-ଅନୁଗୁଳ ମୁଖ୍ୟରାସ୍ତାର ପିଚ୍ଛୁଳି ଘାଟିର ଦ୍ୱିତୀୟ ବାଙ୍କ ନିକଟ ଜଙ୍ଗଲରେ ପଡ଼ିଥିବା ଅବସ୍ଥାରେ ସ୍ଥାନୀୟ ପୁଲିସ ଉଦ୍ଧାର କରିଥିଲା। ଏହି ମୃତ୍ୟୁକୁ ନେଇ ଅଭିମନ୍ୟୁଙ୍କ ସ୍ତ୍ରୀ କବିତା ଭୋଇ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ଥାନାରେ ଏତଲା ଦେଇଥିଲେ ଏବଂ ଏନେଇ ନରସିଂହପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହେବାର ପ୍ରାୟ ଚାରି ସପ୍ତାହ ବିତି ଯାଇଥିଲେ ମଧ୍ୟ ତଦନ୍ତରେ ଆବଶ୍ୟକୀୟ ତ୍ୱରିତ ପଦକ୍ଷେପ ନିଆଯାଇ ନ ଥିବା ଏବଂ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅଭିମନ୍ୟୁଙ୍କ ପରିବାର ଏପର୍ଯ୍ୟନ୍ତ ନ୍ୟାୟ ପାଇ ନଥିବା କାରଣରୁ ବୁଧବାର ଦିନ ସେମାନେ ନରସିଂହପୁର ଥାନା ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ପରିବାର ଲୋକେ ଦାବି କରିଛନ୍ତି ଯେ ପର୍ଯ୍ୟନ୍ତ ନ୍ୟାୟ ନ ମିଳିଛି, ସେ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ। ଏ ସମ୍ପର୍କରେ ନରସିଂହପୁର ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି ଯେ ଏହି ଘଟଣାର ତଦନ୍ତ ଜାରି ରହିଛି। ତେବେ ପରିବାର ଲୋକଙ୍କ ଆମରଣ ଅନଶନ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

## ସପ୍ତମ ସନ୍ଧ୍ୟାରେ ମନମୋହିଲା ଗୋଟିପୁଅ ନୃତ୍ୟ

**ଦର୍ଶକଙ୍କୁ ଝୁମାଇଲା ସୁରମିଳନ ମେଲୋଡି**



ବଡ଼ମ୍ବା,୧୦।୧୨(ସମିସ): ରତାପାଟ ଆଞ୍ଚଳିକ ମହାଲକ୍ଷ୍ମୀ ମହୋତ୍ସବ ସପ୍ତମ ଦିବସ କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସଭାପତି ରଜନୀକାନ୍ତ ବଳବନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରତାପାଟ ମା' ମହାଲକ୍ଷ୍ମୀ ପୂଜା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ନୃତ୍ୟ ପରିବେଷଣ ସାଙ୍ଗକୁ ପୁରୀ ଜିଲ୍ଲାର ଗୋଟିପୁଅ ନୃତ୍ୟ ଓ ସୁରମିଳନ ମେଲୋଡିରେ ଝୁମିଲେ ଦର୍ଶକ। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ରତାପାଟ ସରପଞ୍ଚ ମଗୀରାମ ବେହେରା, ସମିତିସଭ୍ୟ ବିଦେଶୀ ବେହେରା, ମାଳତୀ ସରପଞ୍ଚ ରତ୍ନାକର ବେହେରା, ବଣିକ ସଂଘ ସମ୍ପାଦକ ସୋମନାଥ ଖୁଣ୍ଟିଆ, ସଭାପତି ମିହିର ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ ନାୟକ, ମହୋତ୍ସବ ସମ୍ପାଦକ ବାମନ ଚରଣ ପଲେଇ, ପ୍ରସନ୍ନ ପ୍ରଧାନ ପ୍ରମୁଖ ମଞ୍ଚକୁ ଆନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ସମ୍ବୋଧିତ କରିଥିଲେ। ସମୀର ରାଉତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆଜି ଅତି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ରାମଦୋଳି, ବାଣିଜ୍ୟ ମେଳା ଓ ଖାଦ୍ୟପେୟ ବେଶ୍ ଉପଭୋଗ୍ୟ ହୋଇଥିଲା।

## ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ନିଆଳି,୧୦।୧୨(ସମିସ): ନିଆଳି ବ୍ଲକ ଅନ୍ତର୍ଗତ ଷଡାଂଶ ପଞ୍ଚାୟତସ୍ଥିତ ତ୍ରିଲୋଚନେଶ୍ୱର ନୋଡାଲ୍ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ୨ ଦିନ ବ୍ୟାପି ହାଇସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଉଦ୍ଘାଟନୀ ଉତ୍ସବରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ଡମ୍ବରୁଧର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥରାଷ୍ଟ୍ରମନ୍ତ୍ରୀ ପଞ୍ଚାନନ୍ କାନୁନ୍‌ଗୋ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ସମ୍ମାନିତଅତିଥି ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ଆଇଆଇପିଏ ଦିଲ୍ଲୀ ରମାକାନ୍ତ ବାରିକ ଓ ବ୍ଲକ ଶିକ୍ଷାଧିକାରୀ କୁମରବର ସାମଲ, ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ବସନ୍ତ ରାଉତ ଯୋଗ ଦେଇଥିଲେ। ବୁଧବାର ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ୍ ଯୋଗଦେଇଥିଲେ। ରାଜ୍ୟ ବିଜେପି ପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଂଜନ ମହାନ୍ତି, ଶଶିକାନ୍ତ ଲେଙ୍କା ଓ ଗଣେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ସମସ୍ତ ପୂରାତନ, ନୂତନ ଛାତ୍ରଛାତ୍ରୀ ଶିକ୍ଷକମାନଙ୍କ ସହଭାଗିତାରେ ଏହି ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରାକ୍ତନ୍ ଓଷ୍ଟାର କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ପୁରାତନ ଏବଂ ନୂତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏ ଅଞ୍ଚଳର ସମସ୍ତ ସ୍କୁଲ ଏବଂ ଶିକ୍ଷାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍ଘାଟନୀ ଓ ଉଦ୍ଯାପନୀ ଉତ୍ସବର ଶେଷ ସଂଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନୂଆସାହି ଶ୍ମଶାନ ରାସ୍ତାର ଆଲୋକୀକରଣ



ଚୌଦ୍ୱାର,୧୦।୧୨(ସମିସ): ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ଅନ୍ତର୍ଗତ ନୂଆସାହି ଶ୍ମଶାନ ରାସ୍ତାକୁ ଆଲୋକୀକରଣ କରାଯାଇଛି। ଏହି ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଶବ ନେବା ଓ ଦାହକାର୍ଯ୍ୟ କରିବାରେ ଲୋକେ ନାନାଦି ହଇରାଣ ହରକତ ହେଉଥିଲେ। ପୌରପାଳିକାର ୧୭ ଓ ୧୮ନଂ ୱାର୍ଡର ଲୋକେ ଶବଦାହ ପାଇଁ ନୂଆସାହି ଶ୍ମଶାନରେ ନିର୍ଭର କରିଥାନ୍ତି। ରାସ୍ତାରେ ଆଲୋକିକରଣ ପାଇଁ ୱାର୍ଡବାସୀ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ। ବୁଧବାର ପୌରପାଳିକା ତରଫରୁ ଉକ୍ତ ରାସ୍ତାରେ ଆଲୋକିକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ପୌରଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ପ୍ରମୁଖ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ନୂତନ ଭାବେ ଲାଗିଥିବା ୫ଟି ଲାଇଟ ଖୁଣ୍ଟର ଶୁଭ ଉଦ୍ଘାଟନ କରିଥିଲେ। ୱାର୍ଡରେ ଆବଶ୍ୟକ ଥିବା ଅନ୍ୟ ସ୍ଥାନରେ ଉଜ୍ଜ୍ୱଳ ଲାଇଟର ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ପୌରପାଳିକା ବିଦ୍ୟୁତ ବିଭାଗ କର୍ମଚାରୀ ବିମଳ ମହାନ୍ତି, ୱାର୍ଡ ଅଫିସର ରଶ୍ମିରଞ୍ଜନ ଦାସ, ଷ୍ଟ୍ରିଟ ଲାଇଟ ଯୋଗାଣକାରୀ ସଂସ୍ଥାର ଚୌଦ୍ୱାର ପ୍ରୋଜେକ୍ଟ ମ୍ୟାନେଜର ସୌରଭ ପାଣ୍ଡେ, ସୌରଭ ବିଶ୍ୱାଳ, ଅଙ୍କିତ କୁମାର, ୱାର୍ଡ ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ, ବିଭୁ କଲ୍ୟାଣ ମହାନ୍ତି, ଡାନିଏଲ ପାତ୍ରୀ, ରଜତ ପଣ୍ଡା, ଆକାଶ ବାରିକ, ଦୀପ୍ତିରଞ୍ଜନ ବେହେରା ଉପସ୍ଥିତ ଥିଲେ।

# ବିଲ୍ ନ ହୋଇ ପଡ଼ିରହିଛି ଏକାଧିକ ପ୍ରକଳ୍ପ



ଟାଙ୍ଗୀ,୧୦।୧୨(ସମିସ)

୯ଟି ପ୍ରକଳ୍ପରେ ଖର୍ଚ୍ଚ ହୋଇଛି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ୪ବର୍ଷ ତଳୁ ବିଶେଷକରି ପଞ୍ଚାୟତ ନିର୍ବାଚନ ପୂର୍ବରୁ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଆଜି ସୁଦ୍ଧା ଟଙ୍କାଟିଏ ବିଲ୍ ହୋଇନି। ଫାଇଲ୍ ହଜିବା ନାଁରେ ପ୍ରାୟ ୪ ବର୍ଷ ବିଲ୍ ଅଟକିବା ଓ ଫାଇଲ୍ ମିଳିବା ପରେ ଯୁଗ୍ମ ତଦନ୍ତ ନାଁରେ ବିଲ୍ ଅଟକିବା ଘଟଣା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ତଥା ଟାଙ୍ଗୀ ଅଞ୍ଚଳରେ ଆଲୋଚ୍ୟ ପାଲଟିଛି। ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୦୨୨ ମସିହା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଗ୍ରାମାଞ୍ଚଳ ବିକାଶକୁ ପ୍ରାଧାନ୍ୟ ଦିଆଯାଇଥିଲା। ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଗାଁ କୁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିବା ସହ ତତ୍କାଳ ସମାଧାନ ନିମନ୍ତେ ସରକାରୀ ନିର୍ଦ୍ଦେଶ ରହିଥିଲା। ତଦନୁଯାୟୀ କୋଟସାହି ପଞ୍ଚାୟତର ଶ୍ମଶାନଗୃହ ନିର୍ମାଣ ସହ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା, ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ, ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଉନ୍ନତିକରଣ, ପୋଖରୀ ଓ ନଳକୂପ ପୁନଃରୁଦ୍ଧାର, କଲଭର୍ଟ ନିର୍ମାଣ ଏବଂ ଡ୍ରେନେଜ୍ କାର୍ଯ୍ୟ କରାଯାଇଥିଲା। ବିଭାଗୀୟ କାର୍ଯ୍ୟାଦେଶ ଯୋଗୁଁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲେ ହେଁ ମଧ୍ୟସ୍ଥ ସାଜି କାର୍ଯ୍ୟ କରିଥିଲେ କିଛି ଯୁବଗୋଷ୍ଠୀ ତଥା ଅନୁଷ୍ଠାନ। ଏଥିରେ ସହଯୋଗ କରିଥିଲେ ତତ୍କାଳୀନ ସରପଞ୍ଚ ଅମୂଲ୍ୟ କୁମାର ସାହୁ। ମାତ୍ର ବିଲ୍ କଲାବେଳକୁ କାର୍ଯ୍ୟ ସଂକ୍ରାନ୍ତ ସମସ୍ତ ଫାଇଲ ରାତାରାତି ଗାଏବ୍ ହୋଇଗଲା। ଏଥିସହ କୋଭିଡ଼ ସମୟର ଖର୍ଚ୍ଚ ଫାଇଲ ମଧ୍ୟ ହଜିଗଲା। ଫଳରେ ସମସ୍ତ ବିଲ୍ ଅଟକି ରହିଲା। ଉକ୍ତ ଘଟଣାକୁ ନେଇ ତତ୍କାଳୀନ ସରପଞ୍ଚ ଶ୍ରୀ ସାହୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଅଭିଯୋଗ ଦାଖଲ କଲେ। ଦୀର୍ଘ ବର୍ଷର ଦାବି ପରେ ୨୦୨୪ ମସିହା ଡିସେମ୍ବର ମାସରେ ହଜିଥିବା ଫାଇଲ ମିଳିଲା। କିନ୍ତୁ ବିଲ୍ ପୂର୍ବରୁ ବ୍ଲକ ପ୍ରଶାସନ ବିଭାଗୀୟ ଅଧିକାରୀଙ୍କୁ ନେଇ ଉନ୍ନୟନ କାର୍ଯ୍ୟର ଯୁଗ୍ମ ତଦନ୍ତ ନିର୍ଦ୍ଦେଶ ଦେଲେ। ଦୀର୍ଘ ୧୦ ମାସ ବିତିଲା ପରେ ଯୁଗ୍ମ କମିଟି ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କଲେ। ଯେଉଁଥିରେ ଉନ୍ନୟନ କାର୍ଯ୍ୟ ହୋଇଥିବା ସ୍ୱୀକାର କରାଯାଇଥିଲେ ହେଁ ଆବଶ୍ୟକ ଲେବଲ ବୁକ୍ ଓ ସୁପରଭିଜନ୍ ଠାରୁ ଆରମ୍ଭ କରି ପ୍ରି ମେଜରମେଣ୍ଟ ହୋଇନଥିବା ଦର୍ଶାଯାଇଛି। ଫଳରେ ବିଲ୍ କାର୍ଯ୍ୟ ଅଟକି ରହିଛି। ଏ ସଂକ୍ରାନ୍ତରେ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନାଙ୍କ ମତାମତ ନିଆଯାଇଥିଲା। ସମସ୍ତ କାର୍ଯ୍ୟର ପୁନଃ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଜେନା ମତ ଦେଇଥିଲେ। ତେବେ ଯୁଗ୍ମ କମିଟି ତଦନ୍ତ ରିପୋର୍ଟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନିଶ୍ଚିନ୍ତକୋଇଲି ବିଜେଡିର ବନ୍ଧୁମିଳନ



ନିଶ୍ଚିନ୍ତକୋଇଲି,୧୦।୧୨(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ଏକ ବନ୍ଧୁମିଳନ ବୁହାଳ ମଣିବାବା ସେବାଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବନେତା କଳ୍ପତରୁ ସେଠୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ। ବିଜେଡିର ବରିଷ୍ଠ କର୍ମୀ ତଥା ପୂର୍ବତନ ସରପଞ୍ଚ କ୍ଷୀରୋଦଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବ୍ଲକ ବିଜେଡି ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ତଥା ନଡକାଇ ସରପଞ୍ଚ ଜୟଦେବ ରାଉତ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ ସାମଲ, ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଶରତଚନ୍ଦ୍ର ବେହେରା ପ୍ରମୁଖ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡିର ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

## ଦୁଇ ନାବାଳିକା ନାଭି ମୁମ୍ବାଇରୁ ଉଦ୍ଧାର

ଆଠଗଡ଼,୧୦।୧୨(ସମିସ): ଗତ ଡିସେମ୍ବର ୧ ତାରିଖରୁ ନିଖୋଜ ଥିବା ଦୁଇ ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି ଆଠଗଡ଼ ପୁଲିସ। ସେମାନେ ନାଭି ମୁମ୍ବାଇରେ ଥିବା ବେଳେ ଗତକାଲି ମଙ୍ଗଳବାର ଆଠଗଡ଼ ଫେରୁଥିବା ବେଳେ କଟକର ତିନୋଟି ଜାଗାରୁ ସେମାନଙ୍କୁ ଉଦ୍ଧାର କରିବା ସହିତ ତାଙ୍କ ସହିତ ଯାଇଥିବା ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ରାଜବାଟୀ ନଗରର ଏବଂ କନ୍ତୋଲ ଅଞ୍ଚଳର ନାବାଳିକା ନିଖୋଜ ନେଇ ଅଭିଯୋଗ ହୋଇଥିଲା। ଆଠଗଡ଼ ପୁଲିସ ଦୁଇଟି କେସ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଦୁଇ ନାବାଳିକା ନବମ ଶ୍ରେଣୀରେ ପଢୁଥିବା ବେଳେ ଟ୍ୟୁସନ ପଢ଼ିବାକୁ ଆସି ସେଠାରୁ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନଠାରୁ ନିଖୋଜ ହୋଇଯାଇଥିଲା। ଆଠଗଡ ଥାନା ଅଧିକାରୀ ସୁମତି ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯିବାରୁ ସେମାନେ ମହାରାଷ୍ଟ୍ରର ନାଭି ମୁମ୍ବାଇରେ ଥିବା ଖବର ମିଳିଥିଲା। ସେମାନଙ୍କୁ ନେଇ ଯାଇଥିବା ଯୁବକଙ୍କ ଜଣେ ସାଙ୍ଗ ଜରିଆରେ ସେମାନଙ୍କୁ ଠାବ କରି ଓଡିଶା ଫେରିବାକୁ ପ୍ରବର୍ତ୍ତା ଯାଇଥିଲା। ଗତକାଲି ମଙ୍ଗଳବାର ସେମାନେ କୋଣାର୍କ ଏକ୍ସପ୍ରେସରେ ଓଡ଼ିଶା ଫେରୁଥିବା ବେଳେ କଟକର ବାଦାମବାଡ଼ି, ଓଏମପି ଛକ ଏବଂ ଲିଙ୍କରୋଡ ଅଞ୍ଚଳରୁ ସେମାନଙ୍କୁ ଠାବ କରି ଆଠଗଡ଼ ଥାନାକୁ ଅଣାଯାଇଥିଲା। ଉଭୟ ନାବାଳିକାଙ୍କ ବୟାନ ରେକର୍ଡ ପରେ ସେମାନଙ୍କୁ ଷ୍ଟେ ହୋମରେ ରଖାଯାଇଥିବା ଜଣାପଡିଛି। ସେମାନଙ୍କୁ ନେଇ ଯାଇଥିବା ତିଗିରିଆ ଥାନା ଅନ୍ତର୍ଗତ କଳିବିରି ଗ୍ରାମର ରାକେଶ ଦଳେଇ (୨୦)କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ସୁମତି ମହାନ୍ତି ସୂଚନା ଦେଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୦୦ • ପାଉଣ୍ଡ ୧୨୦.୦୭
- ୟୁରୋ ୧୦୫.୨୧ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୪୫୦ (ଭୁବନେଶ୍ୱର)
- ରୁପା : ୨,୦୫,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**


ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୩୯୧.୦୦
- ନିଫ୍ଟି ୨୫,୭୫୮.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ନୂଆବର୍ଷରୁ ରିଚାର୍ଜ ପ୍ଲାନ୍ ମହଙ୍ଗା !

## ଟେଲିକମ୍ କମ୍ପାନୀ ବଢ଼ାଇବେ ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍




**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ନୂଆ ବର୍ଷରୁ ଆପଣଙ୍କୁ ପୁଣି ଥରେ ମୋବାଇଲରେ କଥା ହେବା ଏବଂ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। କାରଣ ବର୍ଷର ଶେଷ ମାସରେ ଦେଶର ଟେଲିକମ୍ କମ୍ପାନୀଗୁଡିକ ସେମାନଙ୍କର ରିଚାର୍ଜ ପ୍ଲାନ୍ ବୃଦ୍‌ଦି କରିବାକୁ ଯାଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଟେଲିକମ୍ ଅପରେଟରମାନେ ସେମାନଙ୍କର ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍ ଦରରେ ୧୨% ଯାଏ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ବର୍ତ୍ତମାନ ଏ ସମ୍ପର୍କରେ ବର୍ତ୍ତମାନ ଖବର ସୋସିଆଲ ମିଡିଆରେ ଛାଇବାରେ ଲାଗିଛି। ଏହି ଖବର ଏବେ ଗ୍ରାହକମାନଙ୍କୁ ପୁଣି ଥରେ ଚିନ୍ତାରେ ପକାଇଛି। ଜିଓ,ଏୟାରଟେଲ୍ ଏବଂ ଭିଆଇ ଭଳି ପ୍ରମୁଖ ଟେଲିକମ୍ କମ୍ପାନୀଗୁଡ଼ିକ ନୂତନ ବର୍ଷରେ ସେମାନଙ୍କର ରିଚାର୍ଜ ପ୍ଲାନର ମୂଲ୍ୟ ବୃଦ୍ଧି କରିବେ। ସୋସିଆଲ ମିଡିଆରେ ପ୍ରସାରିତ ରିପୋର୍ଟ ଅନୁଯାୟୀ, କିଛି କମ୍ପାନୀ ସେମାନଙ୍କ ଗ୍ରାହକଙ୍କୁ ନୋଟିଫିକେସନ୍ ପଠାଇବା ମଧ୍ୟ ଆରମ୍ଭ କରିଛନ୍ତି।

ଟେଲିକମ୍ କମ୍ପାନୀଗୁଡ଼ିକ ବର୍ଦ୍ଧିତ ରିଚାର୍ଜ ପ୍ଲାନଗୁଡ଼ିକ ସମ୍ପର୍କରେ କୌଣସି ସରକାରୀ ବିଜ୍ଞପ୍ତି ଜାରି କରିନାହାଁନ୍ତି। ତେଣୁ, ପ୍ଲାନ ମୂଲ୍ୟ ସମାନ ରହିବ। ଏକ ରିପୋର୍ଟ ଅନୁଯାୟୀ, ଦେଶର ତିନୋଟି ପ୍ରମୁଖ ଟେଲିକମ୍ କମ୍ପାନୀ - ଜିଓ, ଏୟାରଟେଲ୍ ଏବଂ ଭୋଡାଫୋନ୍-ଆଇଡିଆ - ପ୍ରତି ଉପଭୋକ୍ତାଙ୍କ ହାରାହାରି ରାଜସ୍ୱ (ଏଆର୍‌ପିୟୁ) ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଫଳସ୍ୱରୂପ, ଆଗାମୀ ମାସଗୁଡ଼ିକରେ ରିଚାର୍ଜ ପ୍ଲାନଗୁଡ଼ିକ ୧୦-୧୨ ପ୍ରତିଶତ ମହଙ୍ଗା ହୋଇପାରେ। ଯଦି କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରନ୍ତି, ତେବେ ଏହା ୨୦୨୪ ପରଠାରୁ ସବୁଠାରୁ ବଡ଼ ବୃଦ୍ଧି ହେବ। ସାମ୍ପ୍ରତିକ ମାସଗୁଡ଼ିକରେ, ଜିଓ ଏବଂ ଏୟାରଟେଲ୍ ଚୁପଚାପ୍ ସେମାନଙ୍କର ଏଣ୍ଟ୍ରି-ଲେବଲ ୧ ଜିବି ଦୈନିକ ପ୍ରିପେଡ୍ ପ୍ଲାନଗୁଡ଼ିକୁ ବନ୍ଦ କରିଦେଇଛନ୍ତି, ଯାହା ବ୍ୟବହାରକାରୀମାନଙ୍କୁ ବାଧ୍ୟତାମୂଳକ ଭାବେ ଅଧିକ ମହଙ୍ଗା ପ୍ଲାନ୍ ଆଡ଼କୁ ଠେଲିଦେଇଛି। ଅଧିକାଂଶ ପ୍ରିପେଡ୍ ଡାଟା ଉପଭୋକ୍ତାଙ୍କ ପାଇଁ ନୂତନ ମୌଳିକ ଯୋଜନାଗୁଡ଼ିକ ଏବେ ପ୍ରତିଦିନ ଦେଢ଼ ଜିବିରୁ ଆରମ୍ଭ ହେଉଛି, ଯାହାର ମୂଲ୍ୟ ପ୍ରାୟ ୨୯୯ ଟଙ୍କା, ଯାହା ପୂର୍ବ ୨୪୯ ଟଙ୍କା ଯୋଜନାଠାରୁ ପ୍ରାୟ ୧୭% ବୃଦ୍ଧି।

ଟେଲିକମ୍ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ଏବଂ ୫ଜି ଭିତ୍ତିଭୂମି ବିସ୍ତାର ପାଇଁ ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଏୟାରଟେଲ୍ ଏବଂ ଭିଆଇ ଉଭୟ ଦୀର୍ଘ ସମୟ ଧରି ଟାରିଫ୍ ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ବର୍ତ୍ତମାନ,

### ୧୨% ଯାଏ ବଢ଼ିବ ରିଚାର୍ଜ ଦର

### ଏଣ୍ଟ୍ରି-ଲେବଲ ୧ ଜିବି ଦୈନିକ ପ୍ରିପେଡ୍ ପ୍ଲାନଗୁଡ଼ିକୁ ବନ୍ଦ

ସିଧାସଳଖ ମୂଲ୍ୟ ବୃଦ୍ଧି କରିବା ପରିବର୍ତ୍ତେ ଟେଲିକମ୍ କମ୍ପାନୀଗୁଡ଼ିକ ସେମାନଙ୍କର ଶସ୍ତା ପ୍ଲାନ୍‌ଗୁଡିକୁ ବନ୍ଦ କରୁଛନ୍ତି। ଯାହାଫଳରେ ଗ୍ରାହକମାନେ ଅଧିକ ମହଙ୍ଗା ଯୋଜନା କିଣିବାକୁ ବାଧ୍ୟ ହେବେ। ଏହି କୌଶଳଗୁଡ଼ିକ କମ୍ପାନୀଗୁଡ଼ିକୁ ପ୍ରତି ଉପଭୋକ୍ତାଙ୍କ ହାରାହାରି ରାଜସ୍ୱ (ଏଆର୍‌ପିୟୁ) ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଏମିତିକି କିଛି କମ୍ପାନୀ ମଧ୍ୟ ନଭେମ୍ବରରେ କିଛି ନିର୍ଦ୍ଦିଷ୍ଟ ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍ ଦର ବୃଦ୍ଧି କରିଛନ୍ତି। ଭିଆଇ ଏବଂ ଏୟାରଟେଲ୍ ଭଳି ଅପରେଟର ପ୍ଲାନ ଦର ୭%ରୁ ଅଧିକ ବଢ଼ାଇଛନ୍ତି। ଯେତେବେଳେ କି ବିଏସ୍‌ଏନ୍‌ଏଲ୍ ଭାଲିଡିଟି କମ୍ କରିଛି।

**ଭାରତ-ଆମେରିକା ବାଣିଜ୍ୟିକ ଆଲୋଚନା**

# ଟ୍ରମ୍ପ୍ ଅଧିକାରୀଙ୍କ ଦାବି; ଆମେରିକାକୁ ଭାରତର ବଡ଼ ଅଫର୍

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ବିବାଦ ମଧ୍ୟରେ ଏକ ବଡ଼ ଖବର ସାମନାକୁ ଆସିଛି। ଆମେରିକାର ବାଣିଜ୍ୟିକ ପ୍ରତିନିଧି ଜ୍ୟାମିସନ ଗ୍ରୀର ବୁଧବାର ଏକ ବଡ଼ ବୟାନ ଦେଇଛି। ଗ୍ରୀରଙ୍କ ଅନୁସାରେ, ଭାରତ ସହ ଚାଲିଥିବା ବାଣିଜ୍ୟିକ ଆଲୋଚନାରେ ୱାଶିଂଟନକୁ ନୂଆଦିଲ୍ଲୀରୁ ଏବେ ସୁଦ୍ଧା ଶ୍ରେଷ୍ଠ ଅଫର୍ ମିଳିଛି।



ତେବେ କୃଷି ଓ ଅନ୍ୟ ଉତ୍ପାଦ ଉପରେ ଭାରତ ତା'ର ସହମତି ଦେଇନାହିଁ। ତଥାପି, ଗ୍ରୀର ଏହାକୁ ଭଲ ପ୍ରଗତିଶୀଳ ପଦକ୍ଷେପ ବୋଲି କହିଛନ୍ତି।

ଆମେରିକୀୟ ବାଣିଜ୍ୟିକ ପ୍ରତିନିଧି ରିକ୍ ସ୍ୱିଟଜରଙ୍କ ନେତୃତ୍ୱରେ ଆମେରିକୀୟ ପ୍ରତିନିଧିମଣ୍ଡଳ ଦିଲ୍ଲୀରେ ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣାର ପ୍ରଥମ ପର୍ଯ୍ୟାୟର ନିର୍ଣ୍ଣାୟକ ଆଲୋଚନା ଚଳାଇଛନ୍ତି। ଗ୍ରୀର କହିଛନ୍ତି ବର୍ତ୍ତମାନ ସମୟରେ ଆମେରିକାର ପ୍ରତିନିଧିମଣ୍ଡଳ ଭାରତରେ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି। ଯେତେବେଳେ ଆମେ ନୂଆଦିଲ୍ଲୀରେ ଆଲୋଚନା କରିଥାଉ, ସେତେବେଳେ ଆମର ଗୋଟିଏ ଟିମ୍ ଏହା ଉପରେ କାମ କରୁଥାଏ। ଭାରତରେ କିଛି ବିଶେଷ ଫସଲ ଓ ଅନ୍ୟ ଉତ୍ପାଦକୁ ନେଇ ଗତିରୋଧ ଚାଲିଛି। ସେ ଏହା ବି ସ୍ୱୀକାର କରିଛନ୍ତି ଯେ ଭାରତରେ ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର, କିନ୍ତୁ ଏହା ବି ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏହି ମାମଲାରେ ପ୍ରଗତିଶୀଳ ରହିଛି। ଗ୍ରୀରଙ୍କ ଅନୁସାରେ, ଯେଉଁ ପ୍ରସ୍ତାବ ଉପରେ ଆମ ସହ ଭାରତ ଆଲୋଚନା କରୁଛି, ତାହା ଗୋଟିଏ ଦେଶ ଭାବେ ଆମକୁ ମିଳୁଥିବା ସବୁଠୁ ଭଲ ପ୍ରସ୍ତାବ। ସେ ଭାରତକୁ ଏକ ଆଶାଜନକ ବୈକଳ୍ପିକ ବଜାର ଭାବେ ଅଭିହିତ କରିଛନ୍ତି। କାରଣ ଆମେରିକା ନିଜ ରପ୍ତାନୀ ବଜାର ବଢାଇବା ଉପରେ ବିଚାର କରୁଛି। ଅନ୍ୟପଟେ ଆମେରିକା ବିଦେଶ ଉପ-ସଚିବ ଏଲିସନ ହୁକର ବିଦେଶ ସଚିବ ବିକ୍ରମ ମିସ୍ତ୍ରିଙ୍କ ସହ ବୈଠକ କରିଛନ୍ତି। ଦୁଇ ପକ୍ଷ ଫେବ୍ରୁଆରୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ବୈଠକର ଦୃଷ୍ଟିକୋଣକୁ ପରିଣାମରେ ବଦଳାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଭାରତ ସହ ରଣନୀତିକ ଓ ଆର୍ଥିକ ସହଯୋଗ ମଜଭୁତ କରିବା ପାଇଁ ସେ ୫ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଆସିଛନ୍ତି।

# ନୂଆ ରେକର୍ଡସ୍ତରରେ ରୁପା

## ଭୁବନେଶ୍ୱରରେ କିଲୋ ୨.୦୫ ଲକ୍ଷ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ବିଶ୍ୱ ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ଓ ରୁପା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ବଜାରରେ ପୁଣି ଥରେ ସୁନା ଏବଂ ରୁପା ମୂଲ୍ୟରେ ବୃଦ୍ଧି ଘଟିବାରେ ଲାଗିଛି। ଏଥିରେ ବୁଧବାର ରୁପା ଦର ପ୍ରଥମ ଥର ପାଇଁ

**୧.୩୫ ଲକ୍ଷ ଛୁଇଁବ ସୁନା**




ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର କିଲୋ ଗ୍ରାମ ପିଛା ପୁନର୍ବାର ୨ ଲକ୍ଷ ଟଙ୍କା ଅତିକ୍ରମ କରି ୨.୦୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ରୁପା ଦର କିଲୋଗ୍ରାମ ପିଛା ୬,୬୦୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୨,୦୫,୦୦୦ ଟଙ୍କାରେ ପହଞ୍ଚିଛି। ସୋଲାର, ଇଭି ଏବଂ ଇଲେକ୍ଟ୍ରୋନିକ୍ସ ଶିଳ୍ପ କ୍ଷେତ୍ରରେ ଚାହିଦାରେ ବୃଦ୍ଧି ଯୋଗୁ ବଜାରରେ ରୁପା ଦର ଏଭଳି ଭାବେ ବୃଦ୍ଧି ଘଟୁଛି। ସେହିପରି ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏହି ହଳଦିଆ ଧାତୁ ମୂଲ୍ୟରେ ବୃଦ୍ଧି ହୋଇଛି।

ବୁଧବାର ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୩୦,୮୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧୧୯,୪୫୦ ଟଙ୍କା ହୋଇଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ବୁଧବାର ନୂଆ ଦିଲ୍ଲୀ ବଜାରରେ ସକାଳେ ରୁପା କିଲୋଗ୍ରାମ ପିଛା ୧,୮୬,୩୫୦ ଟଙ୍କାରେ କାରବାର ଆରମ୍ଭ କରିଥିଲା। ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନାର ମୂଲ୍ୟ ୫୧,୬୨୬ ଟଙ୍କା ବୃଦ୍ଧି ପାଇଛି। ୨୦୨୪ ଡିସେମ୍ବର ୩୧ ରେ ୨୪କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୭୬,୧୬୨ ଟଙ୍କା ଥିଲା।

କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି, ଯାହା ସୁନାକୁ ସମର୍ଥନ କରୁଛି। ଏହା ସୁନାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଏହି ବର୍ଷ ପ୍ରତି ୧୦ ଗ୍ରାମ ସୁନା ୧.୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ, ଯେତେବେଳେ କି ରୁପା କିଲୋଗ୍ରାମ ପିଛା ୨.୧୦ ଲକ୍ଷ ଟଙ୍କା ଛୁଇଁପାରେ।

# ୨୦ ବର୍ଷରେ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡସ୍ଥିତ ତନିସ୍କ ଷ୍ଟୋର

**କଟକ,୧୦।୧୨(ସମିସ):** ଦେଶର ଅନ୍ୟତମ ବୃହତ୍ ଗହଣା ରିଟେଲ୍ ବ୍ରାଣ୍ଡ ତନିସ୍କ ଏହାର କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ଷ୍ଟୋର୍‌ର ୨୦ତମ ବର୍ଷ ପୂର୍ତ୍ତୀ ପାଳନ କରୁଛି। ଭରସା, କାରିଗରୀ ଏବଂ କାଳଜୟୀ ସୁନ୍ଦରତାର ପରିଚୟ ହେଉଛି ତନିସ୍କ। କଟକରେ ଦୁଇ ଦଶନ୍ଧି ଧରି ଏହା ଗ୍ରାହକଙ୍କ ଭରଷା ପାଲଟିଛି। ତନିସ୍କ ଗ୍ରାମ ପିଛା ସୁନା ଗହଣା ଉପରେ ୬୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ସେହିଭଳି ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିଆତି ଏବଂ ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା କୌଣସି କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରୁଛି ତନିସ୍କ। ବିଭିନ୍ନ ପ୍ରକାରର ଗହଣା ସମ୍ଭାର ନେଇ ୫,୪୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ନିର୍ମିତ କଟକ ଷ୍ଟୋରରେ ତନିସ୍କର ଏହି ମେଳାରେ ଆବାହନ, ମୃଗଙ୍କ, ଇଲାନ୍, ସୋଲ୍‌ମେଟ୍, ରେଡିଆନ୍ସ ଇନ୍ ରିଦିମ୍, ସ୍ତୋତିକା, ରିଭା, ଡୋର, ଆଭୀର, ଗ୍ଲାମ୍‌ଡେଜ୍ ଏବଂ ଷ୍ଟ୍ରିଙ୍ଗ୍ ଇଟ୍ ଇତ୍ୟାଦି ଶୋଭା ପାଇଛି। ଏହି ଅବସରରେ ତନିସ୍କର ଏରିଆ ବିଜନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କୁହନ୍ତି, କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ଷ୍ଟୋର୍‌ର ୨୦ ବର୍ଷ ପାଳନ କରି ଆମେ ଅତ୍ୟନ୍ତ ଗର୍ବିତ। ଏହା ତନିସ୍କର ଭରସା ଏବଂ ଉତ୍କର୍ଷତାର ଯାତ୍ରା କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଏହି ମାଇଲଖୁଣ୍ଟ ଆମ ଗ୍ରାହକଙ୍କ ଭଲପାଇବା ଏବଂ ସମର୍ଥନକୁ ପ୍ରତିଫଳିତ କରୁଛି। ଏହି ଅବସରରେ ବର୍ଷ ପୂର୍ତ୍ତିରେ ଭାଗ ନେବାକୁ ତନିସ୍କର ସବୁ ଗ୍ରାହକଙ୍କୁ ନିମନ୍ତ୍ରଣ କରିଛନ୍ତି ତନିସ୍କର ବ୍ୟବସାୟିକ ସହଯୋଗୀ ଯୋଗେନ୍ଦ୍ର ହଂସ। ବିବେକ ହଂସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତଏହି ସାମ୍ବାଦିକ ସମ୍ମିଳନୀରେ ତନିସ୍କର ସର୍କଲ ବ୍ୟବସାୟ ମୁଖ୍ୟ ଅରିନ୍ଦମ ପାରମାଣିକ ଉପସ୍ଥିତ ଥିଲେ।




ଭଳି କି ଭଳି ଗହଣାର ସମ୍ଭାର ସାଙ୍ଗକୁ ସ୍ୱତନ୍ତ୍ର ରିଆତି ଅଫର୍

**ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍**

# ୯୯.୩୩% ଦାବି ସମାଧାନ

**ମୁମ୍ବଇ,୧୦।୧୨(ଏଜେନ୍ସି):** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସ୍ୟୋରାନ୍ସ ଆର୍ଥିକବର୍ଷ ୨୦୨୬-ପ୍ରଥମାର୍ଦ୍ଧରେ ୯୯.୩୩% ଦାବି ସମାଧାନ ଅନୁପାତ ସହିତ ଉଦ୍ୟୋଗରେ ଅଗ୍ରଣୀ ରହିଛି, ଯାହାକି ଦେଶରେ ଶୀର୍ଷ ଇନ୍ସ୍ୟୋରାନ୍ସ କମ୍ପାନୀଗୁଡ଼ିକ ମଧ୍ୟରେ ସର୍ବାଧିକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତଦନ୍ତ ହୋଇନଥିବା ଦାବିଗୁଡ଼ିକ ପାଇଁ ଦାବି ସମାଧାନ ସମୟ ୧.୧ ଦିନ ଥିଲା। ଏହି ସମୟରେ ମଧ୍ୟ କମ୍ପାନୀ ପକ୍ଷରୁ ମୋଟ ଟ.୮୯୩.୩୮ କୋଟିର ମୃତ୍ୟୁ ଦାବିର ସମାଧାନ କରାଯାଇଛି। ଏସମ୍ପର୍କରେ ଆଇସିଆଇସିଆଇ ଲାଇଫ ଇନ୍ସ୍ୟୋରାନ୍ସର ଚିଫ ଅପରେସନ୍ସ ଅଫିସର ଅମିଶ ବଙ୍କର କହିଛନ୍ତି ଯେ, ଆମର ଦାବି ସମାଧାନ ପ୍ରକ୍ରିୟା ଉନ୍ନତ ଗ୍ରାହକ ଅଭିଜ୍ଞତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ଆମେ ପ୍ରତ୍ୟେକ ଦାବିକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହିତ ପରିଚାଳନା କରୁ।

**କୋଟକ ସିକ୍ୟୁରିଟିଜ୍‌ର ୨୦୨୬ ମାର୍କେଟ୍ ଆଉଟଲୁକ୍ ରିପୋର୍ଟ**

# ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା

**ମୁମ୍ବଇ,୧୦।୧୨(ଏଜେନ୍ସି):** କୋଟକ ସିକ୍ୟୁରିଟିଜ (କୋଟକ ନିଓ) ତାହାର ୨୦୨୬ ବର୍ଷ ନିମନ୍ତେ ମାର୍କେଟ ଆଉଟଲୁକ୍ (ବଜାର ଦୃଷ୍ଟିକୋଣ) ଉନ୍ମୋଚନ କରିଛି, ଯେଉଁଥିରେ ବିଶ୍ୱସ୍ତରରେ ଅନିଶ୍ଚିତ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଇକ୍ୱିଟି ଓ କମୋଡିଟିଗୁଡିକୁ ନେଇ ଆଶାବାଦର ସୂଚନା ଦିଆଯାଇଛି। ଏହି ରିପୋର୍ଟରେ ଆଗାମୀ ବର୍ଷ ନଜର ରଖିବା ଆବଶ୍ୟକ ଥିବା ମାକ୍ରୋ ଧାରା, କ୍ଷେତ୍ରଭିତ୍ତିକ ସୁଯୋଗ ଏବଂ କମୋଡିଟି ସମ୍ପର୍କିତପୂର୍ବାନୁମାନ ଉପରେ ବିଶେଷ ଭାବରେ ଆଲୋକପାତ କରାଯାଇଛି। କୋଟକ ସିକ୍ୟୁରିଟିଜର ଏମ୍‌ଡି ଓ ସିଇଓ ଶ୍ରୀପାଲ ଶାହ କହିଛନ୍ତି ଯେ, ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା ହୋଇ ରହିଛି। ଦମ୍‌ଦାର ଉପାର୍ଜନ ଅନୁମାନ ଏବଂ ନୀତିଗତ ସମର୍ଥନ ଦ୍ୱାରା ପରିଚାଳିତ ହୋଇ ଇକ୍ୱିଟିକୁ ନେଇ ଆମର ଦୃଷ୍ଟିକୋଣ ବେଶ୍ ଉତ୍ସାହଜନକ ରହିଛି ଏବଂ ସେହି ସମୟରେ ସୁନା ୨୦୨୬ରେ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ନିଜର ଚମକ ବଜାୟ ରଖିବା ଆଶା କରାଯାଉଛି। ଯୁବ ନିବେଶକଙ୍କ ଦ୍ୱାରା ବର୍ଦ୍ଧିତ ଅଂଶଗ୍ରହଣ ସହିତ ମାର୍କେଟରେ ଗଭୀର ନିୟୋଜନତା ଏବଂ ସମ୍ପତ୍ତି ସୃଷ୍ଟି ହେବାକୁ ଯାଉଛି। ଶିଳ୍ପ କ୍ଷେତ୍ର ସମ୍ପର୍କରେ ସେ କହିଥିଲେ, "ସେବିର ତାଜା ସର୍ବେକ୍ଷଣ ଅଧ୍ୟୟନ ଅନୁଯାୟୀ ୬୩% ପରିବାର ଅତିକମ୍‌ରେ ଗୋଟିଏ ପ୍ରତିଭୂତି ବଜାର ଉତ୍ପାଦ ସମ୍ପର୍କରେ ଅବଗତ ରହିଥିଲେ ମଧ୍ୟ ମାତ୍ର ୯.୫% ପରିବାର ସକ୍ରିୟ ଭାବରେ ନିବେଶ କରୁଛନ୍ତି।

# ମଣିପାଲ ହସ୍ପିଟାଲରେ ବିରଳ ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୧୦।୧୨(ସମିସ) :** ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରଠାରେ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇଛି। ଦୀର୍ଘଦିନ ୧୦ ବର୍ଷ ଧରି ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ରୋଗରେ ଆକ୍ରାନ୍ତ ଥିବା ଜଣେ ୩୫ ବର୍ଷୀୟା ଯୁବତୀ ସର୍ଜରୀ ପରେ ନୂତନ ଜୀବନ ପାଇଛି। ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍‌ରେ ପୀଡ଼ିତ ଥିବା ଯୁବତୀଙ୍କ ହିପ୍ ଏବଂ ଆଣ୍ଠୁ ସମେତ ଶରୀରର ସମସ୍ତ ମୁଖ୍ୟ ଗଣ୍ଠି ଗୁଡିକ ପ୍ରଭାବିତ ହୋଇଥିବାରୁ ସେ ଗତ ବର୍ଷେ ଧରି ଚାଲିବା ବସିବା ସମ୍ଭବ ହେଉନଥିଲା। ଫଳରେ ସେ ସବୁବେଳେ ଶୋଇ ରହୁଥିଲେ କିମ୍ବା ହ୍ୱିଲ୍ ଚେୟାର ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଥିଲେ। ଦୀର୍ଘ ଦିନ ଧରି ଏକ ଯନ୍ତ୍ରଣାଦାୟକ ଜୀବନ ଅତିବାହିତ କରିବା ପରେ ୨୦୨୪ ମସିହାରେ ଚିକିତ୍ସା ପାଇଁ ସେ ମଣିପାଲ ହସ୍ପିଟାଲ୍‌କୁ ଆସି ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପଣ୍ଡାଙ୍କ ପରାମର୍ଶ ନେଇଥିଲେ। ପ୍ରାୟ ୧୦ ବର୍ଷ ପୂର୍ବେ ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ଚିହ୍ନଟ ହେବା ପରେ ଅନେକ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ହେଉଥିଲେ, କିନ୍ତୁ ରୋଗ ଧୀରେ ଧୀରେ ବଢ଼ିବା କାରଣରୁ ସେ ଚାଲିବା-ଠିଆ ହେବାର କ୍ଷମତା ହରାଇଥିଲେ।

# କେୟାର ହସ୍ପିଟାଲ୍, ବିଶାଖାପାଟନମ୍‌ରେ ୧,୦୦୦ ରୋବୋଟିକ୍ ଜିଆଇ ସର୍ଜରୀ

**ବିଶାଖାପାଟନମ୍,୧୦।୧୨:** ମାତ୍ର ୧୮ ମାସ ମଧ୍ୟରେ ୧୦୦୦ ରୋବୋଟିକ୍ ଜିଆଇ ସର୍ଜରୀର ମାଇଲ୍‌ଖୁଣ୍ଟ ହାସଲ କରିଛି କେୟାର ହସ୍ପିଟାଲ୍, ବିଶାଖାପାଟନମ୍। ଏହି ସଫଳତା ସମ୍ପର୍କରେ କେୟାର ହସ୍ପିଟାଲ୍, ବିଶାଖାପାଟନମ୍‌ର , କ୍ଲିନିକାଲ୍ ନିର୍ଦ୍ଦେଶକ - ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ରୋବୋଟିକ୍ ସର୍ଜରୀ ବିଭାଗ ଡକ୍ଟର ବି ଦାସ କହିଛନ୍ତି ଯେ, ୧୮ ମାସ ମଧ୍ୟରେ ୧୦୦୦ ରୋବୋଟିକ୍ ଜିଆଇ ସର୍ଜରୀରେ ପହଞ୍ଚିବା ଦର୍ଶାଉଛି ଯେ, ପୂର୍ବ ଭାରତରେ ଗ୍ୟାଷ୍ଟ୍ରୋଏଣ୍ଟେଷ୍ଟେଷ୍ଟାଲ୍ କେୟାରକୁ ପୁନଃସ୍ଥାପିତ କରୁଛି। ଅସ୍ୱାଭାବିକତା, ଏବଂ ହସ୍ପିଟାଲରେ ରହିବାର ସମୟକୁ ଯଥେଷ୍ଟ କମାଇବା – ବିଶ୍ୱ ସ୍ତରୀୟ ସର୍ଜିକାଲ୍ ସଠିକତାକୁ ଆମ ଅଞ୍ଚଳକୁ ନିକଟତର କରିବା। ରୋବୋଟିକ୍ ସଠିକତା ମାଧ୍ୟମରେ ସମ୍ଭବ ହୋଇଥିବା ପରିବର୍ତ୍ତନଶୀଳ ରୋଗୀ ଫଳାଫଳକୁ ମଧ୍ୟ ଆଲୋକିତ କରିଛି। ଜଣେ ୫୦ ବର୍ଷ ବୟସ୍କା ମହିଳାଙ୍କଠାରେ ମିଳିତ ରୋବୋଟିକ୍ ଗାଲ୍ ବ୍ଲାଡର ଅପସାରଣ ଏବଂ ହିଷ୍ଟେରେକ୍ଟୋମି କରିଥିଲେ ଏବଂ ୪୮ ଘଣ୍ଟା ମଧ୍ୟରେ ଘରକୁ ଯନ୍ତ୍ରଣାମୁକ୍ତ ଘରକୁ ଫେରିଥିଲେ। ବାରମ୍ବାର ଅସ୍ତ୍ରୋପଚାର ପରେ ହର୍ନିଆରେ ପୀଡିତ ଜଣେ ୬୩ ବର୍ଷୀୟ ରୋଗୀ ଗଭୀର ଜାଲ୍ ସ୍ଥାନିତ ଏବଂ ସଠିକ୍ ସଟରିଙ୍ଗ୍ ସହିତ ଏକ ଦୁର୍ଦ୍ଦାନ୍ତ ରୋବୋଟିକ୍ ମରାମତି କରିଥିଲେ।




**ଭାରତରେ ବଢୁଛି ଇନ୍‌ଫ୍ଲୁଏନ୍ସର ହେବାର କ୍ରେଜ୍**

# ଇନ୍‌ଫ୍ଲୁଏନ୍ସ ମାର୍କେଟିଂ ଶିଳ୍ପ ୧୦ ହଜାର କୋଟି ପାର୍

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଭାରତରେ ସମ୍ପ୍ରତି ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଶିଳ୍ପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ବର୍ତ୍ତମାନ ବେଶ ଲୋକପ୍ରିୟ। ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ୍ ଅଛି, ଏବଂ ଆଜିକାଲି ଅଧିକାଂଶ ଯୁବପିଢ଼ି ଜଣେ ପ୍ରମୁଖ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ପ୍ରଭାବଶାଳୀ ମାର୍କେଟିଂ ସାସ୍ ପ୍ଲାଟଫର୍ମ କ୍ଲଗ୍ କ୍ଲଗ୍‌ର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଶିଳ୍ପ ପୂର୍ବରୁ ୧୦ ହଜାର କୋଟି ଅତିକ୍ରମ କରିସାରିଛି। ଏହି ସଂଖ୍ୟା ୩୦୦୦ ରୁ ୪୦୦୦ କୋଟି ବଜାର ଆକଳନ ଅପେକ୍ଷା ଯଥେଷ୍ଟ ଅଧିକ।

କ୍ଲଗ୍ କ୍ଲଗ୍‌ର ସହ-ପ୍ରତିଷ୍ଠାତା ଏବଂ ସିଇଓ କଲ୍ୟାଣ କୁମାର କହିଛନ୍ତି ଯେ ପ୍ରକୃତ ବଜାର ବହୁତ ବଡ଼। ରିପୋର୍ଟ ଅନୁଯାୟୀ, ଭାରତରେ ମୋଟ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଖର୍ଚ୍ଚର କେବଳ ୨୫ ପ୍ରତିଶତ ସଂଗଠିତ ଏବଂ ସହଜରେ ଦୃଶ୍ୟମାନ ଚ୍ୟାନେଲ ମାଧ୍ୟମରେ ପ୍ରବାହିତ ହୁଏ। ବାକି ୭୫ ପ୍ରତିଶତ ସିଧାସଳଖ ବ୍ରାଣ୍ଡ ଏବଂ ସୃଷ୍ଟିକର୍ତ୍ତାଙ୍କ ମଧ୍ୟରେ ଖର୍ଚ୍ଚ ହୁଏ, ଯାହାକୁ ଟ୍ରାକ୍ କରିବା କଷ୍ଟକର। ରିପୋର୍ଟ ଅନୁଯାୟୀ, ପାରମ୍ପରିକ ପଦ୍ଧତି ମାଧ୍ୟମରେ କ୍ରିଏଟର ଇକୋନୋମି ସମ୍ପୂର୍ଣ୍ଣ ଦୃଶ୍ୟମାନ ନୁହେଁ। ହଜାର ହଜାର ମାଇକ୍ରୋ ଏବଂ ନାନୋ ପ୍ରଭାବକାରୀ ବ୍ରାଣ୍ଡଗୁଡ଼ିକରୁ ଗୁରୁତ୍ୱପୂର୍ଣ୍ଣ ନିବେଶ ଆକର୍ଷିତ କରୁଛନ୍ତି, କିନ୍ତୁ ସେମାନଙ୍କର ପ୍ରଭାବ ପ୍ରାୟତଃ ରିପୋର୍ଟ କରାଯାଇନାହିଁ। ଏହା ବ୍ୟତୀତ, ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ୨୦ ରୁ ଅଧିକ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଏଜେନ୍ସି ଅଛନ୍ତି ଯାହା ବାର୍ଷିକ ୨୦ କୋଟି (ପ୍ରାୟ ୨୦୦ ନିୟୁତ ଡଲାର) ରାଜସ୍ୱ ସୃଷ୍ଟି କରୁଛନ୍ତି। ଏହା କେବଳ ସଂଗଠିତ କ୍ଷେତ୍ରକୁ ପ୍ରତିନିଧିତ୍ୱ କରେ, ଯେତେବେଳେ ସାମଗ୍ରିକ ପ୍ରଭାବକାରୀ ମାର୍କେଟିଂ ଶିଳ୍ପ ବହୁତ ବଡ଼। ଭାରତର ଦ୍ରୁତ ଗତିରେ ବଢୁଥିବା ପ୍ରତ୍ୟକ୍ଷ-ଉପଭୋକ୍ତା (ଡିଟୁସି) କ୍ଷେତ୍ର ପ୍ରଭାବକାରୀ ମାର୍କେଟିଂ କରିବାର ଉପାୟକୁ ପରିବର୍ତ୍ତନ କରୁଛି। ୧୦୦ ରୁ ଅଧିକ ଡିଟୁସି ବ୍ରାଣ୍ଡ ପ୍ରତିବର୍ଷ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂରେ ୨୦ କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି।



# ମହିଳାଙ୍କ ନାଁରେ ନିର୍ମିତ ବିମାନବନ୍ଦର

**ସାଧାରଣତଃ ବିମାନବନ୍ଦରଗୁଡ଼ିକ ପ୍ରସିଦ୍ଧି ଲାଭ କରିଥିବା ରାଜନେତା, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ କଳାକାରଙ୍କ ନାମାନୁସାରେ ନାମକରଣ କରାଯାଇଥାଏ। ବିଶ୍ୱରେ ଅଧିକାଂଶ ବିମାନବନ୍ଦର ପୁରୁଷଙ୍କ ନାଁରେ ଥିବାବେଳେ, ଖୁବ୍ କମ୍ ସଂଖ୍ୟକ ବିମାନବନ୍ଦର ମହିଳାଙ୍କ ନାଁରେ ରହିଛି। ସେହିପରି ଭାରତରେ କାର୍ଯ୍ୟକ୍ଷମ ବିମାନବନ୍ଦର ମଧ୍ୟରୁ ମାତ୍ର ଦୁଇଟି ମହିଳାଙ୍କ ନାଁରେ ରହିଛି। ତେବେ ମହିଳାଙ୍କ ସମ୍ମାନାର୍ଥେ ଦେଶ - ବିଦେଶରେ ପ୍ରସିଦ୍ଧି ଲାଭ କରିଥିବା କେତୋଟି ବିମାନବନ୍ଦରକୁ ନେଇ ଏହି ଉପସ୍ଥାପନା।**

### ଅମେଲିୟା ଇୟରହାର୍ଟ ବିମାନବନ୍ଦର



ଆମେରିକାର ଏହି ବିମାନବନ୍ଦର ଲୋକପ୍ରିୟ ପାଇଲଟ୍ ଅମେଲିୟା ମେରି ଇୟରହାର୍ଟଙ୍କ ସ୍ମୃତିରେ ନିର୍ମାଣ କରାଯାଇଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦର ଭାବେ ଜଣାଯାଏ। ଅମେଲିୟା ଜଣେ ପାଇଲଟ୍ ଏବଂ ଲେଖିକା ଥିଲେ। ସେ ଅନେକ ରେକର୍ଡ କରିଛନ୍ତି। ଆଣ୍ଟଲାଟିକ୍ ମହାସାଗରକୁ ଅତିକ୍ରମ କରିଥିବା ପ୍ରଥମ ମହିଳା ଭାବେ ସେ ରେକର୍ଡ କରିଥିଲେ। ନିଜ କାର୍ଯ୍ୟ ଦ୍ୱାରା ସେ ଅନେକ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଥିଲେ। ତାଙ୍କ ଜୀବନ ଏବଂ ରହସ୍ୟମୟ ମୃତ୍ୟୁ ଏବେ ବି ଅନେକଙ୍କୁ ଆକର୍ଷିତ କରେ।

### କୁଇନ୍ ଆଲିୟା ଅନ୍ତର୍ଜାତୀୟ ବିମାନବନ୍ଦର

ଜୋର୍ଡାନ ରାଣୀ ଆଲିୟା ବାହାଉଦ୍ଦିନ୍ ତୌକନ୍ଙ୍କ ନାମାନୁସାରେ ଏହି ବିମାନବନ୍ଦରର ନାମକରଣ କରାଯାଇଛି। ଆଲିୟା ଜୋର୍ଡାନର ଦିବଂଗତ ରାଜା ହୁସେନଙ୍କ ପତ୍ନୀଥିଲେ। ସେ ସାମାଜିକ କାର୍ଯ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ। ୧୯୭୭ ମସିହାରେ ବିମାନ ଦୁର୍ଘଟଣାରେ ରାଣୀଙ୍କ ମୃତ୍ୟୁ ହୋଇଥିଲା।



### କୁଇନ୍ ବିଟ୍ରିକ୍ସ ଅନ୍ତର୍ଜାତୀୟ ବିମାନବନ୍ଦର



ଏହିବିମାନବନ୍ଦର ନେଦରଲ୍ୟାଣ୍ଡର ପୂର୍ବ ରାଣୀ ବିଟ୍ରିକ୍ସଙ୍କ ନାମାନୁସାରେ ନାମକରଣ କରାଯାଇଛି। ସେ ୧୯୮୦ ମସିହାରୁ ୨୦୧୩ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡର ରାଣୀ ଭାବେ ଶାସନ କରିଥିଲେ। ଏହି ବିମାନବନ୍ଦର ଅରୁବାର ଗୁରୁତ୍ୱପୂର୍ଣ୍ଣ ପରିବହନ ବିମାନବନ୍ଦର ମଧ୍ୟରୁ ଗୋଟିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଟ୍ରିକ୍ସ କାନାଡ଼ାର ଏକ ସର୍ବସାଧରଣ ସ୍କୁଲ୍‌ରେ ପାଠ ପଢ଼ିଥିଲେ। ଏବଂ ଯୁଦ୍ଧ ପରବର୍ତ୍ତୀ ସମୟରେ ସେ ନେଦରଲ୍ୟାଣ୍ଡ ଫେରି ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ପୁରା କରିଥିଲେ। ଶାସନ ଦିଗରେ ତାଙ୍କ ଅବଦାନ ଅତୁଳନୀୟ।

### ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର



ଦିଲ୍ଲୀର ଦକ୍ଷିଣ -ପଶ୍ଚିମରେ ଏହି ବିମାନବନ୍ଦର ଅବସ୍ଥିତ। ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନାମାନୁସାରେ ଏହି ବିମାନବନ୍ଦର ନାମକରଣ କରାଯାଇଛି। ଏହା ଭାରତର ସବୁଠୁ ବ୍ୟସ୍ତ ଏବଂ ଆଧୁନିକ ବିମାନବନ୍ଦର ଭାବେ ଜଣାଯାଏ। ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧୀ ୧୯ ନଭେମ୍ବର, ୧୯୧୭ ମସିହାରେ ଜନ୍ମ ହୋଇଥିଲେ। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ।

### ଦେବୀ ଅହଲ୍ୟାବାଇ ହୋଲ୍‌କର୍ ଅନ୍ତର୍ଜାତୀୟ ବିମାନବନ୍ଦର

ଇନ୍ଦୋରର ପଶ୍ଚିମରେ ଏହି ବିମାନବନ୍ଦର ଅବସ୍ଥିତ। ଏହା ମଧ୍ୟ ଭାରତର ସବୁଠୁ ବ୍ୟସ୍ତ ବିମାନବନ୍ଦର ମଧ୍ୟରୁ ଗୋଟିଏ। ହୋଲକର ରାଜବଂଶର ରାଣୀ ଅହଲ୍ୟାବାଇଙ୍କ ନାମ ଅନୁସାରେ ଏହାର ନାମକରଣ କରାଯାଇଛି। ସେ ନାରୀ ସଶକ୍ତିକରଣର ପ୍ରତୀକ ଏବଂ ବୀରାଙ୍ଗନା ଥିଲେ। ସାମାଜିକ ଶୃଙ୍ଖଳକୁ ଛିନ୍ନକରି ନିଜର ଧିଶକ୍ତି ଓ ସାମର୍ଥ୍ୟ ବଳରେ ଭାରତ ରାଜନୈତିକ ଇତିହାସରେ ସେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଜନକଲ୍ୟାଣରେ ତାଙ୍କର ଅତୁଳନୀୟ ଅବଦାନ ଥିଲା।



# ଉଲ୍ କାନଫୁଲ



**ମହିଳା ଓ ଯୁବତୀମାନେ ଭଳିକିଭଳି ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ଏବେ ହାତନିର୍ମିତ ଉଲେନ୍ କାନଫୁଲ ବେଶୀ ଲୋକପ୍ରିୟ ରହିଛି। ଏହା ପିନ୍ଧିବାକୁ ସୁନ୍ଦର ଦିଶିବା ସହ ଲଗାଇବା ମଧ୍ୟ ଆରାମଦାୟକ ହୋଇଥାଏ।**



### ଝୁମ୍‌କା

ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଉଲ୍‌ନିର୍ମିତ ଝୁମ୍‌କା କାନଫୁଲ ପିନ୍ଧିପାରିବେ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଭିନ୍ନ ହୋଇଥାଏ। ଏହାକୁ ପିନ୍ଧି ଶୀତଦିନେ ନିଜକୁ ଏକ କ୍ଲାସି ଲୁକ୍ ଦେଇପାରିବେ।

### ଚାରିକୋଣିଆ

ହାତତିଆରି ଚାରିକୋଣିଆ ଉଲ୍ କାନଫୁଲ ପାରମ୍ପରିକ ପରିଧାନକୁ ବେଶ୍ ଭଲ ମାନିଥାଏ। ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏହା ବିଭିନ୍ନ ରଙ୍ଗର ରହିଥାଏ।

### ଲାଭେଣ୍ଡର

ବର୍ତ୍ତମାନ ସମୟରେ ଲାଭେଣ୍ଡର ରଙ୍ଗର ଖୁବ୍ ଲୋକପ୍ରିୟତା ରହିଛି। ଏ ରଙ୍ଗର ଆଉଟ୍‌ଫିଟ୍‌ରୁ ନେଇ ଅଳଙ୍କାରର ଚାହିଦା ଅଛି।

### ବୋ କାନଫୁଲ

ବୋ ହେଡ୍‌କ୍ଲିପ୍ ଭଳି ବୋ କାନଫୁଲର ମଧ୍ୟ ଲୋକପ୍ରିୟତା ରହିଛି। ବିଶେଷ କରି କଲେଜ ପଢୁଆ ଯୁବତୀଙ୍କ ମଧ୍ୟରେ ଏ ପ୍ରକାର କାନଫୁଲ ବେଶ୍ ପ୍ରିୟ। ଚାହିଁଲେ ଏହାକୁ କ୍ରିଷ୍ଟମାସ୍ ପାର୍ଟିରେ ମଧ୍ୟ ପିନ୍ଧିପାରିବେ।

### ଇଭିଲ୍ ଆଇ

ଇଭିଲ୍ ଆଇ ଅଳଙ୍କାରର ଚାହିଦା ସବୁବେଳେ ରହିଛି। କୁହାଯାଏ ଏହା ଖରାପ୍ ନଜରରୁ ସୁରକ୍ଷା ଦେଇଥାଏ। ଏବେ ଇଭିଲ୍ କାନଫୁଲ ମଧ୍ୟ ବଜାରରେ ଉପଲବ୍ଧ।

# ଲିପ୍‌ଷ୍ଟିକ୍ ପୂର୍ବରୁ ଓଠର ଯତ୍ନ

**ମ୍ୟାଟ୍ ଲିପ୍‌ଷ୍ଟିକ୍ ଓଠକୁ ଶୁଷ୍କ ଓ ରୁକ୍ଷ କରିଥାଏ। ତେଣୁ ଓଠକୁ ସୁସ୍ଥ, ନରମ କରି ଲିପ୍‌ଷ୍ଟିକ୍‌କୁ ଦୀର୍ଘସମୟ ରଖିବାକୁ ଚାହୁଁଥିଲେ, ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ, ଓଠର ଯତ୍ନ ନେବା ଜରୁରୀ। ଏପରି କଲେ ଓଠରେ ଲିପ୍‌ଷ୍ଟିକ୍ ନ ଫାଟି ଦୀର୍ଘ ସମୟ ରହିଥାଏ।**



### ଓଠକୁ ଏକ୍ସଫ୍ଲୋଏଟ୍ କରନ୍ତୁ

ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ପ୍ରଥମେ ଓଠରେ ଥିବା ମୃତକୋଷକୁ କାଢ଼ିବାକୁ ପଡ଼ିଥାଏ। ଏଥିପାଇଁ ଏକ୍ସଫ୍ଲୋଏସନ୍ କରିବାକୁ ପଡ଼ିଥାଏ। କାରଣ ମୃତକୋଷ ଥାଇ ଲିପ୍‌ଷ୍ଟିକ୍ ଲଗାଇଲେ ଏହା ଓଠଫାଟି ଅପରିଷ୍କାର ଦିଶିଥାଏ।

### ଚିନି ସ୍କ୍ରବ୍

ଅଳ୍ପଚିନିରେ ନଡ଼ିଆ ତେଲ କିମ୍ବା ମହୁ ମିଶାଇ ଓଠରେ ହାଲୁକା ହାତରେ ମସାଜ୍ କରନ୍ତୁ। ଏହାକୁ ଓଠରେ ତିରିଶ୍ ସେକେଣ୍ଡ ରଖି ଧୋଇ ଦିଅନ୍ତୁ।

### ଟୁଥ୍ ବ୍ରଶ୍

ଲିପ୍‌ବାମ୍ ଲଗାଇବା ପରେ ଏକ ନରମ ଟୁଥ୍‌ବ୍ରଶ୍‌କୁ ନେଇ ହାଲୁକା ହାତରେ ଓଠରେ ଘଷନ୍ତୁ। ଏହା ଓଠରେ ଥିବା ଅତିରିକ୍ତ ଶୁଷ୍କତା ତଥା ରୁକ୍ଷପଣକୁ ଦୂର କରିଥାଏ। ଏକ୍ସଫ୍ଲୋଏଟ୍‌ସ ପରେ ଓଠ ଚିକ୍କଣ ଦିଶିଥାଏ। ଏଥିରେ ଲିପ୍‌ଷ୍ଟିକ୍ ଦୀର୍ଘ ସମୟ ରହିଥାଏ।

### ଲିପବାମ୍ ବା ମଏଶ୍ଚରାଇଜର୍

ଓଠକୁ ହାଇଡ୍ରେଟ୍ ରଖିବା ଅବା ଲିପ୍‌ଷ୍ଟିକ୍‌ରୁ ଓଠକୁ ଏକ ସୁରକ୍ଷା ପରସ୍ତ ଦେବାପାଇଁ ଲିପବାମ୍ କିମ୍ବା ମଏଶ୍ଚରାଇଜର୍ ଲଗାଇପାରିବେ। ଏହାଦ୍ୱାରା ଲିପ୍‌ଷ୍ଟିକ୍‌ରେ ଥିବା ରାସାୟନିକ ପଦାର୍ଥ ସିଧାସଳଖ ଓଠକୁ କ୍ଷତି ପହଞ୍ଚାଏନି। ଓଠକୁ ସୁସ୍ଥ ରଖିଥାଏ।

### ବ୍ୟବହାର ପ୍ରକ୍ରିୟା

ଲିପ୍‌ଷ୍ଟିକ୍ ଲଗାଇବାର ପାଞ୍ଚମିନିଟ୍ ପୂର୍ବରୁ ଗାଢ଼ା ନନ୍ ଗ୍ରୀସ୍ ଲିପ୍‌ଷ୍ଟିକ୍ ଲଗାଇପାରିବେ। ଓଠରେ ଲିପ୍‌ବାମ ଲଗାଇବା ପରେ ଅତିରିକ୍ତ ତେଲକୁ ଟିସ୍ୟୁ ପେପରରେ ଚିପକାଇ ଦିଅନ୍ତୁ। ନଚେତ୍ ଲିପ୍‌ଷ୍ଟିକ୍ ତଳକୁ ବହିବାର ସମ୍ଭବନା ଥାଏ। ଏହାପରେ ଲିପଷ୍ଟିକ୍ ଓ ଲିପ୍‌ଲାଇନର୍ ଲଗାଇ ଓଠକୁ ଏକ ଆକାର ଦେଇପାରିବେ।

# ପନିର୍ ସାଣ୍ଡୱିଚ୍

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ


ପନିର୍ – ୨୦୦ ଗ୍ରାମ୍, ସ୍ଲାଇଜ୍ ବ୍ରେଡ – ଚାରୋଟି, କଟାପିଆଜ – ଅଧା କପ୍, କଟା କ୍ୟାପ୍‌ସିକମ୍ – ଅଧା କପ୍, କଟା ରସୁଣ - ଏକ ଚାମଚ, ମାୟୋନିଜ୍ – ଏକ ଚାମଚ, ଧନିଆ ପତ୍ର – ଅଳ୍ପ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ପନିର୍‌କୁ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ। ଏହାପରେ କଡ଼େଇରେ ଅଳ୍ପ ତେଲ ଦେଇ ରସୁଣ, ପିଆଜ, କ୍ୟାପସିକମ୍, ଲୁଣ, ଚିଲ୍ଲି ଫ୍ଲେକ୍ସ, ଲଙ୍କାଗୁଣ୍ଡ, ପେରି ପେରି ମସଲା ସମେତ ଜିରା ଅଧା ଚାମଚ ପକାଇ ଭଲରେ ଗୋଳାଇ ଦିଅନ୍ତୁ। ଏହାପରେ ଭାଜି ରଖିଥିବା ପନିର୍‌କୁ ଦେଇ ସେଥିରେ ଏକ ଚାମଚ ମାୟୋନିଜ୍ ଓ ଧନିଆପତ୍ର ପକାଇ ମସଲା ପ୍ରସ୍ତୁତ କରନ୍ତୁ। ଏହାପରେ ଗୋଟିଏ ପ୍ଲେଟ୍‌ରେ ସ୍ଲାଇଜ୍ ବ୍ରେଡ୍ ନେଇ ତା' ଉପରେ ମାୟୋନିଜ୍ ଲଗାନ୍ତୁ। ଏହାପରେ ପ୍ରସ୍ତୁତ କରି ରଖିଥିବା ମସଲା ଷ୍ଟଫିଂକୁ ଦେଇ ଉପରେ ଆଉ ଏକ ବ୍ରେଡ୍ ରଖି ଚାପି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ପନିର୍ ସାଣ୍ଡୱିଚ୍'।

# ଶୀତ ପାଇଁ ଅମୁଲ ଫେସିଆଲ୍

**ଶୀତଦିନେ ତ୍ୱଚା ଶୁଖିଲା ଦେଖାଯାଏ। ମୁହଁର ଚମକ ହଜିଯାଏ। ତେଣୁ ତ୍ୱଚାରେ ଚମକ ଆଣିବା ପାଇଁ ଅନେକ ଫେସ୍ ପ୍ୟାକ୍ ଲଗାଇଥାନ୍ତି। ଏପରି ସ୍ଥଳେ ଚାହିଁଲେ ଘରେ ମିଲ୍କ ପାଉଡର ବା ଅମୁଲ ଉପଯୋଗ କରି ଫେସ ପ୍ୟାକ୍ ଲଗାଇପାରିବେ। ଏଥିରେ ଆଣ୍ଟିଏଜିଙ୍ଗ୍ ଏବଂ କ୍ଲିନ୍‌ଜର୍ ଗୁଣ ଥାଏ, ଯାହା ତ୍ୱଚା ସମସ୍ୟା ଦୂର କରିଥାଏ।**



### ଫେସ୍ କ୍ଲିନ୍

ଫେସିଆଲ୍ ପୂର୍ବରୁ ମୁହଁକୁ ପ୍ରଥମ ଭଲ ଭାବେ ଧୋଇଦିଅନ୍ତୁ। ଗୋଟିଏ ପାତ୍ରରେ ଏକ ଚାମଚ କଞ୍ଚାକ୍ଷୀର ନେଇ ଅଧାଚାମଚ ମିଲ୍କ ପାଉଡର ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୦ ମିନିଟ୍ ରଖନ୍ତୁ। ମୁହଁଧୋଇବା ସମୟରେ ହାତ ସାହାଯ୍ୟରେ ହାଲୁକା ମସାଜ୍ କରନ୍ତୁ। ଏହା ଦ୍ୱାରା ତ୍ୱଚାରୁ ଡେଡ୍ ସ୍କିନ୍ ଦୂର ହୋଇଥାଏ।

### ଷ୍ଟିମ୍

କ୍ଲିଜିଂ ପରେ ଷ୍ଟିମ୍ ନେବା ନିହାତି ଜରୁରୀ। ଷ୍ଟିମ୍ ନେବା ପାଇଁ ଆପଣ ଯେ କୌଣସି ଷ୍ଟିମର୍ ବ୍ୟବହାର କରିପାରିବେ। ଏହାଛଡ଼ା ଘରେ ମଧ୍ୟ ଗରମପାଣି କରି ସେହି ବାମ୍ଫକୁ ଷ୍ଟିମ୍ ଭାବେ ନେଇପାରିବେ। ଏହାଦ୍ୱାରା ତ୍ୱଚାର ସମସ୍ତ ଲୋମଛିଦ୍ର ଖୋଲିଯାଏ ଓ ତ୍ୱଚା ହାଇଡ୍ରେଟ୍ ରହେ।

### ସ୍କ୍ରବ୍

ସ୍କ୍ରବିଙ୍ଗ୍ କରିବା ପାଇଁ ଗୋଟିଏ ପାତ୍ରରେ ଅଧା ଚାମଚ ମିଲ୍କ ପାଉଡର, ଏକ ଚାମଚ ଚାଉଳ ଅଟା ଏବଂ ଦୁଇଚାମଚ କଞ୍ଚାକ୍ଷୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ ଭଲଭାବେ ସ୍କ୍ରବ୍ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ଥିବା ଡେଡ୍ ସ୍କିନ୍ ବାହାରିଯାଏ, ତ୍ୱଚା ସଫା ରହେ।

### ମସାଜ୍

ଫେସିଆଲ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମସାଜ୍। ଏଥିପାଇଁ ଗୋଟିଏ ପାତ୍ରରେ କିଛି ମିଲ୍କ ପାଉଡର ନିଅନ୍ତୁ। ସେଥିରେ ଅଳ୍ପ ମହୁ ଏବଂ ନଡ଼ିଆ ତେଲ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ୧୦ ମିନିଟ୍ ଲଗାଇ ରଖନ୍ତୁ। ମୁହଁ ଧୋଇବା ସମୟରେ ହାଲୁକା ହାତରେ ଏହାକୁ ମସାଜ୍ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ।

### ଫେସ୍‌ପ୍ୟାକ୍

ଶେଷରେ ତ୍ୱଚାରେ ଫେସପ୍ୟାକ୍ ଲଗାନ୍ତୁ। ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ ପାଇଁ ଗୋଟିଏ ପାତ୍ରରେ ଏକ ଚାମଚ ମିଲ୍କ ପାଉଡର, ଏକ ଚାମଚ ଚନ୍ଦନ ପାଉଡର, ଏକ ଚାମଚ ବେସନ, ଦହି ଓ ମହୁ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ପରେ ପାଣିରେ ତ୍ୱଚାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁର ଶୁଷ୍କତା ଦୂର ହୁଏ ଏବଂ ତ୍ୱଚାରେ ଚମକ ଆସିଥାଏ।

# ଘରେ ବନାନ୍ତୁ କଫି କର୍ଣ୍ଣର

**ସାଧାରଣତଃ ଶୀତ ଦିନେ କଫି , ଚା' ପିଇବାକୁ ସମସ୍ତେ ପସନ୍ଦ କରନ୍ତି। ଏଥିପାଇଁ ଅନେକ କାଫେ, ରେସ୍ତୋରା ଯାଇ କଫି ପିଅନ୍ତି; କିନ୍ତୁ ଚାହିଁଲେ ଘରେ ମଧ୍ୟ ଏକ ଶାନ୍ତ ପରିବେଶ କିମ୍ବା କଫି କର୍ଣ୍ଣର ପ୍ରସ୍ତୁତ କରିପାରିବେ। ଏଠାରେ ଶୀତଦିନେ ବସି କଫି ପିଇବାର ଆନନ୍ଦ ନେଇପାରିବେ।**



### ସ୍ଥାନ ଚୟନ

କଫି କର୍ଣ୍ଣର ତିଆରି ପାଇଁ ପ୍ରଥମେ ଘରର ଗୋଟିଏ କୋଣ ବାଛିବାକୁ ପଡ଼ିଥାଏ। ଘରେ ବେଡ୍ ରୁମ୍ ବଡ଼ ଥିଲେ ଶୋଇବା ଘରେ ମଧ୍ୟ ଏହା ତିଆରି କରିପାରିବେ। ନଚେତ୍ ରୋଷେଇ ଘର ବଡ଼ ଥିଲେ ଏହା କରିପାରିବେ। ଏଥିପାଇଁ ଛୋଟ ବହି ଥାକ ବ୍ୟବହାର କରି ଏହାକୁ କଫି ଷ୍ଟେସନ ଲୁକ୍ ଦେଇପାରିବେ।

### ସାଜସଜା

ନିଜ ସୁବିଧା ଅନୁସାରେ ଥାକ, ଛୋଟ ଚେୟାର୍ ଏବଂ ଟି - ପଏ ରଖିପାରିବେ। ଏହି କର୍ଣ୍ଣରକୁ ଅଧିକ ସୁନ୍ଦର ବା ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଏଥିରେ ବିଭିନ୍ନ ସୋ, ପିସ ରଖିପାରିବେ। ସେହିପରି ଚେୟାରକୁ ସୁନ୍ଦର କରିବା ପାଇଁ ଷ୍ଟାଇଲ ପିଲୋ, ଜାର୍, ମାଟିପାତ୍ର ଆଦି ରଖିପାରିବେ।

### ବହି ଏବଂ ମହମବତୀ

ବହି ବିନା କଫି ଟେବୁଲ ଅଧୁରା। ନିଜ ପସନ୍ଦ ତଥା ରୁଚି ଅନୁଯାୟୀ କିଛି ପୁସ୍ତକ ରଖିପାରିବେ। ସେହିପରି ଚାହିଁଲେ ଏହାକୁ ଆଲୋକିତ କରିବା ପାଇଁ ସୁଗନ୍ଧ ମହମବତୀ ଲଗାଇପାରିବେ।

### ମୁଲାନପୁରରେ ଦ୍ୱିତୀୟ ଟି-୨୦ ଆଜି

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ




**ମୁଲାନପୁର, ନ୍ୟୁ ଚଣ୍ଡିଗଡ଼, ୧୦।୧୨ (ଏଜେନ୍ସି):** କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭାରତ ୧୦୧ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଏହି ବିଜୟ ଖେଳାଳିଙ୍କ ମନୋବଳକୁ ବଢ଼ାଇଦେଇଛି। ଏଭଳି ସମୟରେ ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ନୂଆକରି ଗଠିତ ନ୍ୟୁ ଚଣ୍ଡିଗଡର ମୁଲାନପୁରରେ ଖେଳାଯିବ। ଏହି ମ୍ୟାଚ୍‌କୁ ଜିତି ଭାରତ ୨-୦ରେ ଅଗ୍ରଣୀ ନେବା ସହ ବିଜୟଧାରା ବଜାୟ ରଖିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ୨୦୧୪ ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ୨୭ଟି ମ୍ୟାଚ୍ ଜିତିଥିବା ବେଳେ ମାତ୍ର ୪ଟି ହାରିଛି। ଉକ୍ତ ଫାଇନାଲ ମ୍ୟାଚ୍ ହାରିବା ପରଠାରୁ ଦକ୍ଷିଣ ଆଫ୍ରିକା ମାତ୍ର ୯ଟି ଟ୍ୱେଣ୍ଟି୨୦ ଜିତିଥିବା ବେଳେ ୧୭ଟି ମ୍ୟାଚ୍ ହାରିଛି। ଏଥିରୁ ସ୍ପଷ୍ଟ ଯେ ବିଶ୍ୱ ଚାମ୍ପିଅନ୍ ଭାରତୀୟ ଟି୨୦ ଦଳ କେତେ ଶକ୍ତିଶାଳୀ ରହିଛି।

ବିଶ୍ୱର ୧ନଂ ଦଳ ବିଦେଶରେ ବହୁତ ଭଲ ପ୍ରଦର୍ଶନ କରିଛି। ତେଣୁ ଘରୋଇ ବାତାବରଣରେ ଏହା ପ୍ରାୟ ଅପରାଜେୟ ମନେହେଉଛି। ପ୍ରଥମଥର ଆନ୍ତର୍ଜାତିକ ଭେନ୍ୟୁର ମାନ୍ୟତା ପାଇଥିବା ନ୍ୟୁ ଚଣ୍ଡିଗଡ଼ ଷ୍ଟାଡିୟମ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ତୀବ୍ର ପ୍ରତିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଚଳିତ ସିରିଜରେ ଭ୍ରମଣକାରୀ ଦଳ ଉଭୟ ଟେଷ୍ଟ ଜିତିବା ପରେ ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ୧-୨ରେ ହାରିଥିଲା। ଏହା ପରେ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ହାରିଯିବାରେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଜିତି ଶୃଙ୍ଖଳାକୁ ୧-୧ କରିବାର ଲକ୍ଷ୍ୟ ରଖିଛି। ଏହି ମ୍ୟାଚ୍ ହାରିଗଲେ ବା ଦଳ ୦-୨ରେ ପଛରେ ରହିଲେ ସିରିଜରେ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର। ଅନ୍ୟ ପକ୍ଷରେ ଭାରତ ସବୁ ସ୍ଥିତିରେ ନଂ-୧ ଦଳ ଭଳି ଖେଳୁଛି। ମଙ୍ଗଳବାର କଟକରେ ଭାରତ ଏହା ଦେଖାଇଥିଲା। ଦଳ ନିୟମିତ ୱିକେଟ୍ ହରାଇଥିଲେ ହେଁ ବ୍ୟାଟ୍‌ସମ୍ୟାନ ସଟ୍ ଖେଳିବାରୁ ବିରତ ହୋଇନଥିଲେ। ଫଳରେ ଭାରତ ୧୭୫ ରନ୍ ଛିଡ଼ା କରାଇ ପାରିଥିଲା। ଉଭୟ ଦଳଙ୍କ ମଧ୍ୟରେ ଗତ ୭ଟି ମ୍ୟାଚ୍‌ରୁ ଭାରତ ୬ଟି ଜିତିଛି। ତେଣୁ ନ୍ୟୁ ଚଣ୍ଡିଗଡ଼ ମ୍ୟାଚ୍ ଜିତିବା ଲାଗି ଭାରତକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ ବୋଲି ଆଶା କରାଯାଉଛି। ଆସନ୍ତାବର୍ଷର ଟି-୨୦ ବିଶ୍ୱକପ୍ ଲାଗି ଭାରତ ଚମତ୍କାର ଢଙ୍ଗରେ ଆଗକୁ ବଢ଼ିଛି। ଉପମହାଦେଶରେ ଭାରତ ଅପରାଜେୟ ମନେହେଉଛି। ଟି-୨୦ ବିଶ୍ୱକପ୍ ପୂର୍ବରୁ ଘରୋଇ ଦଳକୁ ଆଉ ୯ଟି ମ୍ୟାଚ୍ ଖେଳିବାର ଥିବାରୁ ବିଜୟ ଧାରା ବଜାୟ ରଖିବାକୁ ଚାହିଁବ। କଟକରେ ଦକ୍ଷିଣ ଆଫ୍ରିକା ଇନିଂସର ପ୍ରଥମ ଓଭର ହିଁ ଦର୍ଶାଇଥିଲା ଯେ ପୂରା ଇନିଂସରେ କ'ଣ ହେବାକୁ ଯାଉଛି। କ୍ୱିଣ୍ଟନ ଡି କକ୍ ପ୍ରଥମ ଓଭରରେ ଆଉଟ୍ ହେବା ଦକ୍ଷିଣ ଆଫ୍ରିକା ପାଇଁ ଶକ୍ତ ଧକ୍କା ଥିଲା। ଅଭିଜ୍ଞ ଡି କକ୍ ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଶତକ ଅର୍ଜନ କରିଥିଲେ। ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଡି କକ୍ ଓ ମାରକ୍ରମଙ୍କ ଉପରେ ଅଧିକ ନିର୍ଭର କରିବ। ଦୁଇ ମଧ୍ୟକ୍ରମ ବ୍ୟାଟ୍‌ର ଟ୍ରିଷ୍ଟନ୍ ଷ୍ଟବ୍‌ସ ଓ ଡିୱାଲ୍‌ଡ ବ୍ରେଭିସ୍ ଭଲ ଫର୍ମରେ ଅଛନ୍ତି। ଅଭିଜ୍ଞ ଡେଭିଡ୍ ମିଲର ଫିନିସର ଭୂମିକା ନିର୍ବାହ କରିବେ। ଯଶପ୍ରୀତ ବୁମ୍‌ରା ଭାରତର ମ୍ୟାଚ୍ ବିଜେତା ବୋଲର। ହେଲେ କଟକରେ ଅର୍ଶଦୀପ ନୂଆ ବଲ୍‌ରେ ଯେପରି ବୋଲିଂ କଲେ; ତାହା ଭାରତକୁ ଉତ୍ସାହିତ କରିଛି। ଭାରତ ପାଇଁ ସର୍ବାଧିକ ଟି୨୦ ୱିକେଟ୍ ନେଇଥିବା ଅର୍ଶଦୀପ ବଲ୍‌କୁ ସ୍ୱିଙ୍ଗ୍ କରିଥିଲେ। ଭାରତ ଅପରିବର୍ତ୍ତିତ ଏକାଦଶ ନେଇ ଓହ୍ଲାଇପାରେ। ଫଳରେ କୁଳଦୀପ ଯାଦବଙ୍କୁ ପୁଣି ବସିବାକୁ ପଡ଼ିବ। ଦକ୍ଷିଣ ଆଫ୍ରିକା ନିଶ୍ଚୟ କିଛି ପରିବର୍ତ୍ତନ କରିପାରେ। ବ୍ୟାଟିଂକୁ ମଜଭୁତ କରିବା ପାଇଁ ପେସ୍ ବୋଲର ଲୁଥୋ ସିପାମ୍‌ଲାଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର କର୍ବିନ୍ ବୋଶ୍ ଖେଳିପାରନ୍ତି। ଅଲ୍‌ରାଉଣ୍ଡର ଡୋନୋଭାନ ଫରେରାଙ୍କ ସ୍ଥାନରେ ବ୍ୟାଟ୍‌ସମ୍ୟାନ ରିଜା ହେଣ୍ଡ୍ରିକ୍‌ସଙ୍କୁ ଖେଳାଇବା କଥା ଦକ୍ଷିଣ ଆଫ୍ରିକା ଚିନ୍ତା କରିପାରେ। ଉଚ୍ଚ ଗ୍ୟାଲେରୀ ନ ଥିବାରୁ ନ୍ୟୁ ଚଣ୍ଡିଗଡ଼ ଗ୍ରାଉଣ୍ଡରେ ସେତେ କାକରର ପ୍ରଭାବ ରହିବ ନାହିଁ। ଆଉ ମାତ୍ର ଗୋଟିଏ ୱିକେଟ୍ ନେଲେ ହାର୍ଦ୍ଦିକ ପାଣ୍ଡ୍ୟା ତୃତୀୟ ଭାରତୀୟ ଭାବେ ଆନ୍ତର୍ଜାତିକ ଟି-୨୦ରେ ୧୦୦ ୱିକେଟ୍ ପୂରଣ କରିବେ। ନ୍ୟୁ ଚଣ୍ଡିଗଡ଼ର ପିଚ୍ ବ୍ୟାଟିଂ ସହାୟକ ହେବ। ପିଚ୍ ଶୁଖିଲା ଥିବାରୁ ଏବଂ କାକରର କମ୍ ପ୍ରଭାବ ହେବାର ଥିବାରୁ ଏଠାରେ ଅଧିକ ରନ୍ ହୋଇପାରେ। ଉଭୟ ଦଳ ଟସ୍ ଜିତି ପ୍ରଥମ ବ୍ୟାଟିଂକରି ବଡ଼ ସ୍କୋର୍ କରିବାକୁ ଚାହିଁବେ।

ଚାରି ବର୍ଷ ତଳେ ନ୍ୟୁ ଚଣ୍ଡିଗଡ଼ ବା ମୁଲାନ୍‌ପୁରରେ ଏହି ଷ୍ଟାଡିୟମ୍ ନିର୍ମିତ ହୋଇଥିଲା। ଅଦ୍ୟାବଧି ଏଠାରେ କୌଣସି ପୁରୁଷ ଆନ୍ତର୍ଜାତିକ ମ୍ୟାଚ୍ ଖେଳା ଯାଇନାହିଁ। ତଥାପି ଏହା ପଞ୍ଜାବ କିଙ୍ଗସର ଘରୋଇ ଗ୍ରାଉଣ୍ଡ ହୋଇଥିବାରୁ ଏଠାରେ ଅଧିକାଂଶ ଭାରତୀୟ କ୍ରିକେଟର ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି।

## ବାରବାଟୀରେ ବରୁଣଙ୍କ ଅଭ୍ୟାସ



**କଟକ,୧୦।୧୨(ସମିସ):** ମଙ୍ଗଳବାର ବାରବାଟୀରେ ଦକ୍ଷିଣଆଫ୍ରିକାକୁ ଧୂଳି ଚଟାଇ ପ୍ରଥମ ବିଜୟ ହାସଲ କରିଥିବା ଭାରତୀୟ ଦଳ ଆଜି ଚଣ୍ଡୀଗଡ ଅଭିମୁଖେ ଯାତ୍ରା କରିଛି। ତେବେ ଦଳ ଓଡ଼ିଶା ଛାଡ଼ିବା ପୂର୍ବରୁ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଜି ପୂର୍ବାହ୍ନରେ ଅକସ୍ମାତ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଥିଲେ। ୮.୩୦ରେ ବାରବାଟୀରେ ପହଞ୍ଚିଥିଲେ ବରୁଣ। ପ୍ରାୟ ୪୫ ମିନିଟ ଧରି ସ୍ପିନ୍ ବୋଲିଂ ଅଭ୍ୟାସ କରିବା ପରେ ୯.୨୫ରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ବରୁଣ ବାରବାଟୀ ଆସୁଥିବା ଜଣାପଡ଼ିବା ପରେ ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ନିଜସ୍ୱ ଇଚ୍ଛାରେ ବରୁଣ ବାରବାଟୀକୁ ଆସି ଅଭ୍ୟାସ କରିଛନ୍ତି ବୋଲି ଓସିଏ ସିଇଓ ସୁବ୍ରତ କୁମାର ବେହେରା କହିଛନ୍ତି।

■ ଆଇସିସି ର୍‍ୟାଙ୍କିଂ

## ରୋହିତ ନଂ-୧, କୋହଲି ନଂ-୨

**ଦୁବାଇ,୧୦।୧୨(ଏଜେନ୍ସି):** ସର୍ବଶେଷ ଦିନିକିଆ ର୍‍ୟାଙ୍କିଂରେ ନଂ-୧ରେ ଥିବା ଭାରତର ରୋହିତ ଶର୍ମାଙ୍କ ନିକଟତର ହୋଇଛନ୍ତି ବିରାଟ କୋହଲି। ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ର୍‍ୟାଙ୍କିଂରେ ୭୮୧ ପଏଣ୍ଟ ରଖି ରୋହିତ ପ୍ରଥମ ଓ ୭୭୮ ପଏଣ୍ଟରେ କୋହଲି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରଶିଦ୍ ଖାନ୍ ବୋଲିଂରେ ପ୍ରଥମରେ ରହିଛନ୍ତି। ଟି-୨୦ ବ୍ୟାଟିଂରେ ଅଭିଷେକ ଶର୍ମା ଓ ବୋଲିଂରେ ବରୁଣ ଚକ୍ରବର୍ତ୍ତୀ ପ୍ରଥମ ସ୍ଥାନରେ ଅଛନ୍ତି। ଟେଷ୍ଟ ବ୍ୟାଟିଂରେ ଜୋ ରୁଟ୍ ଓ ବୋଲିଂରେ ଯଶପ୍ରୀତ୍ ବୁମ୍‌ରା ନଂ-୧ ସ୍ଥାନରେ ରହିଛନ୍ତି। ଟେଷ୍ଟ ଟିମ୍ ର୍‍ୟାଙ୍କିଂରେ ଅଷ୍ଟ୍ରେଲିଆ ନଂ-୧, ଦିନିକିଆ ଓ ଟି-୨୦ରେ ଭାରତ ନଂ-୧ ସ୍ଥାନରେ ରହିଛି।

## କିଟ୍‌କୁ ସିଆଇଆଇ ପୁରସ୍କାର

**ଭୁବନେଶ୍ୱର,୧୦।୧୨(ସମିସ):** ସମ୍ମାନଜନକ ସିଆଇଆଇ ସ୍ପୋର୍ଟ୍ସ ବିଜନେସ ପୁରସ୍କାର-୨୦୨୫ ଆଜି ପ୍ରଦାନ କରାଯାଇଛି। ସ୍ପୋର୍ଟ୍ସ ଷ୍ଟାଡିୟମ୍/ଆରେନା କାଟାଗୋରୀରେ କିଟ୍ ଡିମ୍‌ଡ ୟୁନିଭର୍ସିଟିକୁ ଶ୍ରେଷ୍ଠ ପୁରସ୍କାର ମିଳିଛି। ଭାରତରେ କିଟ୍ କ୍ରୀଡ଼ାକ୍ଷେତ୍ରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ପ୍ରୋତ୍ସାହନ ଦେବାରେ ଯେଉଁ କାର୍ଯ୍ୟ କରିଆସୁଛି ତାହା ଏହି ପୁରସ୍କାର ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଛି। ଏହା ପୂର୍ବରୁ କେନ୍ଦ୍ରୀୟ ସଂଗଠନ ଦ୍ୱାରା କିଟ୍ ଏକାଧିକଥର ପୁରସ୍କୃତ ହୋଇଛି।

## ଖେଲୋ ଇଣ୍ଡିଆ ବାସ୍କେଟ୍ ବଲରେ ଭାଗନେବେ ୧୪ ଟିମ୍

**ଭୁବନେଶ୍ୱର, ୧୦।୧୨ (ସମିସ):** କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ, ଭାରତ ଓ ଓଡ଼ିଶା ବାସ୍କେଟବଲ ସଂଘ ଆନୁକୂଲ୍ୟରେ ରାଜ୍ୟର ୧୪ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଟିମ୍‌କୁ ନେଇ ଅସ୍ମିତା ଖେଲୋ ଇଣ୍ଡିଆ ବାସ୍କେଟବଲ ଲିଗ୍ ଆୟୋଜିତ ହେବ। ମଦର୍ସ ପବ୍ଲିକ୍ ସ୍କୁଲ୍ ବାସ୍କେଟବଲ କୋର୍ଟରେ ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଚାମ୍ପିଅନ ହୋଇଥିବା ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

ଅନମୋଲ୍‌ଙ୍କ ଦମଦାର୍ ଗୋଲ୍

## ଭାରତକୁ କାଂସ୍ୟ, ଜର୍ମାନୀକୁ ସ୍ୱର୍ଣ୍ଣ

**ଚେନ୍ନଇ,୧୦।୧୨(ଏଜେନ୍ସି):** ଆର୍ଜେଣ୍ଟିନାକୁ ୪-୨ ଗୋଲରେ ପରାସ୍ତ କରି ଆୟୋଜକ ଭାରତ ଏଠାରେ ଆଜି ଶେଷ ହୋଇଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ ଐତିହାସିକ କାଂସ୍ୟ ପଦକ ହାସଲ କରିଛି। ସେହିପରି ଜର୍ମାନୀ ୩-୨ ପେନାଲ୍ଟି ସୁଟ୍‌ଆଉଟ ଗୋଲରେ ସ୍ପେନ୍‌କୁ ହରାଇ ଟାଇଟଲ ବଜାୟ ରଖିଛି। ସେମିରେ ଭାରତ ଚାମ୍ପିଅନ ଜର୍ମାନୀଠାରୁ ହାରିଥିଲା। ଭାରତର ଏହି କାଂସ୍ୟ ପଦକ ବିଜୟ ଫଳରେ ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୫ ଲକ୍ଷ ଲେଖାଏଁ ଓ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍‌ଙ୍କୁ ୨.୫ ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ଭାରତୀୟ ଦଳରେ ଓଡ଼ିଶାରୁ ରୋଶନ କୁଜୁର, ଅନ୍‌ମୋଲ ଏକ୍କା, ଆଦ୍ରୋହିତ ଏକ୍କା ସାମିଲ ଥିଲେ। କିମ୍ବଦନ୍ତୀ ଖେଳାଳି ବୀରେନ୍ଦ୍ର ଲାକ୍ରା ଦଳର କୋଚ୍ ମଧ୍ୟ ଅଛନ୍ତି।



ଖେଳାଳିଙ୍କୁ ୫, ସପୋର୍ଟ ଷ୍ଟାଫ୍‌ଙ୍କୁ ୨.୫ ଲକ୍ଷ ପୁରସ୍କାର

କାଂସ୍ୟ ପଦକ ମୁକାବିଲାରେ ନିକୋଲସ ରୋଡ୍ରିଗ୍ୱେଜ୍ ଓ ସାଣ୍ଟିଆଗୋ ଫର୍ଣ୍ଣାଣ୍ଡିଜ୍ ଗୋଲ ଦେଇ ଆର୍ଜେଣ୍ଟିନାକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଭାରତ ଶେଷ କ୍ୱାର୍ଟରରେ ୪ଟି ଯାକ ଗୋଲ ଦେଇଥିଲା। ଅଙ୍କିତ ପାଲ, ମନ୍‌ମିତ ସିଂହ ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ଦେଇ ଖେଳକୁ ସମାନସ୍ତରକୁ ଆଣିଥିଲେ। ଶାରଦାନନ୍ଦ ତିୱାରୀ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେଇ ଭାରତକୁ ୩-୨ରେ ଅଗ୍ରଣୀ କରାଇଥିଲେ। ୫୮ତମ ମିନିଟ୍‌ରେ ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଦମ୍‌ଦାର ଗୋଲ ଦେଇ ଦଳକୁ ଜିତାଇଥିଲେ।

## ରାଜ୍ୟସ୍ତରୀୟ ପାରାବ୍ୟାଡ୍‌ମିଣ୍ଟନ ୨୬ରୁ

**ଭୁବନେଶ୍ୱର, ୧୦।୧୨ (ସମିସ):** ନୟାପଲ୍ଲୀସ୍ଥିତ ପୁରୁଣା କ୍ରୀଡ଼ା ନିର୍ଦ୍ଦେଶାଳୟ ପରିସରରେ ଥିବା ଇଣ୍ଡୋର ହଲ ପରିସରରେ ଦୁଇ ଦିନିଆ ରାଜ୍ୟ ପାରାବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଚଳିତମାସ ୨୬ ଓ ୨୭ ତାରିଖ ଦୁଇଦିନ ଧରି ଖେଳାଯିବ। ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟର ଉପଲବ୍ଧ ସମସ୍ତ ଅନ୍ତର୍ଜାତୀୟ, ଜାତୀୟ ଓ ନବାଗତ ଖେଳାଳିଙ୍କୁ ନେଇ ଆୟୋଜିତ ହେବ। ଦିବ୍ୟାଙ୍ଗ ଖେଳାଳିଙ୍କ ମଧ୍ୟରେ ହୁଇଲଚେୟାର, ଗୋଡ଼ର ଭିନ୍ନକ୍ଷମତା, ହାତର ଭିନ୍ନକ୍ଷମତା ଓ କମ୍ ଉଚ୍ଚତାବିଶିଷ୍ଟ କାଟାଗୋରୀରେ ଖେଳାଯିବ। ଡିସେମ୍ବର ୨୨ ତାରିଖ ସୁଦ୍ଧା ପାରାବ୍ୟାଡ୍‌ମିଣ୍ଟନ କୋଚ୍ ଶିବପ୍ରସାଦ ଦାସ୍‌ଙ୍କ ସହ ଫୋନ ନଂ-୯୮୬୧୦-୮୯୯୭୦ ସହ ଯୋଗାଯୋଗ କରି ଅଂଶଗ୍ରହଣକରିବାକୁ ଇଚ୍ଛୁକ ଥିବା ଖେଳାଳିମାନେ ପଞ୍ଜୀକରଣ କରିପାରିବେ।

## ଭୁବନେଶ୍ୱରରେ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

**ଭୁବନେଶ୍ୱର, ୧୦।୧୨ (ସମିସ):** ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀଠାରେ ଆସନ୍ତା ୨୧ ତାରିଖରେ ଜିଲ୍ଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଆୟୋଜନ ହେବ। ସକାଳ ୧୦ରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ସିନିଅର, ଜୁନିଅର, ସବ୍-ଜୁନିଅର, ୧୦ ଓ ୮ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ୮ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ ଓ ବାଲାନ୍ସିଂ ବିମ୍, ସବ-ଜୁନିଅରରେ ଜିଏଫ୍‌ଆଇ ରୁଲ ଏବଂ ଜୁନିଅର ଓ ସିନିଅରରେ ଏଫ୍‌ଜିଆଇ ରୁଲ୍ ହିସାବରେ ପ୍ରତିଯୋଗିତା ଆୟୋଜନ ହେବ। ଆସୋସିଏସନର ସମ୍ପାଦକ ନରେନ୍ଦ୍ର କୁମରା ସେଠୀ ଭୁବନେଶ୍ୱରର ସମସ୍ତ ଜିମ୍ନାଷ୍ଟଙ୍କୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୂଚନା ଦେଇଛନ୍ତି। ଅଧିକ ବିବରଣୀ ପାଇଁ ୯୪୩୮୫୦୪୯୧୫, ୯୪୩୭୯୩୪୦୨୪, ୯୪୩୭୨୮୨୧୨୩ ନଂ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

■ କୁଚ୍‌ବିହାର ଟ୍ରଫି

## ଓଡ଼ିଶା ବିପକ୍ଷରେ ଶିବାନନ୍ଦଙ୍କ ଦ୍ୱିଶତକ, କ୍ରିଷ୍ଣନଙ୍କ ଶତକ

**ବଲାଙ୍ଗିର, କଟକ, ୧୦।୧୨(ସମିସ):** ବଲାଙ୍ଗିର ଗାନ୍ଧି ଷ୍ଟାଡିୟମ୍‌ରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର କର୍ଣ୍ଣାଟକ ବିପକ୍ଷ ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଦୟନୀୟ ପ୍ରଦର୍ଶନ କରିଛି। ଗତକାଲି ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଓଡ଼ିଶା ପ୍ରଥମ ଇନିଂସରେ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ଅଭୀରୂପ ଦାସ ୩୯ ଓ ଆଦିତ୍ୟରଞ୍ଜନ ରାୟ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଅକ୍ଷତ ପ୍ରଭାକର ୫ଟି ଓ ଇଶା ପୁଥିଗେ ୩ଟି ୱିକେଟ ନେଇ ଓଡ଼ିଶାର ବ୍ୟାଟିଂକୁ ଧ୍ୱସ କରିଦେଇଥିଲେ। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କର୍ଣ୍ଣାଟକ ପ୍ରଥମ ଇନିଂସରେ ମାତ୍ର ୩ ୱିକେଟ ହରାଇ ୪୧୨ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ମଣିକଣ୍ଠ ଶିବାନନ୍ଦ ୨୨୭ ଓ ଧ୍ରୁବ କ୍ରିଷ୍ଣନ ୧୦୫ ରନ୍ କରି ଓଡ଼ିଶାକୁ ଦୟନୀୟ ସ୍ଥିତିକୁ ନେଇଯାଇଥିଲେ।

## ଓଡ଼ିଶା ଜିଲ୍ଲା ଚେସ୍ ପ୍ରିମିୟର ଲିଗ୍‌ରେ ଖେଳିବେ ୧୨ ଦଳ

**ଭୁବନେଶ୍ୱର, ୧୦।୧୨ (ସମିସ):** ଓଡ଼ିଶା ଚେସ୍‌ରେ ଗୋଟିକ ପରେ ଗୋଟିଏ ନୂଆ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ର ସଫଳତା ପରେ ଏବେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ)ର ପକ୍ଷରୁ ଓଡ଼ିଶା ଜିଲ୍ଲା ଚେସ୍ ପ୍ରିମିୟର ଲିଗ୍‌ର ଆୟୋଜନ କରାଯାଇଛି। ଡିସେମ୍ବର ୧୯ ଓ ୨୦ ତାରିଖ ଦୁଇଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଜିଲ୍ଲା ଅଂଶଗ୍ରହଣ କରିବେ। ଏହି ଜିଲ୍ଲାଗୁଡିକ ହେଲେ ନୟାଗଡ଼, ମୟୁରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ପୁରୀ, ଗଞ୍ଜାମ, ସୋନପୁର, ବରଗଡ଼, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା ଓ ଢେଙ୍କାନାଳ ଜିଲ୍ଲା ଅଂଶଗ୍ରହଣ କରିବେ। କିନ୍ତୁ ଚେସ୍ ଖେଳର ପେଣ୍ଠସ୍ଥଳୀ ଖୋର୍ଦ୍ଧା ଓ କଟକ ଜିଲ୍ଲା ଏଥିରେ ଭାଗ ନେଉନାହାନ୍ତି। ନିଲାମି ମାଧ୍ୟମରେ ଜିଲ୍ଲା ଦଳ ଗୁଡିକ ଆଜି ଟିମ୍ କିଣିଛନ୍ତି। ଏଥିରେ ଭାଗନେବାକୁ ରାଜ୍ୟର ୧୧୮ ଜଣ ଖେଳାଳି ପଞ୍ଜୀକରଣ କରିଥିଲେ। ତାହା ମଧ୍ୟରୁ ପ୍ରତ୍ୟେକ ଜିଲ୍ଲା ୫ ଜଣ ଲେଖାଏଁ ଖେଳାଳିଙ୍କୁ କିଣିଥିଲେ ବୋଲି ଏଓସିଏ ସମ୍ପାଦକ ଙ୍କ ଦେବବ୍ରତ ଭଞ୍ଜ ଜଣାଇଛନ୍ତି।



■ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆଜିଠାରୁ

## ଚାମ୍ପିଅନଙ୍କୁ ୨ଲକ୍ଷ, ମୋଟ ପୁରସ୍କାର ୪.୫୫ ଲକ୍ଷ

**ଭୁବନେଶ୍ୱର, ୧୦।୧୨ (ସମିସ):** ବଛା ବଛା ୮ଟି ଦଳକୁ ନେଇ ରାଜ୍ୟସ୍ତରୀୟ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆସନ୍ତାକାଲିଠାରୁ ଆରମ୍ଭ ହେବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭୁବନେଶ୍ୱରର କ୍ଲବ୍-୭୩ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ୧୪ ତାରିଖଯାଏ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨ ଲକ୍ଷ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ସହ ମୋଟ ୪,୫୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି କ୍ଲବ୍‌ର ସମ୍ପାଦକ ସୁବ୍ରତ ପଟ୍ଟନାୟକଙ୍କଠାରୁ ପ୍ରକାଶ। ଆସନ୍ତାକାଲି ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ କଟକର ଦୁଇ କ୍ଲବ୍ ଯଥା ଗତବର୍ଷର ରନର୍ସଅପ୍ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ସହ ଫାଓ ଏକାଦଶ, ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱରର କିଶୋର କ୍ଲବ୍ ସହ ସମ୍ବଲପୁର ଫୁଟ୍‌ବଲ ଏକାଡେମୀ, ୧୨ ତାରିଖରେ ପ୍ରଥମ କଟକର ସନ୍‌ରାଇଜ୍ କ୍ଲବ୍ ସହ ଝାରସୁଗୁଡ଼ା ଏକାଦଶ, ଦ୍ୱିତୀୟ ମ୍ୟାଚ୍ କଟକର ମଙ୍ଗଳା କ୍ଲବ୍ ସହ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନର ମୁକାବିଲା ହେବ।


ଓଡ଼ିଶା ମାଷ୍ଟର୍ସ ୨୦୨୫

## ମାନଭ, ଉନ୍ନତିଙ୍କ ସହଜ ବିଜୟ



**କଟକ,୧୦।୧୨(ସମିସ):** ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୫ ଜାରି ରହିଛି। ଆଜି ଖେଳାଯାଇଥିବା ପୁରୁଷ ସିଙ୍ଗିଲ୍ସ ରାଉଣ୍ଡ-୬୪ର ପ୍ରଥମ ମୁକାବିଲାରେ ଭାରତର ଦୁଇ ପ୍ରତିଦ୍ୱନ୍ଦୀ ସାମ୍ନାସାମ୍ନି ହୋଇଥିଲେ। ଆଦିତ୍ୟ ଦିୱାକର ପ୍ରଥମ ସେଟ୍‌କୁ ୨୧-୧୯ ରେ ଜିତିଥିବା ବେଳେ ଅବଶିଷ୍ଟ ଦୁଇ ସେଟ୍‌କୁ ଯଥାକ୍ରମେ ୨୧-୧୩ ଏବଂ ୨୧-୧୬ ପଏଣ୍ଟରେ ବିଜୟୀ ହୋଇ ରାଜେଶ ଶ୍ରୀକର ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୋର୍ଟ-୧ରେ ଭାରତର ମାନଭ ଚୌଧୁରୀ ଏବଂ ଅଷ୍ଟ୍ରେଲିଆର ଏରେମ୍ ଷ୍ଟିଫେନ୍‌ଙ୍କ ମଧ୍ୟରେ ଆଜିର ଦ୍ୱିତୀୟ ମୁକାବିଲା ହୋଇଥିଲେ। ମାନବ ୨୧-୧୮ ଏବଂ ୨୧-୧୬ ପଏଣ୍ଟରେ ଦୁଇଟି ଯାକ ସେଟ୍‌ରେ ବିଜୟୀ ହୋଇ ରାଉଣ୍ଡ-୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ଥାଇଲାଣ୍ଡର ଟାନାଡନ୍ ଏବଂ ଫୁଙ୍ଗଫାଙ୍କ ଯୋଡି ସହ ଭାରତର ରୋହିତ ମାରିସ୍ୱାମୀ ଏବଂ ରିଦ୍ଧି କୌରଙ୍କ ଭିତରେ ମିକ୍ସଡ ଡବଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭାରତୀୟ ଯୋଡ଼ିଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ଥାଇଲାଣ୍ଡ ପ୍ରତିଦ୍ୱନ୍ଦୀ ଟାନାଡନ୍ ଏବଂ ଫୁଙ୍ଗଫା ୨୧-୧୫, ୨୧-୧୧ରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗିଲ୍ସ ରାଉଣ୍ଡ-୩୨ର ମ୍ୟାଚ୍‌ରେ ଭାରତୀୟ ପ୍ରତିଯୋଗୀ ଅନୁପମା ଉପାଧ୍ୟାୟ ୨୧-୧୪, ୨୧-୧୩ରେ ଇଣ୍ଡୋନେସିଆର ଆଘାନିଆ ପୁଟେରୀଙ୍କୁ ପରାସ୍ତ କରିଛନ୍ତି। ଏହି ରାଉଣ୍ଡର ଅନ୍ୟ ଏକ ମ୍ୟାଚ୍‌ରେ ଉନ୍ନତି ହୁଡାଙ୍କୁ ମଧ୍ୟ ସହଜ ବିଜୟ ମିଳିଥିଲା। ଭାରତୀୟ ପ୍ରତିଯୋଗୀ ଉନ୍ନତି ୨୧-୧୨, ୨୧-୧୮ ରେ ୟୁଏଇର ପ୍ରକ୍ରୀତି ଭାରତଙ୍କୁ ହରାଇଥିଲେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ଭିତରେ ମହିଳା ସିଙ୍ଗିଲ୍ସରେ ଆଦିତି ଭଟ୍ଟ, ଆକର୍ଷି କାଶ୍ୟପ, ପୁରୁଷ ସିଙ୍ଗିଲ୍ସରେ ଆର୍ଯ୍ୟ ଭିବପାଠକ, କିରଣ ଜର୍ଜ, ବରୁଣ କାପୁର, ପୁରୁଷ ଡବଲ୍ସରେ ଭାର୍ଗବ ରାମ, ବିଶ୍ୱ ତେଜଙ୍କୁ ବିଜୟ ମିଳିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS